ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, December 9/2025 | Page 12 | ₹ 7.00 | RAYAGADA
୫୨ଶ ଭାଗ ୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 16 | ମୂଲ୍ୟ₹୭/-

# ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

କଟକ,୮।୧୨(ଅନାଦି କର)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଖେଳାଳିଙ୍କଠାରୁ ଆରମ୍ଭ କରି ପିଚ୍, ସୁରକ୍ଷା ବ୍ୟବସ୍ଥା ସମେତ ସବୁ ପ୍ରକାର ପ୍ରସ୍ତୁତି ଶେଷ। ଏବେ କେବଳ ଲଢ଼େଇକୁ ଅପେକ୍ଷା। ବାରବାଟୀରେ ଖୁବ କମ୍ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଉଥିବାରୁ ଏହି ମ୍ୟାଚ୍ ଲାଗି ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ମ୍ୟାଚ୍ ଲାଗି ଦୁଇ ଦଳ ସୋମବାର ବାରବାଟୀ ଷ୍ଟାଡିୟମରେ ଦୀର୍ଘ ସମୟ ଧରି ଅଭ୍ୟାସ ମଧ୍ୟ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ନାଲି ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି। ଏଥିସହିତ ମ୍ୟାଚ୍ ଆଗକୁ ବଢ଼ିବା ସହ କାକରର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏଣୁ ମ୍ୟାଚ୍‌ଟି ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ବାରବାଟୀରେ ଏପର୍ଯ୍ୟନ୍ତ ୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ପୂର୍ବରୁ ବାରବାଟୀ ଗ୍ରାଉଣ୍ଡରେ ଭାରତ ଓ ଦ.ଆଫ୍ରିକା ପରସ୍ପରକୁ ଦୁଇ ଥର ଭେଟିଥିବା ବେଳେ ଉଭୟ ଥର ଭ୍ରମଣକାରୀ ଦଳ ବାଜିମାତ୍ କରିଛି। ଏଣୁ ରେକର୍ଡ ସମ୍ପୂର୍ଣ୍ଣ ରୂପେ ଦ. ଆଫ୍ରିକା ସପକ୍ଷରେ ☞ପୃଷ୍ଠା-୪

# ମ୍ୟାନେଜର ଦିଲ୍ଲୀରୁ ଗିରଫ, ଲୁଥ୍ରା ଭ୍ରାତା ଫେରାର

## ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୮।୧୨

ଉତ୍ତର ଗୋଆର ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ନାଇଟ୍ କ୍ଲବ୍‌ର ୨୦ କର୍ମଚାରୀ ଓ ୫ ପର୍ଯ୍ୟଟକ ଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା। ଏହି ମାମଲାରେ ପୋଲିସ ନାଇଟ୍ କ୍ଲବ୍‌ର ଜଣେ ମ୍ୟାନେଜରଙ୍କୁ ସୋମବାର ଦିଲ୍ଲୀରୁ ଗିରଫ କରିଛି। ଭରତ ନାମକ ଉକ୍ତ ମ୍ୟାନେଜର ନାଇଟ୍ କ୍ଲବ୍‌ର ଦୈନନ୍ଦିନ ପରିଚାଳନା ବୁଝୁଥିଲେ। ତାଙ୍କ ସମେତ ସୋମବାର ସୁଦ୍ଧା ୫ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ନାଇଟ୍ କ୍ଲବ୍‌ର ମାଲିକ ସୌରଭ ଲୁଥ୍ରା ଫେରାର ଅଛନ୍ତି। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଗ୍ନିକାଣ୍ଡରେ ଲୋକଙ୍କ ଜୀବନ ଯାଇଥିବାରୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏଥିସହିତ ମୃତକମାନଙ୍କ ପରିବାରକୁ ସବୁପ୍ରକାର ସହାୟତା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୌରଭଙ୍କ ସମେତ ତାଙ୍କ ଭାଇ ତଥା ଗୌରବଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ**



ବାରବାଟୀ ଷ୍ଟାଡିୟମରେ ସୋମବାର ଭାରତୀୟ ଦଳର ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଯଶପ୍ରୀତ୍ ବୁମ୍‌ରା। **(ଫଟୋ: ରାଜକିଶୋର ମହାନ୍ତି)**

# କେନ୍ଦ୍ରୀୟ ଅନୁଦାନ କମିଛି ୪ହଜାର କୋଟି: ବିରୋଧୀ

**■ ୫୦ବର୍ଷ ଯାଏ ହଟିବୁନି: ଶାସକ ■ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା**

**ଓଡ଼ିଶାରେ ଭାଜପା ସରକାର ଗଠନ ହେବା ପରେ ରାଜ୍ୟକୁ ଅଧିକ ଅନୁଦାନ ମିଳିବ ବୋଲି ରାଜ୍ୟବାସୀ ଆଶା ରଖିଥିଲେ। ହେଲେ ବାସ୍ତବକ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି କେନ୍ଦ୍ରୀୟ ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ମିଳୁଛି ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ପୂର୍ବବର୍ଷ(୨୦୨୩-୨୪)ତୁଳନାରେ ଗତ ୮ ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ମିଳିଛି ବୋଲି କହି ସୋମବାର ବିଧାନସଭାରେ ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।**

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଓଡ଼ିଶାକୁ ଡବଲ ଫାଇଦା ହେବା କଥା, ମାତ୍ର ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ପରିମାଣର ମିଳୁଛି। ଗତ ୮ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ରାଜ୍ୟ ପାଇଛି। ଏଥିରେ ରାଜ୍ୟର ବିକାଶ କିଭଳି ହେବ। ସରକାର କେବଳ ଋଣ କରି ଘିଅ ଖାଇବାକୁ ବାହାରିଛନ୍ତି। ରାଜସ୍ୱ ଅଭାବରୁ ଖୋଲା ବଜାରରୁ ସରକାର ୯୧ହଜାର କୋଟି ଋଣ କରିଛନ୍ତି। ଏଭଳି ବିକାଶ ହେଲେ ୨୦୦୦ ପୂର୍ବରୁ ରାଜ୍ୟରେ ଯେଭଳି ବିକଳ ଅର୍ଥନୀତି ଥିଲା ପୁଣି ସେହି ଅବସ୍ଥା ସୃଷ୍ଟି କାହିଁକି ନ ହେବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସୋମବାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଶାସକଦଳ ଏହାର ଦୃଢ଼ ଜବାବ ରଖି କହିଛି, ପୂର୍ବର ୨୪ବର୍ଷର ବିଜେଡି ସରକାର କେବଳ ଠିକାଦାର ପ୍ରୀତି ଦେଖାଇ ଓଡ଼ିଶାକୁ ଲୁଟ୍ କରୁଥିଲା, ହେଲେ ଏବେ ବିକାଶ କ'ଣ ରାଜ୍ୟବାସୀ ଦେଖିବେ ବୋଲି ସଦସ୍ୟମାନେ କହିଥିଲେ।

ବିଧାନସଭାରେ ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୭ହଜାର ୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରି ଗୃହରେ ପାରିତ କରିବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ବିରୋଧୀ ଦଳ ସଦସ୍ୟ ଅରୁଣ ସାହୁ ଆଲୋଚନା ଆରମ୍ଭ କରି ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। ସେ ରାଜ୍ୟରେ ବଢ଼ି ଚାଲିଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ଦୁର୍ନୀତି, ଏସ୍ଆଇ ଚାକିରି ଦୁର୍ନୀତି, ବାଲେଶ୍ୱର, ବଲଙ୍ଗା, ଗୋପାଳପୁର, ମାଲକାନଗିରି ପ୍ରଭୃତି ସ୍ଥାନରେ ଆତ୍ମହତ୍ୟା ଓ ନାରୀ ନିର୍ଯାତନା, ମାନବଚାଲାଣ, ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାରିଥିବା ମାଡ଼, ଜେଲରୁ କଏଦୀ ଚମ୍ପଟ, ଆମେରିକା ସରକାରଙ୍କ ଦ୍ୱାରା ଜାରି ଆଡ୍‌ଭାଇଜରୀ, ପୋଲିସ ହେପାଜତରୁ ୩୯ଜଣ ଫେରାର, କଟକରେ ଦଙ୍ଗା, ପୁରୀରେ ରଥଯାତ୍ରାବେଳେ ଦଳାଚକଟା ମୃତ୍ୟୁ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଚାକିରି, ଦାଦନ, ଚାଷୀଙ୍କ କ୍ଷେତ୍ରରେ ସରକାରଙ୍କ ଚରମ ବିଫଳତା କାହିଁକି ବୋଲି ପ୍ରଶ୍ନ କରିଥିଲେ। ଆଲୋଚନାରେ ଭାଗନେଇ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ସରକାରଙ୍କ ଅତିରିକ୍ତ ବଜେଟ ମାୟାଜାଲ ପରି ଲାଗୁଛି। ☞ପୃଷ୍ଠା-୪

# ମାଲକାନଗିରି: ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍, ମଦଦୋକାନ ବନ୍ଦ

**ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା**

**ଏମ୍‌ଭି-୨୬ରେ ଜାଳିଦେଲେ ୫୦ ଘର, ପୋଲିସ ଛାଉଣି**

ମାଲକାନଗିରି/କୋରୁକୋଣ୍ଡା,୮।୧୨
(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଡୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା ପରେ ଉତ୍ତେଜନା ତୀବ୍ର ହେବାରେ ଲାଗିଛି। ଏହାକୁ ନେଇ ରାଖେଲଗୁଡ଼ା ଏବଂ ଏମ୍‌ଭି -୨୬ ଗ୍ରାମ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ରବିବାର ଜିଲାପାଳଙ୍କ ସହ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣାଧୀନ କରିଥିବା ବେଳେ ସୋମବାର ପୁଣି ଉତ୍ତେଜନା ବଢ଼ିଛି। ଗୋଟିଏ ଗୋଷ୍ଠୀର ଲୋକ ରାଖେଲଗୁଡ଼ା ନଦୀକୂଳରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକତ୍ରିତ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମାଲକାନଗିରି ସଦର ମହକୁମାରେ ☞ପୃଷ୍ଠା-୪

## ବିଧାନସଭା ସରଗରମ

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

ମାଓପ୍ରବଣ ମାଲକାନଗିରି ଜିଲାରେ ସରକାରଙ୍କ ଅବହେଳାରୁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଇଛି। ବିଧାନସଭାରେ ସୋମବାର ଶୂନ୍ୟକାଳରେ ବିରୋଧୀଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ମାଲକାନଗିରିରେ କିଛିଦିନ ମଧ୍ୟରେ ☞ପୃଷ୍ଠା-୪



ଏମ୍‌ଭି-୨୬ ଗାଁରେ ଆନ୍ଦୋଳନକାରୀ ଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି।

# କଲେଜରେ ଛୁରାମାଡ଼, ଛାତ୍ର ଗୁରୁତର

**ଛାତ୍ର ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ମାର୍‌ପିଟ, ଆକ୍ରମଣ ଘଟଣା ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରୁଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଉଛି, ଯାହା ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ଯଦିଓ ଶିକ୍ଷାନୁଷ୍ଠାନରେ ଏସବୁ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଲାଗି ପ୍ରିନ୍ସିପାଲ, ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକମାନେ ହସ୍ତକ୍ଷେପ କରିଥାନ୍ତି। କିନ୍ତୁ ଏଭଳି ଘଟଣା ଥମିବାର ନାଁ ଧରୁନି। ଏହି କ୍ରମରେ ସୋମବାର ମୟୂରଭଞ୍ଜ ଜିଲା କୁଳିଅଣାର ବାଇଗଣବାଡ଼ିଆସ୍ଥିତ ବାବାବଳିଆ କଲେଜରେ ଦୁଇ ଯୁକ୍ତ-୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି। ଜଣେ ଛାତ୍ରଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି।**

ବାରିପଦା/କୁଳିଅଣା,୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ (ବିବି) ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଛୁରା ମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ର ଜଣକ ହେଲେ କୁଳିଅଣା ଥାନା ଅଧୀନ ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣି(୧୭)। ସେ ଉକ୍ତ କଲେଜର

**ପ୍ରେମ ବ୍ୟାପାରକୁ ନେଇ ଚର୍ଚ୍ଚା**

ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। କଲେଜ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ବାରିପଦା ସଦର ଥାନା ଅଞ୍ଚଳର। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବେଳେ ବ୍ୟବହୃତ ଛୁରିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୦୮/୨୫) ରୁଜୁ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂଚନା ଅନୁଯାୟୀ, ୨ ଛାତ୍ରଙ୍କ ମଧ୍ୟରେ କିଛି ଦିନ ହେଲା ତିକ୍ତତା ଲାଗିରହିଥିଲା। ସୋମବାର ମଧ୍ୟାହ୍ନ ୧୨ଟା୩୦ ମିନିଟ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ଏକ ଛୁରିରେ ପ୍ରହ୍ଲାଦଙ୍କ ପେଟକୁ ଭୁସିଦେବାରୁ ତାଙ୍କ ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା। କଲେଜ କର୍ତ୍ତୃପକ୍ଷ ଆକ୍ରମଣକାରୀ ଛାତ୍ରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ତଦନ୍ତକାରୀ ଅଫିସର ଏସ୍ଆଇ ପ୍ରକାଶ କୁମାର ଗୋସ୍ୱାଇଁ ସଦଳବଳ ପହଞ୍ଚି ଆକ୍ରମଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ସୂଚନା ମିଳିଛି।

# ୪୨ବର୍ଷ ପରେ ମନ୍ଦିରକୁ ଫେରିବ ବିରଳ ପ୍ରାଚୀନ ମୂର୍ତ୍ତି

ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇ ଦୀର୍ଘ ୪୨ବର୍ଷ ସିବିଆଇ ମାଲଖାନାରେ ଥିବା ୧୨ ବିରଳ ପ୍ରାଚୀନ ମୂର୍ତ୍ତି ପୁଣି ମନ୍ଦିରକୁ ଫେରିବ। ସୋମବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟଙ୍କ ରାୟ ପରେ ମୂର୍ତ୍ତି ଫେରିବା ଆଶା ଉଜ୍ଜୀବିତ ହୋଇଛି। ବିଚାରପତି ହିମାଂଶୁ ମଲ୍ଲିକ ଏ ସମ୍ପର୍କରେ ରାୟ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସୋନପୁର ରାଜଉଆସର ଠିକ୍ ସମ୍ମୁଖରେ ଗୋପାଳଜୀ ମନ୍ଦିର ଅବସ୍ଥିତ। ରାଜ ପରିବାରର ଇଷ୍ଟଦେବତା ହେଉଛନ୍ତି ଶ୍ରୀଗୋପାଳଜୀ ଠାକୁର। ଦେଶ ସ୍ୱାଧୀନ ହେଲା ପରେ ରାଜ ଶାସନ ଅବସାନ ପରେ ମନ୍ଦିରଗୁଡ଼ିକର ଦାୟିତ୍ୱ ସରକାର ନେଇଥିଲେ। ତେବେ ୧୯୮୨ ମସିହାରେ ମନ୍ଦିରରୁ ବହୁମୂଲ୍ୟ ପ୍ରାଚୀନ ରାଧା, ଗୋପାଳଜୀ, ଗରୁଡ଼ଙ୍କ ସମେତ ୯ଗୋଟି ପାର୍ଶ୍ୱ ଦେବତା ଏପରି ମୋଟ ୧୨ମୂର୍ତ୍ତି ଚୋରି ହୋଇଥିଲା। ସେହିବର୍ଷ ଦିଲ୍ଲୀ ବିମାନ ବନ୍ଦରଠାରେ ସିବିଆଇ ଦ୍ୱାରା ଚୋର ଧରାପଡ଼ିଥିଲେ। ଚାନ୍ଦିନିଚୌକର ଫତେପୁରୀ ନିକଟରୁ ସିବିଆଇ ମୂର୍ତ୍ତିଗୁଡ଼ିକ ଜବତ କରିଥିଲା। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ଚୋରି ମୂର୍ତ୍ତିଗୁଡ଼ିକ ଚିହ୍ନଟ ହୋଇଥିଲା। ମୂର୍ତ୍ତିଗୁଡ଼ିକ ସେବେଠାରୁ ଭୁବନେଶ୍ୱରସ୍ଥିତ ସିବିଆଇ ମାଲଖାନାରେ ଆସି ରହିଥିଲା। ବିଭିନ୍ନ ସମୟରେ ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉ ନ ଥିଲା। ମନ୍ଦିର କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସ୍ୱମନ୍ଦିରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ☞ପୃଷ୍ଠା-୪

**ଉଦ୍ଧାର ପରେ ସିବିଆଇ ମାଲଖାନାରେ ରହିଛି**




ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିର

# ଓଡ଼ିଶା ଯୋଜନାକୁ ସୀମାନ୍ତବର୍ତ୍ତୀ ୭ ଗାଁର ବର୍ଜନ ନିଷ୍ପତ୍ତି

**ଓଡ଼ିଶା ସୀମାନ୍ତବର୍ତ୍ତୀ କେତେକ ଅଞ୍ଚଳକୁ ନିଜର ଦର୍ଶାଇବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଦୀର୍ଘବର୍ଷ ହେଲା ଅନେକ ଷଡ଼ଯନ୍ତ୍ର କରିଆସୁଛନ୍ତି। ଏହାର ବହୁ ଉଦାହରଣ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନେ କୋଟିଆ ପଞ୍ଚାୟତ ଅଧୀନ ୭ ଗ୍ରାମର ଲୋକଙ୍କୁ ମେଳି କରି ଓଡ଼ିଶା ବିରୋଧୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚଳାଇଛନ୍ତି। ସେହି ଏଜେଣ୍ଟମାନଙ୍କ କଥାରେ ପଡ଼ି ୭ ଗ୍ରାମର ଲୋକେ ଓଡ଼ିଶାର ସରକାରୀ ଯୋଜନା ଗ୍ରହଣ ନ କରିବାକୁ ସୋମବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏନେଇ ବ୍ଲକ ଓ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ।**

ପଟ୍ଟାଙ୍ଗି,୮।୧୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଏକ ସ୍ଥାନରେ ୭ ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇ ସୋମବାର ଏକ ବୈଠକ କରିଛନ୍ତି। ଓଡ଼ିଶାର ସମସ୍ତ ସରକାରୀ ଯୋଜନା ଗ୍ରହଣ ନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଏ କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଜଣାପଡ଼ିଛି।

ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନଙ୍କ ନେତୃତ୍ୱରେ ଫାଟୁସିନେରୀ, ଫଗୁଣସିନେରୀ, ସଲପଗୁଡ଼ା, ହରମାଣ୍ଡାଙ୍ଗି, କଣାଦୋରା, ତଳଗଞ୍ଜେଇପଦର ଓ ଡୋଲିଆମ୍ବ ଆଦି ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇଛନ୍ତି। ନଭେମ୍ବର ୨୫ରେ ଆନ୍ଧ୍ରର କୃଷି ବିଭାଗର କେତେଜଣ ଅଧିକାରୀଙ୍କ ଦ୍ୱାରା ହରମାଣ୍ଡାଙ୍ଗି, ଫାଟୁସିନେରୀ ଓ ଡୋଲିଆମ୍ବ ଆଦି ଗ୍ରାମରେ ହେଉଥିବା ସର୍ଭେକୁ ପଟ୍ଟାଙ୍ଗି

**ଆନ୍ଧ୍ରର ଚକ୍ରାନ୍ତ**

ବ୍ଲକ୍ ପ୍ରଶାସନ ବନ୍ଦ କରି ସର୍ଭେ କାଗଜକୁ ଜବତ କରିଥିଲା। ଏହାକୁ ବୈଠକରେ ବିରୋଧ କରାଯାଇଛି। ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା ତଥା ଶିକ୍ଷା, ଭତ୍ତା ଆଦି ବ୍ୟବସ୍ଥାକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲାଗିଥିବା ଓଡ଼ିଶାର ନାମଫଳକକୁ ଭାଙ୍ଗିଦେଇ ଘୋର ପ୍ରତିବାଦ କରାଯାଇଥିଲା। ବୈଠକ କରିବା ପୂର୍ବରୁ ଫାଟୁସିନେରୀରେ ଅବସ୍ଥିତ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟକୁ ଅଭିଭାବକମାନେ କୌଣସି ପିଲାଙ୍କୁ ଛାଡ଼ି ନ ଥିଲେ। ଏହି ସ୍କୁଲକୁ ପିଲାଙ୍କୁ ନ ଛାଡ଼ିବାକୁ ଆନ୍ଧ୍ରର ଏଜେଣ୍ଟମାନେ ସେମାନଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କ ବୈଠକ ନେଇ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ସୀମାନ୍ତ ଉପରସେମ୍ଳିଗ୍ରାମରେ ଓଡ଼ିଶା ପକ୍ଷରୁ ଅଙ୍ଗନୱାଡ଼ି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଓଡ଼ିଶାର ଏହି ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟକୁ ଗ୍ରାମବାସୀ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଛନ୍ତି। ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ମଧ୍ୟ ବାରଣ କରାଯାଇଛି। ତେବେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷକ ନିୟମିତ ଗ୍ରାମରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ଅଛି। ଏ ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏ ବିଷୟରେ ଜିଲାପାଳ ମନୋଜ ସତ୍ୟବାନ ☞ପୃଷ୍ଠା-୪

## ସଂକ୍ଷେପରେ

### ଜାପାନରେ ୭.୬ ତୀବ୍ରତାର ଭୂକମ୍ପ

**ସୁନାମି ସତର୍କ ସୂଚନା ଜାରି**

ଟୋକିଓ,୮।୧୨

ଜାପାନ ଉପକୂଳରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ରାତି ୧୧ଟା ୪୦ ସୁଦ୍ଧା ୩ ମିଟର ଉଚ୍ଚର ସୁନାମି ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଓମୋରି ସହର ନିକଟ ହୋକୋଇଡୋ ଉପକୂଳକରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ଭୂକମ୍ପ ସମୟରେ ଗାଡ଼ିଗୁଡ଼ିକ ଦୋହଲୁଥିବା ଏବଂ ଲୋକେ ଭୟରେ ଘରୁ ବାହାରି ଆସୁଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି।

### କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ: ମନ୍ତ୍ରୀ

**ଇଣ୍ଡିଗୋ ବିମାନ ସେବା ବିଭ୍ରାଟ**

ନୂଆଦିଲ୍ଲୀ,୮।୧୨(ପି.ଟି.)

ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବାରେ ସପ୍ତାହେ ହେଲା ବିଭ୍ରାଟ ଲାଗିରହିଥିବାବେଳେ ଲୋକ ସଭାରେ ବିରୋଧୀ ଦଳ ସୋମବାର ଏହା ଉପରେ ସରକାରଙ୍କ ବିବୃତି ଦାବି କରିଥିଲେ। ବିମାନ ସେବା ବାଧାପ୍ରାପ୍ତ ହେବାରୁ ଦେଶର ବିଭିନ୍ନ ଏୟାରପୋର୍ଟରେ ଅନେକ ହଜାର ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କ'ଣ ପାଇଁ ଏଭଳି ସମସ୍ୟା ଉପୁଜିଲା, ସରକାର ଜଣାନ୍ତୁ ବୋଲି ପ୍ରଶ୍ନୋତ୍ତର କାଳରେ ଗୃହର ଉପନେତା ଗୌରବ ଗୋଗୋଇ କହିଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏହା ଉପରେ ସବିଶେଷ ତଥ୍ୟ ଦେବେ ବୋଲି ବାଚସ୍ପତି ଓମ୍ ବିର୍ଲା କହିଥିଲେ। ବିମାନ ସେବାରେ ସଙ୍କଟ ପାଇଁ ଇଣ୍ଡିଗୋ ବିରୋଧରେ ସରକାର ଅତ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ନାଇଡୁ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଏୟାରଲାଇନ୍ସ ଏହାର କର୍ମଚାରୀ ଏବଂ ଡ୍ୟୁଟି ରୋଷ୍ଟର ପରିଚାଳନା କରିବାରେ ବିଫଳ ହୋଇଛି। ସରକାର ଏହା ଉପରେ ତଦନ୍ତ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ କେବଳ ବର୍ତ୍ତମାନର ସ୍ଥିତି ପାଇଁ ନୁହେଁ ବରଂ ଦୃଷ୍ଟାନ୍ତମୂଳକ ଭାବେ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୋମବାର ଇଣ୍ଡିଗୋର ପ୍ରାୟ ୫୦୦ ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୧୩୭ଟି ରୁଟ୍‌ରେ ୧,୮୦୨ ବିମାନ ଉଡ଼ାଣ କରିଛି। ସପ୍ତାହେ ଧରି ବାତିଲ ଓ ବିଳମ୍ବିତ ହୋଇଥିବା ବିମାନ ପାଇଁ ଏୟାରଲାଇନ୍ସ କର୍ତ୍ତୃପକ୍ଷ ସୋମବାର ସୁଦ୍ଧା ଯାତ୍ରୀମାନଙ୍କୁ ମୋଟ ୮୨୭ କୋଟି ଟଙ୍କା ଫେରସ୍ତ କରିଛନ୍ତି। ଏଥିସହିତ ଯାତ୍ରୀମାନଙ୍କୁ ୪,୫୦୦ ବ୍ୟାଗେଜ୍ ଫେରାଇ ଦିଆଯାଇଛି।

### ବାହାବଲପୁରରେ ଜୈଶ, ଲଶ୍କର ଆତଙ୍କବାଦୀଙ୍କ ସଭା


ନୂଆଦିଲ୍ଲୀ,୮।୧୨

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟାଳୟ ଥିବା ପାକିସ୍ତାନର ବାହାବଲପୁରଠାରେ ବହୁ ସଂଖ୍ୟାରେ ଜୈଶ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଏକାଠି ହୋଇ ସଭା କରିଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଉଭୟ ସଂଗଠନରୁ ବହୁସଂଖ୍ୟାରେ ଆତଙ୍କବାଦୀ ଯୋଗ ଦେଇଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାବଲପୁର ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା।

# ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

**ଗାନ୍ଧିଜୀଙ୍କ ଇଚ୍ଛାକୁ ବଦଳାଇଥିଲା କଂଗ୍ରେସ: ମୋଦି**

**ପ୍ରଧାନମନ୍ତ୍ରୀ ଇତିହାସ ବଦଳାଇବାକୁ ଚାହୁଁଛନ୍ତି: କଂଗ୍ରେସ**




ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାଗ ନେଇଛନ୍ତି।

ନୂଆଦିଲ୍ଲୀ,୮।୧୨(ପି.ଟି.)

ସାମାଜିକ ସୌହାର୍ଦ୍ଦ୍ୟ ନାମରେ କଂଗ୍ରେସ ଜାତୀୟ ଗାନ ବନ୍ଦେ ମାତରମ୍‌କୁ ଖଣ୍ଡ ଖଣ୍ଡ କରିଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅଭିଯୋଗ କରିଛନ୍ତି। ଏହି ଦଳ ଏବେ ବି ତୁଷ୍ଟୀକରଣ ରାଜନୀତି କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକ ସଭାରେ ବିତର୍କ ଆରମ୍ଭ କରି ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଟାର୍ଗେଟ କରିଛନ୍ତି। ବନ୍ଦେ ମାତରମ୍ ଗାନ ମୁସଲମାନମାନଙ୍କୁ କ୍ରୋଧିତ କରିବ ପ୍ରସ୍ତାବରେ ନେହେରୁ ରାଜି ହୋଇଥିଲେ ବୋଲି ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାପଡ଼ିଛି। ଲକ୍ଷ୍ନୌରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ବିକ୍ଷୋଭ ପରେ ନେହେରୁ ଏହି ପତ୍ର ଲେଖିଥିଲେ। ପରେ ବନ୍ଦେ ମାତରମ୍ ଗାନ ବ୍ୟବହାର କରାଯିବା ଉପରେ ସମୀକ୍ଷା ପାଇଁ କଂଗ୍ରେସର ଏକ ଅଧିବେଶନ ବଙ୍ଗରେ ଡକାଯାଇଥିଲା। ଏହା ସତ୍ତ୍ୱେ ବନ୍ଦେ ମାତରମ୍ ସହ କଂଗ୍ରେସ ସାଲିସ କରିଥିଲା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ନାମରେ ଏହାକୁ ଭାଗ ଭାଗ କରିଦିଆଯାଇଥିଲା, ଇତିହାସ ଯାହାର ସାକ୍ଷୀ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତୁଷ୍ଟୀକରଣ ରାଜନୀତିର ଚାପରେ କଂଗ୍ରେସ ଏପରି କରିଥିଲା। ଏହି କାରଣରୁ କଂଗ୍ରେସ ଦେଶ ବିଭାଜନ ଦାବି ନିକଟରେ ମୁଣ୍ଡ ନୁଆଁଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ବନ୍ଦେ ମାତରମ୍ ଏତେ ଲୋକପ୍ରିୟ ହୋଇଯାଇଛି ଯେ ଜାତୀୟ ସଙ୍ଗୀତ ହେବାକୁ ଯାଉଛି ବୋଲି ମହାତ୍ମା ଗାନ୍ଧୀ ୧୯୦୫ରେ ଲେଖିଥିଲେ। ତେବେ ଏହା ପ୍ରତି କାହିଁକି ଅନ୍ୟାୟ କରାଗଲା ବୋଲି ସେ ବିବ୍ରତ ହୋଇଥିଲେ। ବନ୍ଦେ ମାତରମ୍ ଉପରେ ମହାତ୍ମା ଗାନ୍ଧୀଙ୍କ ଇଚ୍ଛାକୁ ବଦଳାଇଦେବା ପାଇଁ କେଉଁ ଚାପ ଏତେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ବନ୍ଦେ ମାତରମ୍‌ର ନିଷ୍ପକ୍ଷ ମୂଲ୍ୟାୟନ କରିବାର ସମୟ ଆସିଛି। ସମ୍ପୂର୍ଣ୍ଣ ଗାନ ଏବଂ 'ଆନନ୍ଦ ମଠ' ପୁସ୍ତକ କଦାପି ମୁସଲମାନ ବିରୋଧୀ ନ ଥିଲା, ବରଂ ବେଙ୍ଗଲ ନବାବ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଥିଲା। କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଭାରତକୁ ଭାଗ ଭାଗ କରାଇଲା ବୋଲି ରାଜନାଥ ଅଭିଯୋଗ କରିଛନ୍ତି।

ବିତର୍କରେ ଭାଗନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ଇତିହାସର ପୁନର୍ଲିଖନ କରିବାକୁ ଉଦ୍ୟମ କରିବା ସହ ବନ୍ଦେ ମାତରମ୍ ବିତର୍କକୁ ରାଜନୈତିକ ରୂପ ଦେଉଛନ୍ତି ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି। ଭାଜପା ଯେତେ ଚେଷ୍ଟା କଲେ ମଧ୍ୟ ନେହେରୁଙ୍କ ଅବଦାନ ଉପରେ ଗୋଟିଏ ବି ଦାଗ ଲଗାଇପାରିବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ବନ୍ଦେ ମାତରମ୍‌କୁ ଜାତୀୟ ଗାନ ମାନ୍ୟତା ଦେଇଛି, ତାହା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରସଙ୍ଗରେ ନେହେରୁ ଏବଂ କଂଗ୍ରେସର ନାଁ ନେବା ପ୍ରଧାନମନ୍ତ୍ରୀଙ୍କର ଅଭ୍ୟାସ ବୋଲି ଗୋଗୋଇ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରେ ଭାଗନେଇ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଗକୁ ଥିବାରୁ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକରୁ ଦୃଷ୍ଟି ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବନ୍ଦେ ମାତରମ୍ ଉପରେ ବିତର୍କ କରାଉଛନ୍ତି। ମୋଦିଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇବା ସହ ତାଙ୍କ ନୀତିଗୁଡ଼ିକ ଦେଶକୁ ଦୁର୍ବଳ କରିଦେଇଥିବା ପ୍ରିୟଙ୍କା କହିଛନ୍ତି। ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଛି। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ, ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିବା ପାଇଁ ଏହି ବିତର୍କକୁ ବ୍ୟବହାର କରୁଥିବା ୱାୟନାଡ୍ ଏମ୍‌ପି ଅଭିଯୋଗ କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଭାଜପାକୁ ସମାଲୋଚନା କରି କହିଛନ୍ତି, ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ନ ଥିଲେ, ସେମାନେ ଏବେ ବନ୍ଦେ ମାତରମ୍‌ର ମୂଲ୍ୟବୋଧ ଉପରେ ଆଲୋଚନା କରୁଛନ୍ତି। ଜଣକର ବିଶ୍ୱାସକୁ ଅନ୍ୟମାନଙ୍କ ଉପରେ ଲଦିଦେବା ପାଇଁ ଜାତୀୟ ଗାନକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଅଖିଳେଶ କହିଛନ୍ତି। ଡିଏମ୍‌କେ ସାଂସଦ ଏ. ରାଜା କହିଛନ୍ତି, ମୁସଲମାନମାନଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ବନ୍ଦେ ମାତରମ୍‌କୁ ଉପସ୍ଥାପନ କରାଯାଇଥିବାର ଐତିହାସିକ ଦସ୍ତାବିଜରୁ ଜଣାପଡ଼ିଛି। ଏହି ଗୀତକୁ ନେଇ ବିବାଦ ସମ୍ପ୍ରଦାୟ ଦ୍ୱାରା କରାଯାଇ ନ ଥିଲା, ବରଂ ଏହାକୁ 'କେବଳ ହିନ୍ଦୁ' ସଙ୍ଗୀତ ଭାବେ ପ୍ରସ୍ତୁତ କରିଥିବା ଲୋକଙ୍କ ଦ୍ୱାରା ହୋଇଥିଲା ବୋଲି ରାଜା କହିଛନ୍ତି।

### କାମ୍ବୋଡିଆ ସୀମାରେ ଥାଇଲାଣ୍ଡର ଏୟାରଷ୍ଟ୍ରାଇକ୍

ବ୍ୟାଙ୍କକ୍,୮।୧୨

କାମ୍ବୋଡିଆର ବିବାଦୀୟ ସୀମାରେ ଥାଇଲାଣ୍ଡ ଏୟାରଷ୍ଟ୍ରାଇକ୍ କରିଥିବା ଥାଇ ମନ୍ତ୍ରଣାଳୟ ସୋମବାର କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାକୁ ଉଭୟ ଉଲ୍ଲଂଘନ କରିଥିବା ନେଇ ପରସ୍ପରକୁ ଦୋଷାରୋପ କରିଛନ୍ତି। ସାନି ସଂଘର୍ଷରେ ଥାଇଲାଣ୍ଡର ଜଣେ ସୈନ୍ୟ ନିହତ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପୂର୍ବଭାଗରେ ଥିବା ଉବୋନ୍ ରାଟ୍‌ଚାଥାନି ପ୍ରଦେଶର ୨ଟି ସ୍ଥାନରେ ସଂଘର୍ଷ ଘଟିଥିଲା ବୋଲି ଥାଇଲାଣ୍ଡ ସେନା ପକ୍ଷରୁ କୁହାଯାଇଛି। ଏହାର ଜବାବ ଦେବାକୁ ଯାଇ ଥାଇଲାଣ୍ଡ କାମ୍ବୋଡିଆର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଛି। ଅନ୍ୟପକ୍ଷରେ କାମ୍ବୋଡିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରବିବାର ଦିନ ତମାମ ଉତ୍ତେଜନା ଲାଗିରହିବା ପରେ ଭୋର ସମୟରେ ଥାଇଲାଣ୍ଡ ୨ଟି ସୀମାନ୍ତ ଅଞ୍ଚଳରେ ଆକ୍ରମଣ କରିଥିଲା। ତେବେ କାମ୍ବୋଡିଆ ସୈନ୍ୟ ପ୍ରତିଆକ୍ରମଣ କରିନାହାନ୍ତି। ଥାଇଲାଣ୍ଡ ସେନା କହିବା ଅନୁଯାୟୀ, କାମ୍ବୋଡିଆ ସୈନ୍ୟ ଥାଇଲାଣ୍ଡର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ବିଏମ୍-୨୧ ରକେଟ ମାଡ଼ କରିଥିଲା। ଏଥିରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଗତ ଜୁଲାଇରେ ଦୁଇ ପଡୋଶୀ ଦେଶ ମଧ୍ୟରେ ୫ ଦିନ ସଂଘର୍ଷ ଲାଗିରହିବା ସହ ଅନେକ ସୈନ୍ୟ ଓ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ।

## ବଳାତ୍କାର ମାମଲାରେ ଅଭିନେତା ଦିଲୀପ ଦୋଷମୁକ୍ତ



**ରାୟ ବିରୋଧରେ ଅପିଲ୍ କରିବେ କେରଳ ସରକାର**

କୋଚି,୮।୧୨

୨୦୧୭ରେ ମାଲୟାଲମ ଚଳଚ୍ଚିତ୍ରର ଜଣେ ଅଭିନେତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିନେତା ଦିଲୀପଙ୍କୁ ଏର୍ଣ୍ଣାକୁଲମ୍ ଡିଷ୍ଟ୍ରିକ୍ଟ ଓ ପ୍ରିନ୍ସିପାଲ ସେସନ୍ସ କୋର୍ଟ ଦୋଷମୁକ୍ତ କରିଛନ୍ତି। ଉକ୍ତ ରାୟ ବିରୋଧରେ ଅପିଲ କରିବାକୁ କେରଳ ସରକାର ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ଆଇନମନ୍ତ୍ରୀ ପି. ରାଜୀଭ କହିଛନ୍ତି, ସରକାର ପୀଡ଼ିତାଙ୍କ ପଛରେ ଦୃଢ଼ ଭାବେ ଛିଡ଼ାହେବେ ଏବଂ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଇବା ଲାଗି ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ନେବେ। ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍.ଏସ୍ ଓରଫ୍ ପୁଲସାର ସୁନିଙ୍କ ସମେତ ପ୍ରଥମରୁ ଷଷ୍ଠ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀସାବ୍ୟସ୍ତ କରିଥିବାବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ୭ମରୁ ୧୧ତମ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ଦିଲୀପ ଏହି ମାମଲାରେ ଅଷ୍ଟମ ଅଭିଯୁକ୍ତ ଥିଲେ। ରାୟ ପ୍ରକାଶ ପାଇବା ପରେ ଦିଲୀପ କହିଛନ୍ତି, ତାଙ୍କୁ ବଦନାମ କରିବା ସହ କ୍ୟାରିୟର ନଷ୍ଟ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା।

ସୂଚନାଯୋଗ୍ୟ, ୨୦୧୭ ଫେବୃଆରୀ ୧୭ରେ ମାଲୟାଲମ ଚଳଚ୍ଚିତ୍ର ଶିଳ୍ପର ଜଣେ ଖ୍ୟାତନାମା ଅଭିନେତ୍ରୀଙ୍କୁ କେରଳର କୋଚି ନିକଟରେ ଅପହରଣ କରିନିଆଯାଇ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦ ବର୍ଷୀୟ ଅଭିନେତ୍ରୀ ବିଳମ୍ବିତ ରାତିରେ ଥ୍ରିସୁରରୁ କୋଚି ଫେରୁଥିବାବେଳେ ଗୋଟିଏ ଗାଡ଼ି ତାଙ୍କ କାର୍‌କୁ ପିଛା କରିଥିଲା। ୨ ଜଣ ବ୍ୟକ୍ତି ତାଙ୍କ କାର୍‌ରେ ପ୍ରବେଶ କରି ଡ୍ରାଇଭରଙ୍କୁ ଧମକ ଦେବା ସହ କୋଚି ଅଭିମୁଖେ ଚଲାଇବାକୁ କହିଥିଲେ। ଅଭିନେତ୍ରୀଙ୍କୁ କାର୍‌ରେ ୨ ଘଣ୍ଟା ପଣବନ୍ଦୀ ରଖାଯାଇ ଯୌନ ନିର୍ଯାତନା ଦିଆଯାଇଥିଲା। ଅପରାଧୀମାନେ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍ କରିବା ପାଇଁ ତାଙ୍କ ଫଟୋ ନେଇଥିଲେ। ପୀଡ଼ିତା ଅଭିନେତ୍ରୀ ନିର୍ଦ୍ଦେଶକଙ୍କ ଘରେ ପହଞ୍ଚିବା ପରେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଦିଲୀପଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଦିଲୀପ ଅପରାଧର ମାଷ୍ଟରମାଇଣ୍ଡ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

## ଭାରତରେ ବାକ୍ ସ୍ୱାଧୀନତା ବିପଦରେ: ରଶ୍‌ଦି

ନୂଆଦିଲ୍ଲୀ,୮।୧୨

ନରେନ୍ଦ୍ର ମୋଦିଙ୍କ ସରକାର ସମୟରେ ଭାରତରେ ବାକ୍ ସ୍ୱାଧୀନତା ଏବଂ ଗଣମାଧ୍ୟମ ସ୍ୱାଧୀନତା ବିପଦରେ ଥିବା ନେଇ ଖ୍ୟାତନାମା ଲେଖକ ସଲମାନ ରଶ୍‌ଦି ସତର୍କ କରାଇଛନ୍ତି। ଏହି ଭାରତୀୟ-ବ୍ରିଟେନ୍ ଔପନ୍ୟାଶିକଙ୍କ ପୁସ୍ତକ 'ସାଟାନିକ୍ ଭର୍ସସ'କୁ ଇସ୍‌ଲାମୀୟ ଚାପରେ କଂଗ୍ରେସ ନେତୃତ୍ୱାଧୀନ ସରକାର ଭାରତରେ ନିଷେଧ କରିଥିଲା। ମୋଦିଙ୍କ ଭାରତରେ ହିନ୍ଦୁ ଜାତୀୟତାବାଦ ବଢ଼ିବା ସହ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରାଯାଉଥିବାରୁ ରଶ୍‌ଦି ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୨୫ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୫୧ତମ ର୍‍ୟାଙ୍କ୍‌ରେ ରହିଛି। ପୂର୍ବବର୍ଷ ଏହା ୧୫୯ତମ ସ୍ଥାନରେ ରହିଥିଲା। ତେବେ ଏଥିରେ ପାଶ୍ଚାତ୍ୟ ପକ୍ଷପାତିତା ଥିବା ଦର୍ଶାଇ ଭାରତୀୟ ନେତାମାନେ ଉକ୍ତ ର୍‍ୟାଙ୍କିଙ୍ଗ୍‌କୁ ସମାଲୋଚନା କରିଥିଲେ। ବାକ୍ ସ୍ୱାଧୀନତା ପାଇଁ ବହୁ ଦଶନ୍ଧି ଧରି ଲଢ଼େଇ କରିଆସୁଥିବା ରଶ୍‌ଦିଙ୍କୁ ୨୦୨୨ରେ ନ୍ୟୁୟର୍କରେ ମରଣାନ୍ତକ ଆକ୍ରମଣ ହୋଇଥିଲା, ଯେଉଁଥିରେ ସେ ଗୋଟିଏ ଆଖି ହରାଇଥିଲେ।

## କାଗଜକଲମରେ ପରୀକ୍ଷା ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୮।୧୨(ପି.ଟି.)

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ଲିକ୍ ଭଳି ସମସ୍ୟା ଲାଗିରହିଥିବାରୁ ସଂସଦୀୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବହୁବର୍ଷ ହେଲା ସିବିଏସ୍‌ଇ ଏବଂ ୟୁପିଏସ୍‌ସି ଭଳି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରୁ ମୁକ୍ତ ରହିଥିବାରୁ କାଗଜକଲମରେ ପରୀକ୍ଷା କରାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି କମିଟି ସୁପାରିସ କରିଛି। ଗତବର୍ଷ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ର ପ୍ରଦର୍ଶନ ଆତ୍ମବିଶ୍ୱାସକୁ ଯଥେଷ୍ଟ ପ୍ରେରିତ କରି ନ ଥିବା କମିଟି କହିଛି।

କଂଗ୍ରେସ ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉଲ୍ଲେଖ କରିଛି, କେବଳ ୨୦୨୪ରେ ଏନ୍‌ଟିଏ ଦ୍ୱାରା ୧୪ଟି ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଇଥିଲା। ପେପର ଲିକ୍ ଯୋଗୁ ୟୁଜିସି-ନେଟ୍, ସିଏସ୍‌ଆଇଆର୍-ନେଟ ଏବଂ ଏନ୍‌ଇଇଟି-ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ସିୟୁଇଟି (ୟୁଜି/ପିଜି)ରେ ଫଳାଫଳ ସ୍ଥଗିତ ରହିଥିଲା। ସେହିପରି ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ ୧୨ଟି ପ୍ରଶ୍ନରେ ତ୍ରୁଟି ଥିବାରୁ ସେଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିଲା ବୋଲି ଶିକ୍ଷା, ମହିଳା ଓ ଶିଶୁ ଏବଂ ଯୁବ ଓ କ୍ରୀଡ଼ା ସମ୍ପର୍କିତ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଛି। ତେଣୁ ଏନ୍‌ଟିଏ ତୁରନ୍ତ ସେଗୁଡ଼ିକୁ ସୁଧାରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ, ଯେପରି ଭବିଷ୍ୟତରେ ଏଭଳି ସମସ୍ୟା ଦେଖାଦେବ ନାହିଁ ବୋଲି କମିଟି ସୁପାରିସ କରିଛି।







## ଶୁଭାଙ୍ଗୀ ଦତ୍ତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର

**ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ**



ନୂଆଦିଲ୍ଲୀ

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେ ଅନୁପମ ଖେରଙ୍କ ନିର୍ଦ୍ଦେଶିତ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ସ୍କ୍ରିନ୍‌ପ୍ଲେ ପୁରସ୍କାର ମିଳିଛି। ଉକ୍ତ ଚଳଚ୍ଚିତ୍ରର କାହାଣୀ ଅନୁପମ ଅଭିଷେକ ଦୀକ୍ଷିତ ଏବଂ ଅଙ୍କୁର ସୁମନ ଲେଖିଥିଲେ। ଗତ ଶନିବାର ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିବାରୁ ଶୁଭାଙ୍ଗୀ ଏଥିପାଇଁ ଦର୍ଶକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତନଭି ଚରିତ୍ରରେ ଅଭିନୟ କରିଥିବା ଶୁଭାଙ୍ଗୀ ପୁରସ୍କାର ପାଇଥିବାରୁ ଅତ୍ୟନ୍ତ ସ୍ୱତନ୍ତ୍ର ଅନୁଭବ କରୁଥିବା କହିଛନ୍ତି। ଅନୁପମ ଖେର୍ ତାଙ୍କ ଉପରେ ବିଶ୍ୱାସ ରଖିବା ସହ ଗାଇଡ୍ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ଆମର ସମ୍ପୂର୍ଣ୍ଣ ଟିମ୍ ପାଇଁ ବୋଲି ଏକ ବିବୃତିରେ ଶୁଭାଙ୍ଗୀ କହିଛନ୍ତି।




# ଆଖି ବୁଜିଲେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ

ରାଉରକେଲା, ୮।୧୨ (ସଙ୍ଗୀତା ଜେନା)

ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଶୁକ୍ରବାର ଆତ୍ମାହୁତି ଉଦ୍ୟମ କରିଥିବା ରାଜଗାଙ୍ଗପୁର ସରବତୀ ମହିଳା କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ (୧୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଇଜିଏଚ୍‌ରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦାବି କରି ହସ୍ପିଟାଲ ପରିସରରେ ସାମାଜିକ କର୍ମୀ ରଶ୍ମୀ ଏକ୍କା, ଶିଳ୍ପା ଏକ୍କା ଏବଂ ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ମୃତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ସହାୟକ ତହସିଲଦାର (ମାଜିଷ୍ଟ୍ରେଟ୍) କିରଣ କୁମାର ସୋରେନ, ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସମାଦ ପ୍ରମୁଖ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଥମ ପର୍ଯ୍ୟାୟରେ

## ୪ ଲକ୍ଷ ଟଙ୍କା, ଚାକିରି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ


ଆଇଜିଏଚ୍ ପରିସରରେ ଛାତ୍ରୀଙ୍କ ପରିବାର ଲୋକେ ଧାରଣା ଦେଇଛନ୍ତି।

ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ପରବର୍ତ୍ତୀ ସମୟରେ ୪ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୩ଟାରେ ଆଇଜିଏଚ୍ ମର୍ଗ ହାଉସକୁ ବ୍ୟବଚ୍ଛେଦ ପାଇଁ ମୃତଦେହ ନିଆଯାଇଥିଲା। ସନ୍ଧ୍ୟା ୫ଟାରେ ଲାଞ୍ଜିବେର୍ଣାଠାରେ ଛାତ୍ରୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

ସୂଚନାଯୋଗ୍ୟ, ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଉକ୍ତ ଛାତ୍ରୀ ଶୁକ୍ରବାର ରାତିରେ କିରୋସିନ୍ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ପ୍ରାୟ ୯୨ ପ୍ରତିଶତ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରରେ ଆଇଜିଏଚ୍ ବର୍ନ ସେଣ୍ଟରକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମନ୍ତ୍ରୀ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ପରାମର୍ଶ କରିଥିଲେ। ଅବସ୍ଥା ସାମାନ୍ୟ ସୁଧୁରିଲେ ଉକ୍ତ ଛାତ୍ରୀଙ୍କୁ ଏୟାରଲିଫ୍ଟ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ ନାବାଳିକାଙ୍କୁ ଉତ୍ପୀଡ଼ନ କରିଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

# ହାତୀ ଆକ୍ରମଣରେ ଯୁବକ ମୃତ

ଚମ୍ପୁଆ, ୮।୧୨ (ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ଉଚ୍ଚବାଲିଠାରେ ସୋମବାର ଦ୍ୱିପ୍ରହରରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାବାଙ୍କ ସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ (୧୮)। ସମରେନ୍ଦ୍ର କୌଣସି କାମରେ ଉଚ୍ଚବାଲି ଯାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଚମ୍ପୁଆ ରେଞ୍ଜରେ ୩୭ଟି ହାତୀ ରହିଥିବା ବେଳେ ଉଚ୍ଚବାଲିଠାରେ ୩ ଗୋଟି ହାତୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

# ୧୦ ଡିଗ୍ରୀ ତଳେ ୧୦ ସହର

## ଦ୍ୱିତୀୟ ଦିନ ପାଇଁ ଜି. ଉଦୟଗିରି ସବୁଠୁ ଥଣ୍ଡା

ଭୁବନେଶ୍ୱର, (ବନ୍ଦନା ସେଠୀ)/ ଜି. ଉଦୟଗିରି, ୮।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଡ଼ ଥରାଇଦେବା ଭଳି ଶୀତ ଜାରି ରହିଛି। କନ୍ଧମାଳ ଜିଲାର ଜି. ଉଦୟଗିରିଠାରେ ଲଗାତାର ଦ୍ୱିତୀୟଦିନ ପାଇଁ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୪.୩ ଡିଗ୍ରୀକୁ ଖସି ଆସିଥିବାବେଳେ ଗ୍ରାମାଞ୍ଚଳରେ ଏହାଠାରୁ ୨/୩ ଡିଗ୍ରୀ କମ୍ ରହୁଥିବାରୁ ଗ୍ରାମୀଣ ଜୀବନଜୀବିକା ପ୍ରଭାବିତ ହୋଇଛି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସ୍ଥାନରେ ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁଇ ସହରରେ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ କମ୍ ରହିଛି। ଝାରସୁଗୁଡାଠାରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରହିଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୬.୨ ଡିଗ୍ରୀ କମ୍। ସେହିପରି ଅନୁଗୋଳରେ ନିମ୍ନତମ ତାପମାତ୍ରା ୮.୮ ଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୫.୪ ଡିଗ୍ରୀ କମ୍ ରହିଛି। ସେହିଭଳି ରାଜ୍ୟର ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ଜଣାଯାଇଛି। ସିମିଳିଗୁଡାରେ ୪.୬ ଡିଗ୍ରୀ, ଫୁଲବାଣୀ ୭.୨, ଦାରିଙ୍ଗୀବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, କିରେଇ ୮.୯ ଓ ଭବାନୀପାଟଣାରେ ୯ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଫୁଲବାଣୀରେ ଘନ କୁହୁଡି ଦେଖାଦେଇଥିବାବେଳେ ରାଉରକେଲା, ଭବାନୀପାଟଣା, ଝାରସୁଗୁଡାରେ ସାମାନ୍ୟରୁ ମଧ୍ୟମ କୁହୁଡି ଦେଖାଯାଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଘନ କୁହୁଡି ଏବଂ ସୁନ୍ଦରଗଡ, ଅନୁଗୋଳ ଓ ଝାରସୁଗୁଡାରେ ପ୍ରବଳ ଶୀତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଶୀତ ନେଇ ପୂର୍ବାନୁମାନ କରାଯାଇଛି ବୋଲି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସୁନା ବିସ୍କୁଟ୍ ଲୋଭ ଦେଖାଇ ୪ ଲକ୍ଷ ଠକେଇ: ୬ ଗିରଫ

ନୀଳଗିରି, ୮।୧୨ (ପ୍ରଶାନ୍ତ ବିଶ୍ୱାଳ)

## ୩ ଲକ୍ଷ ସହ ୫ ମୋବାଇଲ, ୨ ବାଇକ୍ ଜବତ

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସୁନା ବିସ୍କୁଟ ପ୍ରଲୋଭନ ଦେଖାଇ ପୁରୀ ବ୍ରହ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ ଟଙ୍କାର ଠକେଇ ହୋଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ସୋମବାର ନୀଳଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୯ହଜାର ଟଙ୍କା ସହ ୫ ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସ ନକଲି ସୁନା ବିସ୍କୁଟ ଖୋଜୁଛି। ଏହି ୬ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି, ନୀଳଗିରି, ରେମୁଣା ଓ ସୋର ଥାନା ଅଞ୍ଚଳର।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଅସଲି ସୁନା ବିସ୍କୁଟ ବିକ୍ରି ପ୍ରଲୋଭନରେ କିଛିଦିନ ପୂର୍ବରୁ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଜଣେ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇଥିଲା। ପରେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଜଣଙ୍କ ତାଙ୍କ ସମ୍ପର୍କୀୟ ଶାଳକଙ୍କୁ ପଠାଇ ସୁନାର ଗୁଣ୍ଡ ନେଇଥିଲେ। ଏହି ସୁନା ଗୁଣ୍ଡ ଯାଞ୍ଚ ପରେ ଅସଲି ୨୨କ୍ୟାରେଟ୍ ଜାଣିବା ପରେ ସୁନା ବିସ୍କୁଟ ଶସ୍ତାରେ କିଣିବାର ଆଶା ବଢ଼ିଥିଲା। ସୁନା ବିସ୍କୁଟ ବିକ୍ରିର ବିଶ୍ୱାସ ଜନ୍ମାଇବା ପରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ଶସ୍ତାରେ ସୁନା ବିସ୍କୁଟ କିଣିବା ପାଇଁ ରବିବାର ସକାଳେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଓ ତାଙ୍କ ଶାଳକ ନିଜ ମାରୁତି କାର୍ (ନଂ. ଓଡ଼ି୩୩ଡ଼ି-୪୯୮୮)ରେ ନଗଦ ୪ଲକ୍ଷ ଟଙ୍କା ଧରି ସନ୍ତରାଗଡ଼ିଆ ବଜାର ଅଞ୍ଚଳରେ ପହଞ୍ଚି ବିକ୍ରେତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନା ବିକ୍ରେତା ଯୁବକମାନେ ପୂର୍ବ ପ୍ରସ୍ତୁତି ଅନୁସାରେ ଅତି ଚତୁରତାର ସହ ଈଶ୍ୱରପୁର ଫାଣ୍ଡି ଅଧୀନ ଏକ ନିଛାଟିଆ ଜାଗାକୁ ଡକାଇଥିଲେ। ଆସିଥିବା ଶାଳକ ଭିଣୋଇଙ୍କ ବ୍ୟାଗ୍‌ରେ ରଖିଥିବା ୪ଲକ୍ଷ ଟଙ୍କା ଖୋଲୁଥିବା ବେଳେ ଅନ୍ୟ ୪ଜଣ ଦୁଇଟି ବାଇକ୍‌ରେ ନକଲି ପୋଲିସ ବେଶରେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧମକ ଚମକ ଦେବା ସହ ନଗଦ ୪ଲକ୍ଷ ଟଙ୍କା ଓ ଶାଳକ ପିନ୍ଧିଥିବା ଏକ ସୁନାଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତି ନିରୁପାୟ ହୋଇ ରବିବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରିଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଷ୍ଟରମାଇଣ୍ଡ ସହ ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକତା କରୁଥିବା ଭିଣୋଇ ଓ ତାଙ୍କ ଶାଳକଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ: ଆଉ ୩ ଦିନ ବଢ଼ିଲା

କଟକ,୮।୧୨(କାର୍ତ୍ତିକ ସାହୁ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ପାଇଁ ଆଉ ୩ ଦିନ ଅଧିକ ସମୟ ବଢ଼ାଇ ଦିଆଯାଇଛି। ସମଗ୍ର ରାଜ୍ୟରୁ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଅନୁରୋଧକ୍ରମେ ପୁଣି ଡିସେମ୍ବର ୮ରୁ ୧୦ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନ୍‌ଲାଇନ୍ ଫର୍ମ ପୂରଣ ପାଇଁ ସୁଯୋଗ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଉପଲବ୍ଧ ଲିଙ୍କ୍‌ରେ ଫର୍ମ ପୂରଣ କରାଯିବ। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଆଜି କ’ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ଦେଉଳସାହି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ନାଟ୍ୟ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ସମ୍ମାନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ-୨୦୨୫, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର ପରିସର, ବାଲଗୋପାଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଓଡ଼ିଶା ଶିକ୍ଷା ବିକାଶ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର, ଆରଡ଼ି, ସମୟ: ସକାଳ ୯ଟା।
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ବ୍ଲକସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ, ସ୍ଥାନ: ରିଜିଓନାଲ ଉଚ୍ଚ ବାଳିକା ବିଦ୍ୟାଳୟ, ପୁରୁଣା ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଆଦିବାସୀ ପୁରସ୍କାର କଳ୍ପନା ହାଁସଦାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ଅନୁଗୋଳ**
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା, ସ୍ଥାନ: ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଜଗତ୍‌ସିଂହପୁର**
- ମଣି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଦୁର୍ନୀତି ନିବାରଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ଭିଜିଲାନ୍ସ ବିଭାଗ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ ୧୦ଟା।
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୁଦନପୁର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ମା’ ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିବସରେ ଚମ୍ପେଶ୍ୱର ବନାମ ଖଣ୍ଡପଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣି ଉତ୍ସବ, ସ୍ଥାନ:ଖଣ୍ଡପଡା ରଥଗଡା ଛକ, ସମୟ: ସଂଧ୍ୟା ୭ଟା ।
- ମହାଲକ୍ଷ୍ମୀ ପୂଜାର ଷଷ୍ଠ ଦିବସରେ ଚଣ୍ଡୀ ପ୍ରସାଦର ସମ୍ପୂର୍ଣ୍ଣ ମହାଭାରତ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବର ୨ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସଂଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୫, ସ୍ଥାନ: କଲ୍ୟାଣସିଂହପୁର ରଥ ପଡିଆ, ସମୟ: ସକାଳ ୭ ଟା।

**କୋରାପୁଟ**
- ପରବ ନେଇ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ସମ୍ବଲପୁରୀ ବହି ହାଟ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭିନୟ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

**ବଲାଙ୍ଗୀର**
- ବ୍ଲକସ୍ତରୀୟ ଯୁବ ମହୋତ୍ସବ-୨୦୨୫, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି କଲେଜ, ସମୟ: ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏଆଇ ହାକାଥନ୍, ସ୍ଥାନ: ଏନ୍‌ଆଇଟି, ସମୟ : ସକାଳ ୯ଟା।
- ଦ୍ୱିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲାସ୍ତରୀୟ ଯୁବ ଉତ୍ସବ ଉପଲକ୍ଷେ ଗଳ୍ପ, ପଦ୍ୟ ଲିଖନ ପ୍ରତିଯୋଗିତା, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ,ବରଗଡ଼, ସମୟ: ସକାଳ ୯ଟା।
- ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଓ ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡ଼ିଆ ପଦ୍ମପୁର, ବରଗଡ଼, ସମୟ:ସକାଳ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣା ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷ ପ୍ରଣାଳୀ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ୧୦ଟା ୩୦।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ସିଲାଟି ମାର୍କେଟ୍ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା’ ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ-ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରୀୟ ଅନୁଦାନ...

ପୂର୍ବର ୨୪ବର୍ଷର ସରକାର କ’ଣ କଲେ ନ କଲେ ତା’ ଉପରେ ମୁଁ କିମ୍ବା ଆପଣ କିଛି କହିବା ଆବଶ୍ୟକ ନାହିଁ। ନୀତି ଆୟୋଗ ପ୍ରମାଣପତ୍ର ଦେଇଛନ୍ତି, ପୂର୍ବ ସରକାର ରାଜ୍ୟକୁ ଆର୍ଥିକ ସୁପରିଚାଳନା, ବେକାରି ଦୂରୀକରଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ୨୦୦୦ରେ ରାଜ୍ୟରେ ଦେବାଳିଆ ସ୍ଥିତି ଥିବାବେଳେ ପୂର୍ବ ସରକାର ଏକ ସୁଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରିଥିଲେ।

ସେ କହିଥିଲେ, ୨୦୨୫ ଅକ୍ଟୋବର ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ମାତ୍ର ୧୮ ପ୍ରତିଶତ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। ୨୦୨୩-୨୪ରେ ବିଜେଡି ସରକାର ସମୟରେ କେନ୍ଦ୍ର ୨୧ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ ଅକ୍ଟୋବର ସୁଦ୍ଧା ଭାଜପା ସରକାର ସମୟରେ ୨୦୨୪-୨୫ରେ ମାତ୍ର ୧୭ହଜାର କୋଟି ଆସିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାଠାରୁ ଆରମ୍ଭ କରି ଆବାସ ଯୋଜନାରେ ପୂର୍ବବର୍ଷ ତୁଳନାରେ ନଗଣ୍ୟ ହାର ଅନୁଦାନ ମିଳିଛି। ପୂର୍ବ ସରକାର ସମୟରେ ଜିଏସ୍‌ଡିପି ୯ପ୍ରତିଶତ ଥିବାବେଳେ ଏବେ ଏହା ୭.୨ ପ୍ରତିଶତକୁ ଖସିଛି। କୃଷିରେ ୭.୩ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଶିଳ୍ପରେ ୮.୭ରୁ ୬.୧ ପ୍ରତିଶତକୁ କମିଛି। ସେବା କ୍ଷେତ୍ରରେ ମଧ୍ୟ ୧୧.୫%ରୁ ୧୦ପ୍ରତିଶତକୁ ହ୍ରାସ୍ ପାଇଛି। ପୂର୍ବ ସରକାର ଯେଉଁ ରାଜସ୍ୱ ସଂଗ୍ରହ କରୁଥିଲେ ଭାଜପା ସରକାର ସେଥିରେ ମଧ୍ୟ ସକ୍ଷମ ହୋଇପାରିନାହିଁ। ୨୦୨୩ରେ ୬.୯% ଥିବାବେଳେ ଏବେ ଏହା ୬.୨୩%କୁ ଖସିଛି। ଜିଏସ୍‌ଟି କ୍ଷେତ୍ରରେ ଦେଶରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟଠାରୁ ପଛରେ ପଡ଼ିଛି। ରାଜ୍ୟ ସରକାର ଏହା ଉପରେ ଆତ୍ମ ସମୀକ୍ଷା କରନ୍ତୁ। ଖାଲି ଖର୍ଚ୍ଚ କଲେ ଚଳିବନାହିଁ, ସେହି ଅନୁପାତରେ ରୋଜଗାର ସୃଷ୍ଟି କରିବାର ରହିଛି ବୋଲି ପ୍ରସନ୍ନ କହିଥିଲେ।

ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭାଗ ନେଇ ଆଦିବାସୀଙ୍କୁ ସରକାରଙ୍କ ଅବହେଳାକୁ ନେଇ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର କେବଳ ଲୋକଦେଖାଣିଆ ବଜେଟ କରୁଛନ୍ତି। ମାତ୍ର ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ମେଡିକାଲରେ ଡାକ୍ତର ନ ଥିବାବେଳେ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ରାଜ୍ୟରେ ମା’ମାନେ ଅସୁରକ୍ଷିତ ରହିଛନ୍ତି। ଆଦିବାସୀମାନେ ନିର୍ଯାତିତ ହୋଇ ରହିଛନ୍ତି। ପେଷା ଆଇନ ସରକାର କାର୍ଯ୍ୟକାରୀ କରୁ ନାହାନ୍ତି। ରାଜ୍ୟରେ ୯୪ ପ୍ରତିଶତ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ରହିଥିଲେ ହେଁ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକାର ମିଳୁନାହିଁ କହି ସରକାରଙ୍କ ବଜେଟକୁ ବିରୋଧ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଆମର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର କହୁଛନ୍ତି ଯେ, ହୁଇସିଲ ମାରିଲେ ବିଜେଡି ଚୂନା ହୋଇଯିବ। ଏକଥା ଏବେ ଧୀରେ ଧୀରେ ସମସ୍ତେ ଜାଣିଗଲେଣି। ଯେଉଁଥିପାଇଁ ବାପା ବିଜେଡିରେ ପୁଅ ଏବେ ଆମ ଦଳରେ। ସେ ବିରୋଧୀଙ୍କ ଜବାବ ଦେଇ କହିଥିଲେ ଯେ, ସବୁ ଘରକୁ ବିଜୁଳି ଯୋଗାଇବାକୁ କହିଥିଲେ, ଶୀତଳ ଭଣ୍ଡାର ନିର୍ମାଣ କରିବେ ବୋଲି କହିଥିଲେ। ହେଲେ କୌଣସିଥିରେ ସରକାର ସଫଳ ହୋଇନାହାନ୍ତି। ଏପରିକି ଚାଷୀଙ୍କ ୧୦୦ଟଙ୍କାର ବୋନସ ଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ଘୋଷଣା କରି ପରେ ଭୁଲି ଯାଇଥିଲେ। ଶିକ୍ଷାର ରୂପାନ୍ତରୀଣ କେବଳ ଠିକାଦାରଙ୍କ ପୋଷିବା ପାଇଁ କରାଯାଇଥିଲା। ପୋଲି ରାଜନୈତିକଆକାଂକ୍ଷା ରଖି କାର୍ଯ୍ୟ କରୁଥିଲା। ବିଶ୍ୱରେ ନଗଡା ଓଡ଼ିଶାର ଚିତ୍ରକୁ ନଗ୍ନ କରିଥିଲା। ନୂଆପଡ଼ା ଉପନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଲୋକଙ୍କ ଆଶୀର୍ବାଦ ରହିଛି, ୫୦ବର୍ଷ ଯାଏ ହଟିବୁନି ବୋଲି କହି ଟଙ୍କଧର ବିରୋଧୀଙ୍କ ଉପରେ ବର୍ଷିଥିଲେ।

## ମାଲକାନଗିରି: ୨୪ ଘଣ୍ଟା...

ଏକାଠିହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ଆଦିବାସୀ ସଂଘ ଅଡ଼ି ବସିଛି। ସୋମବାର ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଆଦିବାସୀ ସମ୍ପ୍ରଦାୟର ଲୋକେ ଏମ୍‌ଭି-୨୬ ଗାଁରେ ପଶି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୫୦ରୁ ଊର୍ଦ୍ଧ୍ୱ ଘରେ ନିଆଁ ଲଗାଇ ଜାଳିଦେଇଛନ୍ତି। ଜିଲାରେ ଶାନ୍ତି ବଜାୟ ରଖିବାକୁ ମାଲକାନଗିରି ଜିଲାରେ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦ ପାଇଁ ଜିଲାପାଳ ସୋମେଶ ଉପାଧ୍ୟାୟ ନିର୍ଦ୍ଦେଶ ଜାରି କରିଛନ୍ତି।

ସୋମବାର ସକାଳ ୯ ଟାରେ ରାଖେଲଗୁଡ଼ା ପୋଲ ନିକଟରେ ଥିବା ହାଟପଦାରେ ଆଦିବାସୀ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକାଠି ହୋଇଥିଲେ। ଉକ୍ତ ପୋଲ ଉପରେ ଏସ୍‌ପିଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏମ୍‌ଭି-୨୬ ଗାଁ ଅଭିମୁଖେ ବାହାରିଥିଲେ। ପୋଲିସର ବାରଣ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ ଏମ୍‌ଭି-୨୬ ଗାଁରେ ଘରେ ଘରେ ପଶି ଭଙ୍ଗାରୁଜା କରିବା ସହ ବହୁ ଆସବାବପତ୍ର, ଗାଡ଼ି, ମୋଟରସାଇକେଲ ସହ ଘରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଏମ୍‌ଭି -୨୬ ଗାଁର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ପୋଡ଼ି ନଷ୍ଟହେବା ସହ ବହୁ ଗାଡିମୋଟର, ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଏମ୍‌ଭି- ୨୬ ଗାଁରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିବା ସହ ଗାଁ ଏବଂ ଆଖପାଖ ଅଞ୍ଚଳରେ ପୋଲିସ ଫୋର୍ସ ଏବଂ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

ଅନ୍ୟପକ୍ଷେ ଜିଲାର ୨୧୪ଟି ଗ୍ରାମରୁ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୋମବାର ଏମ୍‌ଭି- ୩ ରାଧାଗୋବିନ୍ଦ ମନ୍ଦିରରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଏକ ବୈଠକ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ସୁରକ୍ଷା ନେଇ ଦାବି ଜଣାଇଥିଲେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଉଭୟ ଗୋଷ୍ଠୀଙ୍କୁ ଅନୁରୋଧ କରିଥିଲେ। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏମ୍‌ଭି -୨୬ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ରାଖେଲଗୁଡ଼ାଠାରେ ଆଦିବାସୀ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଏଭଳି ପରିସ୍ଥିତିରେ ଆଇନକୁ ହାତକୁ ନ ନେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ସ୍ଥିତି ନିୟନ୍ତ୍ରଣ ଥିବାବେଳେ ଏମ୍‌ଭି -୨୬ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଶାନ୍ତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ଗୋଷ୍ଠୀଙ୍କୁ ଡକାଯାଇ ଆଲୋଚନା କରାଯିବ ବୋଲି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି।

## ବିଧାନସଭା ସରଗରମ...

ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଲାଣି। ପୂର୍ବରୁ ଜଣେ ନାବାଳିକାଙ୍କୁ ୩ଜଣ ଗଣବଳାତ୍କାର କରିଥିବାବେଳେ ଏବେ ଦିନକ ପୂର୍ବରୁ ଜଣେ ମହିଳା ଧାନ କାଟିବାକୁ ବିଲକୁ ଯାଇଥିବାବେଳେ ୪ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବା ପରେ ଗଳାକାଟି ହତ୍ୟା କରିବା ଘଟଣା ଏବେ ତୀବ୍ର ରୂପ ନେଇଛି। ସେ କହିଛନ୍ତି, ଏତେବଡ଼ ଘଟଣା ଘଟିଥିଲେ ହେଁ ସେଠାରେ ଇଣ୍ଟେଲିଜେନ୍ସ କ’ଣ କରୁଛି? ପରିସ୍ଥିତି ଏପରି ହେଲା, ଦୁଇ ଗୋଷ୍ଠୀ ମୁହାଁମୁହିଁ ଓ ୫୦ ଘର ଜାଳି ପୋଡ଼ିବା ପର୍ଯ୍ୟନ୍ତ ଗଲାଣି। ହେଲେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର କହିଛନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ୍ ତଥ୍ୟ ଦିଅନ୍ତୁ ନାହିଁ । ତତ୍‌କ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ସେ ଦାବି ରଖିଥିଲେ।

ଏହି ଆଲୋଚନାରେ ସ୍ୱର ମିଳାଇ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି କିନ୍ତୁ ତାଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ପରେ ଗୋଟେ ମିସିଂ କେସ୍ ରୁଜୁ ହେଲା କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳକୁ ତାଙ୍କର ମୃତଦେହ ମିଳୁଛି; ଯାହାକୁ ନେଇ ସେଠାରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ ଓ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲୁକା ଭାବରେ ପୋଲିସ ନେଉଛି। ଘଟଣା ପୂର୍ବରୁ ପୋଲିସ କାହିଁକି ଚୁପ୍ ବସିଥିଲା। ମୋ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ । କାହିଁକି ନା ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ବାରବାଟୀରେ ଭାରତ-ଦକ୍ଷିଣ...

ରହିଛି। ତେବେ ଏହି ଗ୍ରାଉଣ୍ଡରେ ଟି୨୦ ଫର୍ମାଟରେ ଭାରତୀୟ ଦଳ ମଧ୍ୟ ବିଜୟ ସ୍ୱାଦ ଚାଖିଛି। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌କୁ ଭାରତ ୯୩ ରନର ବଡ଼ ବ୍ୟବଧାନରେ ଜିତିଥିଲା। କିନ୍ତୁ ଟିମ୍ ଇଣ୍ଡିଆ ଏଥର ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ରେକର୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି।

ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ଲାଗି ଦଳରେ କୌଣସି ବିଶେଷ ପରିବର୍ତ୍ତନ କରିବ ନାହିଁ। ଏ ନେଇ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳୀୟ ନେଟ୍ ସେଶନ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ଦୀର୍ଘ ସମୟ ଧରି ସୋମବାର ନେଟ୍ସରେ ଝାଳ ବୁହାଇଥିଲେ। ଏହାର ଅର୍ଥ ସେ ଏବେ ବେକଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ସାରିଛନ୍ତି। ଇଞ୍ଜୁରି କାରଣରୁ ସେ ଦ. ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ସୋମବାର ତାଙ୍କ ବ୍ୟାଟିଂ ପ୍ରାକ୍ଟିସରୁ ତାଙ୍କର ଖେଳିବା ନିଶ୍ଚିତ ମନେହେଉଛି। ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ସେ ମଧ୍ୟ ଇଞ୍ଜୁରୀ କାରଣରୁ ଗତ ୨ ମାସ ହେଲା କ୍ରିକେଟରୁ ଦୂରେଇ ରହିଥିଲେ। ଉଭୟ ଖେଳାଳି ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ। ତେବେ ଉଇକେଟକିପର ଭାବେ କିଏ ଖେଳିବ, ତାହାକୁ ନେଇ ପ୍ରଶ୍ନବାଚୀ ରହିଛି। ଦଳରେ ଉଇକେଟକିପର ଭାବେ ସଞ୍ଜୁ ସାମସନ ଓ ଜୀତେଶ ଶର୍ମା ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ହିଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ସାମସନ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରାଇ ସାରିଛନ୍ତି। ହେଲେ ଦଳରେ ଗିଲ୍‌ଙ୍କ ଉପସ୍ଥିତି ଯୋଗୁ ତାଙ୍କୁ ଟପ୍ ଅର୍ଡରରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କୁ ମିଡିଲ ଅର୍ଡର କିମ୍ବା ଲୋୟର ମିଡିଲ ଅର୍ଡରରେ ଖେଳିବାକୁ ପଡ଼ିବ। ଏହି ପୋଜିଶନରେ ତାଙ୍କୁ ସୁଯୋଗ ମିଳିଥିଲେ ହେଁ ସେ ଏ ପର୍ଯ୍ୟନ୍ତ କିଛି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଜୀତେଶ ଜଣେ ଲୋୟର ଅର୍ଡର ବ୍ୟାଟର ଏବଂ ମ୍ୟାଚ୍ ଫିନିଶ୍ କରିବାର ଦକ୍ଷତା ମଧ୍ୟ ତାଙ୍କ ପାଖରେ ରହିଛି, ଯାହା କି ତାଙ୍କ ସପକ୍ଷରେ ଯାଇପାରେ। ଏହା ବ୍ୟତୀତ ଦଳରେ ଟିମ୍ କମ୍ବିନେଶନକୁ ଅନ୍ୟ କୌଣସି ଚିନ୍ତା ନାହିଁ। ଟିମ ଇଣ୍ଡିଆ ଦୁଇ ପେସର, ଦୁଇ ସ୍ପିନର ଓ ଦୁଇ ଅଲରାଉଣ୍ଡରଙ୍କ ସହ ମ୍ୟାଚ୍‌କୁ ଓହ୍ଲାଇବ ବୋଲି ଆଶା କରାଯାଉଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ/ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍, ରିଜା ହେଣ୍ଡ୍ରିକ୍ସ/ଟ୍ରିଷ୍ଟାନ ଷ୍ଟବ୍ସ, ଡେୱାଲ୍ଡ ବ୍ରେଭିସ, ଟୋନି ଡି ଜର୍ଜ, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଏନରିଚ ନର୍କିଆ।

## ମ୍ୟାନେଜର ଦିଲ୍ଲୀରୁ ଗିରଫ...

ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଗୌରବଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବାବେଳେ ତାଙ୍କ ଖୋଜଖବର ମିଳୁନାହିଁ। ରବିବାର ମୁଖ୍ୟ ସାଧାରଣ ପରିଚାଳକ ରାଜୀବ ମୋଡକ, ସାଧାରଣ ପରିଚାଳକ ବିବେକ ସିଂ, ବାର୍ ମ୍ୟାନଜର ରାଜବୀର ସିଙ୍ଘାନିଆ ଏବଂ ଗେଟ୍ ମ୍ୟାନେଜର ପ୍ରିୟାଂଶୁ ଠାକୁରଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୬ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗୋଆ ସରକାର ୪ ଜଣିଆ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। କେଉଁ କାରଣ ଏବଂ ପରିସ୍ଥିତିରୁ ଅଗ୍ନିକାଣ୍ଡ ଘଟିଲା କମିଟି ତାହାର ତଦନ୍ତ କରି ରିପୋର୍ଟ ଦେବ। ନାଇଟ୍ କ୍ଲବ୍‌ରେ ଆତସବାଜି କାର୍ଯ୍ୟ ବେଳେ ନିଆଁ ଲାଗିଯାଇଥିବା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ୪୨ବର୍ଷ ପରେ...

ଏହି ମାମଲାର ଶୁଣାଣି ହୋଇଥିଲା। ମୂର୍ତ୍ତିଗୁଡିକ ଗୋପାଳଜୀ ମନ୍ଦିରରେ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର କୌଣସି କାରଣରୁ ମୂର୍ତ୍ତିଗୁଡିକ ସୁବର୍ଣ୍ଣପୁର ଫେରାଇ ଅଣାଯାଇ ପାରି ନ ଥିଲା। ତେବେ ବର୍ତ୍ତମାନର ଜିଲାପାଳ ଡ. ନୃପରାଜ ସାହୁ ଏହା ଜାଣିବା ପରେ ମୂର୍ତ୍ତିଗୁଡିକୁ ଫେରସ୍ତ ଆଣିବାକୁ ଉଦ୍ୟମ କରିଥିଲେ। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ଏନେଇ ଉଦ୍ୟମ ଜାରି ରଖିଥିଲେ। ମହନ୍ତ ବଂଶୀଧର ଦାସ, ଆଇନଜୀବୀ ଏବଂ ଅନ୍ୟ ଭକ୍ତଙ୍କ ସହଯୋଗରୁ ମୂର୍ତ୍ତିଗୁଡିକ ଦିନେ କିମ୍ବା ଦୁଇଦିନ ଭିତରେ ଗୋପାଳଜୀ ମନ୍ଦିରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି।

## ଓଡ଼ିଶା ଯୋଜନାକୁ...

ମହାଜନଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନାହିଁ। ଉପଜିଲାପାଳ ପ୍ରେମଲାଲ ହିଆଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବରଆସିନାହିଁ। କିନ୍ତୁ ପଟ୍ଟାଙ୍ଗିତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଲାଜୁକ ଷାଠିଆ।
ପାନ ନାହିଁ ଗୁଆ ନାହିଁ
ଖାଲି ବଟୁଆ ।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅରଜେ ଜଣେ, ଖାଆନ୍ତି ପଣେ,
ତା’ ଘରଟି ବୁଡ଼ଇ ଦିନେ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ର ଭଲ ରହିବ। ପରିବାରର ଆବଶ୍ୟକତାକୁ ଅନୁଭବକରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପରାମର୍ଶରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ବୃଷ** ଦ୍ୱିତୀୟସ୍ଥ ବୃହସ୍ପତିଙ୍କ ଯୋଗୁ ଆଲୋଚନା ପରିସରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। କେତେକ କ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ** ଧନ ସ୍ଥାନରେ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ସହ ଲୋକସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରନ୍ତି। କିନ୍ତୁ କର୍ମସ୍ଥ ଶନିଙ୍କ କୁପ୍ରଭାବରୁ ନୀଚଜାତିର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶତ୍ରୁତା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ** ରାଶି ପ୍ରତି ଚନ୍ଦ୍ର ଓ ମଙ୍ଗଳଙ୍କ ସମ୍ପର୍କ ହେତୁ ସୁସ୍ଥ ରହିବା ସାଙ୍ଗକୁ କଳ୍ପନାବିଳାସୀ ହେବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ମଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡ଼ିବ ନାହିଁ। ରାହୁ ଓ ରବିଙ୍କ ଦୁର୍ବଳତା ରାଜନୀତିରେ ବିବାଦୀୟ ପରିସ୍ଥିତି ସୃଷ୍ଟିକରିବ।

**ସିଂହ** ରବିଙ୍କ ଦୁର୍ବଳତା ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ପାରିବାରିକ କ୍ଷେତ୍ର ଏବଂ ଜମିଜମା କାରବାର ବୃଦ୍ଧି ପାଇବ। ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ବନ୍ଧୁଙ୍କ ସହାୟତାରେ ବିବାଦୀୟ ପରିସ୍ଥିତିକୁ ସଜାଡ଼ିନେବେ।

**କନ୍ୟା** ରାଶି ପ୍ରତି ଶନିଙ୍କ ଦୃଷ୍ଟି ଶାରୀରିକ ଓ ମାନସିକ ଅସ୍ଥିରତା ସାଙ୍ଗକୁ ନିରୁତ୍ସାହିତ କରିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସହ ଅସୁବିଧା ଥିବା ଅନୁଭବ କରିବେ। ସେବା ଓ ସହଯୋଗ ମନୋଭାବରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସପ୍ତମାଧିପତି ଧର୍ମଭାବକୁ ଦେଖୁଥିବାରୁ ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ କଥାକୁ ଆପଣ ଠିକ୍ ଭାବେ ବୁଝି ପାରିବେନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ଅନୁତାପ କରିପାରନ୍ତି।

**ବିଛା** ରାଶିକୁ ବୃହସ୍ପତି ଦେଖୁଥିବାରୁ ଗଠନମୂଳକ ଚିନ୍ତାଧାରା ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ ନିଜ ପରିସରର ବ୍ୟକ୍ତିବିଶେଷ କୁତ୍ସାରଟନା କରିପାରନ୍ତି। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ସ୍ମରଣୀୟ ରହିବ।

**ଧନୁ** ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷାକରିବା ଠିକ୍ ନ ହୋଇପାରେ। ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ହେବେ। ଗୁରୁକ୍ଷେତ୍ରସ୍ଥ ଆନୁଷ୍ଠାନିକ କାମରେ ପ୍ରଶଂସିତ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବାର ସୂଚନା ରହିଛି।

**ମକର** ସପ୍ତମାଧିପତିଙ୍କ ଶୁଭଦୃଷ୍ଟିରୁ ଅଟକି ରହିଥିବା ଅଭିଳାଷଟି ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ ସ୍ଥିତି କେତେକାଂଶରେ ଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ଆଦରଣୀୟ ହେବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବା ସୂଚନା ରହିଛି। କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ** ସାମାନ୍ୟ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ବିଗିଡ଼ିବା ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଶୋକାକୁଳ ରହିପାରନ୍ତି। କେତୁଙ୍କ କୁପ୍ରଭାବରୁ ବ୍ୟବସାୟିକ ସ୍ଥିତିର ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ସନ୍ତାନଙ୍କ କୃତି ଓ କୃତିତ୍ୱ ଯୋଗୁ ଗୌରବାନ୍ୱିତ ହୋଇପାରନ୍ତି।

**ମୀନ** ଗୁରୁଙ୍କ ଶୁଭଦୃଷ୍ଟିରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିପାରନ୍ତି। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସଭାସମିତିରେ କୌଣସି ପକ୍ଷକୁ ସମର୍ଥନକରି ବନ୍ଧୁମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

ଆଜି ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ପୌଷ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୩ ମି. ଗତେ, ଘ.୦୬।୫୭ ମଧ୍ୟେ, ଘ.୦୮।୫୬ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୧ ମି. ଗତେ, ଘ.୦୩।୪୨ ମି. ମଧ୍ୟେ ରାହୁକାଳ।

# ଘରକୁ ଡାକି ମହିଳାଙ୍କୁ ବଳାତ୍କାର

## ■ ସ୍ୱାମୀ ବଳାତ୍କାର କରୁଥିବାବେଳେ ସ୍ତ୍ରୀ କଲେ ଭିଡିଓ
## ■ ଚାପରେ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

**ପଡ଼ୋଶୀ ମହିଳାଙ୍କୁ ଚାଉଳ ଚୂନା କରିଦେବାକୁ କହି ଘରକୁ ଡାକିଲେ। ପରେ ସ୍ତ୍ରୀଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଘର ଭିତରେ ବଳାତ୍କାର କଲେ। ଏପରି କି ଅଭିଯୁକ୍ତ ବଳାତ୍କାର କରୁଥିବା ସମୟରେ ତାଙ୍କ ସ୍ତ୍ରୀ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଯେତେବେଳେ ଡାକିଲେ ଆସିବୁ, ନଚେତ୍ ଭିଡିଓ ଭାଇରାଲ୍ କରିଦେବାର ଧମକ୍ ଦେଲେ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମରେ ଘଟିଛି। ଘଟଣାଟି ଗତ ୨୮ ତାରିଖରେ ଘଟିଥିବାବେଳେ ଏହାକୁ ଚପାଇ ଦେବାପାଇଁ ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଇଥିଲା। ଏପରି କି ସମ୍ପୃକ୍ତା ମହିଳା ଗତ ୩ତାରିଖରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ବିଜେଡିର କେତେଜଣ ନେତା ପୋଲିସ ଡିଆଇଜିଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ପରେ ପୋଲିସ ଗତ ୬ତାରିଖରେ ବଳାତ୍କାର ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଗଣେଶ ରଣାଙ୍କୁ ଗିରଫ କରୁନାହିଁ। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା କୁହାଯାଉଥିବାବେଳେ ପୀଡ଼ିତା ଜଣେ ପୂର୍ବତନ ବିଧାୟକଙ୍କ ପୁତୁରା ବୋହୂ ବୋଲି ଜଣାପଡ଼ିଛି।**

ବାଲେଶ୍ୱର,୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ କଷାଫଳ ଗ୍ରାମର ଗଣେଶ ଗତ ୨୮ ତାରିଖରେ ସେହି ଗ୍ରାମର ଜଣେ ମହିଳାଙ୍କୁ ଚୂନା (ଚାଉଳ ଗୁଣ୍ଡ) କୁଟିବା ପାଇଁ ଘରକୁ ଡାକିଥିଲେ। ଗଣେଶଙ୍କ ସ୍ତ୍ରୀ ମଧ୍ୟ ଘରେ ଥିଲେ। ଏହି ସମୟରେ ସ୍ୱାମୀଙ୍କ ପାଖରେ ଉକ୍ତ ମହିଳାଙ୍କୁ ଶୋଇବା ପାଇଁ ଗଣେଶଙ୍କ ସ୍ତ୍ରୀ କହିଥିଲେ। ମହିଳା ଜଣକ ରାଜି ନ ହୋଇ ପଳାଇ ଆସୁଥିବାବେଳେ ସମ୍ପୃକ୍ତ ଦମ୍ପତି ଜୋରଜବରଦସ୍ତ ତାଙ୍କୁ ଅଟକାଇଥିଲେ। ମହିଳାଙ୍କୁ ଗଣେଶ ବଳାତ୍କାର କରୁଥିବା ସମୟରେ ସ୍ତ୍ରୀ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ପୁଣି ଥରେ ତାଙ୍କ ସହ ସମ୍ପର୍କ ରଖିବାକୁ କହିଥିଲେ। ନହେଲେ ଭିଡିଓ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ସେହିଦିନ ସାର୍ଥା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ମହିଳାଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ୬ ତାରିଖରେ ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ ଓ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ପୂର୍ବାଞ୍ଚଳ ଡିଆଇଜି ମିଶ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିବା ଅଭିଯୋଗ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୬ ତାରିଖରେ ସିଂଲା ଥାନାରେ ଏକ ମାମଲା (ନଂ. ୨୮୬/୨୫) ରୁଜୁ ହୋଇଥିଲା। ଅପରପକ୍ଷରେ ଗଣେଶଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀ ଗଣେଶଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଏବଂ ମହିଳାଙ୍କ ସ୍ୱାମୀ, ଦିଅର ମିଶି ମାରପିଟ୍ କରିବା ସହ ଘରେ ପଶି ଭଙ୍ଗାରୁଜା କରିବା ଏବଂ ସୁନା ମଙ୍ଗଳସୂତ୍ର ଓ ୨୦ହଜାର ଟଙ୍କା ନେଇଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ଏକ ମାମଲା (ନଂ. ୨୮୭/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଗଣେଶ ଫେରାର ଥିବାବେଳେ ଉଭୟପକ୍ଷର ଅନ୍ୟ ସମସ୍ତଙ୍କୁ ଥାନା ପକ୍ଷରୁ ନୋଟିସ୍ ଦିଆଯାଇଥିବା ପୋଲିସ କହିଛି। ଅପରପକ୍ଷରେ ଗଣେଶଙ୍କୁ ପୋଲିସ ରାଜନୈତିକ ଚାପରେ ଗିରଫ କରୁ ନ ଥିବା ଆଲୋଚନା ହେଉଛି।

# ୫ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍, ୧୯ରେ ବିଚାର

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଏହାର ବିଚାର ଚାଲିଛି। ସୋମବାର ଚାର୍ଜଫ୍ରେମ୍ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୫ ଅଭିଯୁକ୍ତ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କୁ ପୋଲିସ କଡ଼ା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସେମାନଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଯେଉଁସବୁ ଦଫା ଲଗାଇଛି ସେ ନେଇ ଜଜ୍ କହିଥିଲେ। ସେ ସବୁ ଚାର୍ଜଫ୍ରେମ୍ ହୋଇଛି ବୋଲି ଜଜ୍ ସେମାନଙ୍କୁ କହିଥିଲେ। ଆସନ୍ତା ୧୯ ତାରିଖରେ ପ୍ରଥମ ସାକ୍ଷୀ କୋର୍ଟରେ ହାଜର ହୋଇ ବୟାନ ରଖିବା ନିମନ୍ତେ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରିତା ମହାପାତ୍ର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ସନ୍ଧ୍ୟାରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରିଥିଲା। ଜୁନ ୧୬ରେ ୬ ଜଣ ସାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଧରି ଜୁଭେନଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ୍ ୧୭ରେ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନା କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲେ। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଓମ୍ ପ୍ରଧାନଙ୍କୁ ଚାର୍ଜଶିଟରୁ କ୍ରାଇମବ୍ରାଞ୍ଚ ବାଦ୍ ଦେଇଥିଲା। ଓମ୍‌ଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ତଳ କୋର୍ଟ ଓ ପରେ ଜିଲା ଜଜକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏଠାରେ ତାହା ଖାରଜ ପରେ ହାଇକୋର୍ଟରେ ବିଚାରାଧୀନ ରହିଛି।

# ନକଲି ସୁନାଶଙ୍ଖ ସହ ୬ ଗିରଫ

## ଡକାୟତି ଉଦ୍ୟମ ପଣ୍ଡ କଲା ପୋଲିସ

ପାପଡ଼ାହାଣ୍ଡି, ୮।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ଜଙ୍ଗଲ ନିକଟରେ ଚାଲିଥିଲା ଡକାୟତି ଉଦ୍ୟମ, ଖବରପାଇ ମାଡ଼ି ବସିଲା ପୋଲିସ। ଘଟଣାସ୍ଥଳରୁ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଏକ ନକଲି ସୁନାଶଙ୍ଖ ସହ ଗୋଟିଏ କାର୍, ଅନେକ ମାରଣାସ୍ତ୍ର, ୯ ମୋବାଇଲ ଓ ନଗଦ ୧୪ହଜାର ୫୦୦ ଟଙ୍କା ମିଳିଥିବା ଏଏସ୍‌ପି ଆଦିତ୍ୟ ସେନ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରାମ ଚାଲାଣ, ଗୋପାଳ ମାଝୀ, ଅସ୍ତୁ ମାଝୀ, କ୍ରିଷ୍ଣା ପନକା, ତ୍ରିପତି ବିନ୍ଧାଣି, ଉମେଶ ରାଜ ଭାରତୀ। ଫେରାର ଅଭିଯୁକ୍ତ ହେଲେ ବଳରାମ ହରିଜନ।

ପୋଲିସ ସୂଚନାନୁଯାୟୀ, ଶନିବାର ରାତିରେ ମୈଦଲପୁର ଥାନା ଅଧିକାରୀ ବିପିନ କୁମାର କୁଲଦୀପଙ୍କ ଟିମ୍ ମୈଦଲପୁରସ୍ଥିତ ନୀଳାଦ୍ରିଗୁଡ଼ା ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କେତେଜଣ ଯୁବକ ମୈଦଲପୁର ଜଙ୍ଗଲରେ କାର୍ ରଖି କଥା ହେଉଥିବା ଦେଖି ପୋଲିସକୁ ସନ୍ଦେହ ହେବାରୁ ତାଙ୍କ ନିକଟରେ ପହଞ୍ଚି ପଚରାଉଚରା କରିଥିଲା। ଏହି ସମୟରେ ବଳରାମ ଘଟଣାସ୍ଥଳରୁ ଦୌଡ଼ିପଳାଇଥିଲେ। ଅନ୍ୟମାନଙ୍କୁ ପୋଲିସ କାବୁକରି ଯାଞ୍ଚ କରିବାବେଳେ ନକଲି ସୁନାଶଙ୍ଖ ସହ ମାରଣାସ୍ତ୍ର, ମୋବାଇଲ, ଟଙ୍କା ଆଦି ମିଳିଥିଲା। ପୋଲିସ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ଆଇଆଇସି ବିପିନ କୁମାର କୁଲଦୀପ, ଏଏସ୍‌ଆଇ କମଳ ଲୋଚନ ନାୟକ ଓ ଲୋକେଶ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

# ୬୮ ଲକ୍ଷର ବ୍ରାଉନସୁଗାର ଜବତ, ମା' ପୁଅ ଗିରଫ

କାମାକ୍ଷାନଗର, ୮।୧୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ମୁଣ୍ଡିଦେଉଳି ଅଞ୍ଚଳରେ ଚଢ଼ାଉ କରାଯାଇ ୬୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ସଂପୃକ୍ତ ମା' ଓ ପୁଅଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଗାଲୁକାଟେଣୀ ଗ୍ରାମର ମମତା ସାହୁ (୪୩) ଓ ତାଙ୍କ ପୁଅ ଆଶୁତୋଷ ମୁଣ୍ଡିଦେଉଳି ଅଞ୍ଚଳରେ ଏକ ଭଡ଼ା ଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ଅବକାରୀ ବିଭାଗ ଓ ପୋଲିସକୁ ଚକ୍‌ମା ଦେଇ ଦୀର୍ଘଦିନ ଧରି ସେମାନେ ଏହି କାରବାର ଚଳାଇ ଆସୁଥିଲେ। ରବିବାର ସନ୍ଧ୍ୟାରେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଡିଏସ୍‌ପି ସାଓ୍ୱନ କୁମାର ଭୋଳଙ୍କ ନେତୃତ୍ୱରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ସୁନିତା କେରକେଟାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ୬୮୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ମା' ଓ ପୁଅଙ୍କୁ ଗିରଫ କରିଥିଲେ। ତେବେ ଏହି ବ୍ରାଉନସୁଗାର କେଉଁଠୁ ଆସୁଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି କାରବାରରେ ରାଜ୍ୟ ବାହାର ବେପାରୀମାନଙ୍କ ସମ୍ପର୍କ ରହିଛି କି ନାହିଁ ସେ ନେଇ ଅବକାରୀ ବିଭାଗ ତଦନ୍ତ ଚଳାଇଛି।

# ବ୍ୟାଟ୍‌ରେ ଗଞ୍ଜେଇ ଚାଲାଣ, ୨ ବଙ୍ଗୀୟ ଯୁବକ ଗିରଫ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣକାରୀମାନେ ବିଭିନ୍ନ ଉପାୟରେ ସେମାନଙ୍କ କାରବାର ଚଳାଇଛନ୍ତି। ସୋମବାର ୨ ଯୁବକ କ୍ରିକେଟ ବ୍ୟାଟ ଭିତରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡିଛନ୍ତି।

ଖୋର୍ଦ୍ଧା ଡିଭିଜନ ରେଳ ସୁରକ୍ଷା ବଳ (ଆର୍‌ପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ ଗୋଇନ୍ଦା ସୂଚନା ଆଧାରରେ ବ୍ରହ୍ମପୁର ରେଳ ଷ୍ଟେଶନ ଫୁଟ ଓଭର ବ୍ରିଜରେ ଛିଡା ହୋଇଥିବା ୨ ଯୁବକଙ୍କୁ କାବୁ କରିଥିଲା। ସେମାନେ ଧରିଥିବା ଅଖା ବସ୍ତାଗୁଡିକ ଯାଞ୍ଚ କରିବାରୁ ସେଥିରେ ୧୦ଟି କ୍ରିକେଟ ବ୍ୟାଟ, ୧୩ଟି ଏୟାର ବ୍ୟାଗ ଥିବା ଜଣାପଡିଥିଲା। ବ୍ୟାଟଗୁଡିକ କାଟିବା ବେଳେ ତାହା ଭିତରୁ ଗଞ୍ଜେଇ ମିଳିଥିଲା। ସେହିପରି ବ୍ୟାଗଗୁଡିକରେ ମଧ୍ୟ ଗଞ୍ଜେଇ ରହିଥିଲା। ସେଠାରୁ ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପରେ ଉକ୍ତ ଟିମ୍ ଜିଆରପିରେ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ ଜିମା ଦେଇଥିଲା। ଅଭିଯୁକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଅଲ୍ଲୀ ହୁସେନ(୨୨) ଓ ରୋନି ଶେଖ(୨୦)। ପୋଲିସକୁ ଦେଖି ରୋନି ରେଳବାଇ ଫୁଟ ଓଭରବ୍ରିଜ ଉପରୁ ଡେଇଁ ଆହତ ହୋଇଥିବର ସୂଚନା ମିଳିଛି। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି କେରଳ ଚାଲାଣ କରୁଥିଲେ। ବିବେକ ଏକ୍ସପ୍ରେସ ଟ୍ରେନରେ ବ୍ରହ୍ମପୁରରୁ ଏର୍ନାକୁଲମ ଯିବା ପାଇଁ ସେକଣ୍ଡ କ୍ଲାସ ଏସିରେ ଟିକେଟ କରିଥିଲେ। ମାମଲା ନଂ. ୧୫୩/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## Business

# ନଭେମ୍ବରରେ ଯାନ ବିକ୍ରି ବୃଦ୍ଧି

## ୨ ଚକିଆ ବିକ୍ରି ୩% ହ୍ରାସ

ଭୁବନେଶ୍ୱର,୮।୧୨

୨୦୨୫ ନଭେମ୍ବରରେ ଭାରତର ଅଟୋମୋବାଇଲ ରିଟେଲ ବିକ୍ରୟ ପାର୍ବଣ ଋତୁ ପରେ ମଧ୍ୟ ଭଲ ପ୍ରଦର୍ଶନ କରିଛି। ଯାନ ରେଜିଷ୍ଟ୍ରେଶନ ୨% ବୃଦ୍ଧି ପାଇ ୩୩ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି, ଯେଉଁଥିରେ ପାସେଞ୍ଜର୍ ଯାନ, ବାଣିଜ୍ୟିକ ଯାନ, ତିନି ଚକିଆ ଏବଂ ଟ୍ରାକ୍ଟର ସେଗ୍‌ମେଣ୍ଟରେ ଦୃଢ଼ ଚାହିଦା ଦେଖାଯାଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ତଥ୍ୟ ଅନୁସାରେ, ୨୦୨୪ ନଭେମ୍ବରରେ ୩୨,୩୧,୫୨୬ ୟୁନିଟ୍ ବିକ୍ରୟ ହୋଇଥିବାବେଳେ ଚଳିତବର୍ଷ ଏହା ୩୩,୦୦,୮୩୨ ୟୁନିଟକୁ ବୃଦ୍ଧି ପାଇଛି। ଫାଡା ଅଧ୍ୟକ୍ଷ ସି.ଏସ.ବିଘ୍ନେଶ୍ୱର କହିଛନ୍ତି, ଜିଏସ୍‌ଟି ହାରରେ ସଂଶୋଧନ ଏବଂ ଅରିଜିନାଲ ଇକ୍ୱିପମେଣ୍ଟ ମାନ୍ୟୁଫ୍ୟାକ୍ଟରର(ଓଇଏମ୍)-ଡିଲର ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଗାଡ଼ିକିଣିବାକୁ ଉତ୍ସାହିତ କରିଛି। ପାସେଞ୍ଜର୍ ଯାନ ସେଗମେଣ୍ଟରେ ୨୦% ବୃଦ୍ଧି ହୋଇଛି। ଗତବର୍ଷ ୩,୨୯,୨୫୩ ୟୁନିଟ୍ ବିକ୍ରି ହୋଇଥିବାବେଳେ ଏବର୍ଷ ୩,୯୪,୧୫୨ ୟୁନିଟ୍ ରେଜିଷ୍ଟ୍ରେଶନ ହୋଇଛି। ମାତ୍ର ୨ ଚକିଆ ବିକ୍ରୟ ୩% ହ୍ରାସ ପାଇଛି ଅର୍ଥାତ୍ ୨୫,୪୬,୧୮୪ ୟୁନିଟ୍ ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ରେଜିଷ୍ଟ୍ରେଶନ ୨୦% ବୃଦ୍ଧି ପାଇ ୯୪,୯୩୫ ୟୁନିଟ ହୋଇଛି। ୩ ଚକିଆ ରିଟେଲ ୨୪% ବୃଦ୍ଧି ପାଇ ୧,୩୩,୯୫୧ ୟୁନିଟ୍ ଏବଂ ଟ୍ରାକ୍ଟର୍ ୫୭% ବୃଦ୍ଧି ପାଇ ୧,୨୬,୦୩୩ ୟୁନିଟ୍ ହୋଇଛି। ଗ୍ରାମ୍ୟ ଅର୍ଥନୀତିରେ ସୁଧାର ଯୋଗୁ ଆଗାମୀ ମାସର ଆଉଟଲୁକ ସକାରାତ୍ମକ ରହିଛି। ଆଗାମୀ ତିନି ମାସରେ ଜିଏସ୍‌ଟି ୨.୦ର ଟ୍ୟାକ୍ସ ରେସନାଲାଇଜେଶନ, ଦୃଢ଼ ଏନ୍‌କ୍ୱାରି ପାଇପଲାଇନ ଏବଂ ଗ୍ରାମ୍ୟ ଅର୍ଥନୀତିର ସୁଧାର ଯୋଗୁ ଅଟୋ ରିଟେଲ ସେକ୍ଟରରେ ତୀବ୍ରତା ବଜାୟ ରହିବ। ଏଥିରେ ୭୪% ଡିଲର ବୃଦ୍ଧିର ଆଶା କରୁଛନ୍ତି। ଜାନୁଆରୀରେ ଯାନଗୁଡ଼ିକର ମୂଲ୍ୟ ବୃଦ୍ଧିର ଆଶଙ୍କା ଅଛି । ମାତ୍ର ୨୦୨୬ର ନୂଆ ମଡେଲ ଲଞ୍ଚ, ବିବାହ ଋତୁ ଏବଂ ଗ୍ରାମ୍ୟ ବଜାରରେ ଫସଲ ବିକ୍ରୟରୁ ଲିକ୍ୱିଡିଟି ଯୋଗୁ କନଭରସନରେ ଆହୁରି ତୀବ୍ରତା ଆସିବାର ଆଶା କରାଯାଉଛି।

# ରେଳଷ୍ଟେଶନରେ ବନ୍ଦ ହେବ ଅନଧିକୃତ ବ୍ୟବସାୟ

ଭୁବନେଶ୍ୱର,୮।୧୨(ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେଶନ ଏବଂ ଟ୍ରେନ୍‌ରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆର୍‌ପି) କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ।



# ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଇରେଡ଼ାର ଗୁରୁତ୍ୱ



ଭୁବନେଶ୍ୱର,୮।୧୨

ପୁରୀରେ ଅନୁଷ୍ଠିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ ୨୦୨୫ରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। 'ଗ୍ରିନ୍ ଆଣ୍ଡ କ୍ଲିନ୍: ବାଲାନ୍ସିଂ ଇକୋଲଜି ଆଣ୍ଡ ଇକୋନମି' ଶୀର୍ଷକ ପ୍ୟାନେଲରେ ପ୍ରଦୀପ କହିଥିଲେ, ସବୁଜ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କରୁଥିବା ଇରେଡା ଦେଶରେ ୨.୭ ଲକ୍ଷ କୋଟି ଟଙ୍କା ମଞ୍ଜୁର ଓ ୧.୭ ଲକ୍ଷ କୋଟି ଟଙ୍କାକୁ ଆବଣ୍ଟନ କରିଛି। ଇସ୍ପାତ ଓ ଆଲୁମିନିୟମର ଏକ ପ୍ରମୁଖ ଉତ୍ପାଦନକାରୀ ଭାବେ ଧାତବ ରିସାଇକ୍ଲିଂ ଓ ଗ୍ରୀନ ହାଇଡ୍ରୋଜେନ ସମନ୍ୱୟ ସହ ସର୍କୁଲାର ବିନିର୍ମାଣ ହାସଲ କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ରପ୍ତାନି ପାଇଁ ପ୍ରିମିୟମ ସବୁଜ ଇସ୍ପାତ ଉତ୍ପାଦନକୁ ସକ୍ଷମ କରିବ ଓ ରାଜ୍ୟର ଜିଡିପିକୁ ବଢ଼ାଇବ। ଘୋଷଣା କରାଯାଇଥିବା ୭ ଏମଟିପିଏରୁ ଅଧିକ ଗ୍ରୀନ ଆମୋନିଆ କ୍ଷମତା ଓ ଅନେକ ଶିଳ୍ପ କ୍ଲଷ୍ଟର ସହ ସାରା ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନକୁ ନେଇ ରହିଥିବା ବ୍ୟାପକ ସମ୍ଭାବନା ଉପରେ ସେ କହିଥିଲେ। ଓଡ଼ିଶାରେ ଏଜେନ୍ସି ପକ୍ଷରୁ ୨୪୦୦ କୋଟି ଟଙ୍କାରୁ ଅଧିକ ଆବଣ୍ଟନ କରାଯାଇଥିବା ବେଳେ ଜଳ, ସୌର, ଇଥାନଲ ଓ ବିନିର୍ମାଣ କ୍ଷେତ୍ରରେ ଏହାର ଲୋନ୍ ବୁକ୍ ୧୮୦୦ କୋଟି ଟଙ୍କା ରହିଛି। ମିଳିତ ହାଇଡ୍ରୋଜେନ ଭିତ୍ତିଭୂମି, ପ୍ଲଗ ଆଣ୍ଡ ପ୍ଲେ ଆର୍‌ଇ ପାର୍କ, ଆବଣ୍ଟିତ ସୋଲାର ପାଇଁ ଫାଇନାନ୍ସ ଓ ବିଦେଶୀ ମୁଦ୍ରା ଋଣକୁ ଏହାର ଗିଫ୍ଟ ସିଟି ସହାୟକ ସଂସ୍ଥା ଜରିଆରେ ପ୍ରଦାନ କରିବାକୁ ଇରେଡା ପ୍ରସ୍ତୁତ ରହିଛି।

# ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ନୀତା ଅମ୍ବାନୀଙ୍କ ସହ ଓଡ଼ିଶାରୁ ଗୁଞ୍ଜନଙ୍କ ଯୋଗଦାନ

ଭୁବନେଶ୍ୱର,୮।୧୨

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନୀତା ଅମ୍ବାନୀ ବହୁପିଢ଼ି ଧରି କଳା ସହିତ ଜଡ଼ିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ। ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ଓଡ଼ିଶା ଇକତ୍ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁଞ୍ଜନ ଜୈନ, ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବୀରେନ ବସକ, ୨୦୧୯ରେ ଶିଳ୍ପୀ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାଞ୍ଜୋର ଚିତ୍ରଶିଳ୍ପୀ ଭି. ପନ୍ନିରସେଲଭମ, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶମ୍ଭି ବନ୍ଟୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଘନଶ୍ୟାମ ସରୋଡ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇ ମିଶନକୁ ଆମାଜନର ସମର୍ଥନ

ଭୁବନେଶ୍ୱର,୮।୧୨

ଭାରତ ସରକାରଙ୍କ ଏଆଇ ମିଶନକୁ ସମର୍ଥନ କରି ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରି ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଞ୍ଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଞ୍ଚାଇବାକୁ ଯୋଜନା ରହିଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମୀର କୁମାର କହିଛନ୍ତି, ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, ସରକାରୀ ସ୍କୁଲର ଛାତ୍ର ନୂଆ କ୍ୟାରିୟର ବାଛିପାରିବେ ଓ ଗ୍ରାହକମାନେ ନିଜ ଭାଷାରେ ସପିଂ କରିପାରିବେ। ସ୍ଥାନୀୟ ଭାରତ ଏଆଇ ମିଶନର ସିଇଓ ଅଭିଷେକ ସିଂହ କହିଛନ୍ତି, ଶ୍ରେଣୀ ଗୃହରେ ଏଆଇକୁ ସମନ୍ୱିତ କରିବା କେବଳ ଏକ ଦକ୍ଷତା ଅଭିଯାନ ନୁହେଁ, ଏହା ରାଷ୍ଟ୍ର ଗଠନର ଉଦ୍ୟମ।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

**ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୬ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ**

ବିଜ୍ଞପ୍ତି ନଂ.2800/ (Exam.Conf.-II)/ ତା.3.12.2025 ରିଖ

No.N-229:ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟ/ଟୋଲ୍‌ର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୬ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ତା.୧୯.୦୨.୨୦୨୬ ରିଖଠାରୁ ଆରମ୍ଭ ହୋଇ ତା. ୦୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

| | |
|---|---|
| **19/02/2026 (Thursday)**<br>**(09.00 am to 11.30 am)**<br>**PAPER-IV (MOR/MHN)**<br>ମାତୃଭାଷା (ଓଡ଼ିଆ/ହିନ୍ଦୀ)<br>MATRUBHASA (ODIA/HINDI) | **20/02/2026 (Friday)**<br>**(09.00 am to 11.30 am)**<br>**PAPER-I (VOD)**<br>ସଂସ୍କୃତ ବ୍ୟାକରଣ ଓ ଦର୍ଶନ<br>(SANSKRUTA VYAKARANA 'O' DARSHAN) |
| **21/02/2026 (Saturday)**<br>**(09.00 am to 11.00 am)**<br>**PAPER-VIII (ENG)**<br>ଇଂରାଜୀ ENGLISH | **23/02/2026 (Monday)**<br>**(09.00 am to 11.30 am)**<br>**PAPER-II (SHA)**<br>ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |
| **24/02/2026 (Tuesday)**<br>**(09.00 am to 11.30 am)**<br>**PAPER-III (KKJ/AVJ)**<br>ପ୍ରୟୋଗାତ୍ମକ ସଂସ୍କୃତ<br>(PRAYOGATMAKA SANSKRUTA)<br>(କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | **25/02/2026 (Wednesday)**<br>**(09.00 am to 11.00 am)**<br>**PAPER-VI (GSC)**<br>ବିଜ୍ଞାନ (SCIENCE) |
| **27/02/2026 (Friday)**<br>**(09.00 am to 11.00 am)**<br>**PAPER-VII (SSC)**<br>ସାମାଜିକ ବିଜ୍ଞାନ (SOCIAL SCIENCE) | **02/03/2026 (Monday)**<br>**(09.00 am to 11.15 am)**<br>**PAPER-V (MTH)**<br>ଗଣିତ (MATHEMATICS) |

✓ **VOD, SHA, KKJ/AVJ** ଏବଂ **MOR/MHN** ବିଷୟଗୁଡ଼ିକରେ ୫୦ ମାର୍କର **Subjective** ପ୍ରଶ୍ନ ଏବଂ ୫୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।

✓ **MTH, GSC, SSC** ଏବଂ **ENG** ବିଷୟଗୁଡ଼ିକରେ ୩୫ ମାର୍କର **Subjective** ପ୍ରଶ୍ନ ଏବଂ ୪୦ ମାର୍କର **Objective (MCQ)** ପ୍ରଶ୍ନ ଆସିବ ।

**Objective (MCQ)** ପ୍ରଶ୍ନର ଉତ୍ତର **OMR Answer Sheet**ରେ ଏବଂ **Subjective** ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।

**OIPR-27004/11/0121/2526** ସ୍ୱା./-ସମ୍ପାଦକ

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରିପାରିବା ନାହିଁ। ତା' ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। -ଶ୍ରୀମା



# ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ

'ବନ୍ଦେ ମାତରମ୍' ଭାରତର ଜାତୀୟ ଗୀତ ଭାବେ ଜଣାଶୁଣା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ୧୮୭୫ ନଭେମ୍ବର ୭ରେ ପ୍ରଥମେ 'ବଙ୍ଗଦର୍ଶନ' ସାହିତ୍ୟ ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ୨୦୨୫ ନଭେମ୍ବର ୭ରେ ଏହାର ୧୫୦ ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଦେଶବ୍ୟାପୀ ବର୍ଷସାରା ଏହା ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ଏହି ଗୀତ ଶକ୍ତି ଦେଇଥିବାରୁ ସଂସଦରେ ଏହା ଉପରେ ୮ ଡିସେମ୍ବରରେ ବିତର୍କ ଆରମ୍ଭ ହୋଇଛି। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ନେଇ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାଧୀନତା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସାମ୍ପ୍ରଦାୟିକ ସମ୍ପ୍ରଦାୟଶୀଳତାକୁ ମାନିନେଇଥିଲେ। ସେ ପୁଣି କହିଛନ୍ତି, ନେହେରୁ ଭାବୁଥିଲେ ଯେ, ବନ୍ଦେ ମାତରମ୍ ମୁସଲମାନଙ୍କୁ କ୍ରୋଧିତ କରିବ। ମହମ୍ମଦ ଅଲ୍ଲୀ ଜିନ୍ନା ବନ୍ଦେ ମାତରମ୍କୁ ବିରୋଧ କରୁଥିବାରୁ ନେହେରୁ ତାଙ୍କ ସହ ଏକମତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବନ୍ଦେ ମାତରମ୍ର ମୂଳ 'ଆନନ୍ଦମଠ' ହୋଇଥିବାରୁ ମୁସଲମାନ ସମ୍ପ୍ରଦାୟକୁ ଏହା ଅପମାନିତ କରିବ ବୋଲି ଜିନ୍ନା ଆଶଙ୍କା ବ୍ୟକ୍ତ କରିବାରୁ ନେହେରୁ ତାଙ୍କ ସହ ସାଲିସ କରିଯାଇଥିଲେ ବୋଲି ମୋଦି କହିବା ପରେ ସଂସଦରେ ରାଜନୈତିକ ବାକ୍ବିତଣ୍ଡା ହୋଇଛି।

ଅନ୍ୟପଟେ ଆଜି ଏକବିଂଶ ଶତାବ୍ଦୀର ୨୫ ବର୍ଷ ପୂରିବାକୁ ଯାଉଛି। କେତେଦିନ ପର୍ଯ୍ୟନ୍ତ ଇତିହାସକୁ ଗାଳିଦେଇ କେବଳ ପଛକୁ ଦେଖିବା ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ବ୍ୟସ୍ତ କଲାଣି । ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିବେ। ଆଜିର ପ୍ରତ୍ୟେକ ଯୁବତୀଯୁବକ ତାଙ୍କର ନିଜର ମାତାପିତାଙ୍କୁ ଅମାନ୍ୟ କରିବା ସହିତ ସେମାନଙ୍କର ତ୍ରୁଟିକୁ ଧରି ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହା ହେଉଛି ମଣିଷ ଜାତିର ଏକ କ୍ଷୁଦ୍ର ଚରିତ୍ରର ପରିଚୟ। ଆଗୁଆ ଧାଡ଼ିର ନେତା, ଲେଖକ, ବୈଜ୍ଞାନିକ, କଳାକାର ଏବଂ ସାଧାରଣ ନାଗରିକ ଭାବେ ସେହିମାନେ ପରିଚିତ ହୁଅନ୍ତି, ଯେଉଁମାନେ ବିଗତ ଦିନଗୁଡ଼ିକର ଅନ୍ଧକାର, ଦୋଷତ୍ରୁଟିକୁ ପଛରେ ପକାଇ ନିଜ କାର୍ଯ୍ୟରେ ଭବିଷ୍ୟତକୁ ଗଢ଼ନ୍ତି। ଆଇନଷ୍ଟାଇନଙ୍କ ପୂର୍ବରୁ ତାଙ୍କ 'ଥିଓରି ଅଫ୍ ରିଲେଟିଭିଟି' ସମ୍ପର୍କରେ ଅନେକ ବୈଜ୍ଞାନିକ ଗବେଷଣା କରିଥିଲେ ମଧ୍ୟ କେହି ସ୍ପଷ୍ଟ ଆକାର ଦେଇ ତାହାର ଉଦ୍ଭାବନ କରିପାରି ନ ଥିଲେ। ତେବେ ଆଇନଷ୍ଟାଇନ କେବେ ହେଲେ ପୂର୍ବ ପଦାର୍ଥବିଜ୍ଞାନୀଙ୍କୁ ହୀନ ଭାବେ ଦର୍ଶାଇ ନ ଥିଲେ। ସେହିଭଳି ଭାରତୀୟ ବୈଜ୍ଞାନିକ ସି.ଭି. ରମଣ ଯେତେବେଳେ 'ରମଣ ଇଫେକ୍ଟ' ଅବିଷ୍କାର କଲେ ସେହି କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ କୌଣସି ଜାଗାରେ ସମାଲୋଚନା କରିଥିବାର ପ୍ରମାଣ ନାହିଁ। ଭାରତର ଚଳଚ୍ଚିତ୍ର ଜଗତରେ ଏମ୍. ଜି. ରାମଚନ୍ଦ୍ରନ, ଦେବ ଆନନ୍ଦ, ଦିଲୀପ କୁମାର କିମ୍ବା ରାଜ କପୁର ତାଙ୍କର ନିଜସ୍ୱ ଶୈଳୀରେ ପରିଚିତ ହେବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପୂର୍ବରୁ ସେମାନଙ୍କ ମୁହଁରୁ ପୃଥ୍ୱୀରାଜ କପୁର କିମ୍ବା ଅନ୍ୟ କୌଣସି ପୁରୁଣା କଳାକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ଉଲ୍ଲେଖ କରିଥିବାର ପ୍ରମାଣ ମିଳେ ନାହିଁ। ଏହାପଛରେ ଗୋଟିଏ ମୁଖ୍ୟ କାରଣ ରହିଛି। ଉଦାହରଣ ସ୍ୱରୂପ, ନେହେରୁଙ୍କ ସମୟରେ ସ୍ୱାଧୀନତା ପାଇଥିବା ଭାରତରେ ଷ୍ଟିଲରୁ ଛୁଞ୍ଚିଟିଏ ତିଆରି ହେଉ ନ ଥିଲା। ୭୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାରତ ଏହି ଦେଶର ନାଗରିକଙ୍କ ଶ୍ରମ ଓ ରକ୍ତରେ ଗଢ଼ିଉଠିଛି। ଆମ ଧାରଣାରେ କୌଣସି ଦେଶକୁ ରାଜନୈତିକ ନେତୃବୃନ୍ଦ ସୃଷ୍ଟି କରନ୍ତି ନାହିଁ। ଦେଶ ଗଠନର ପରିଶ୍ରମ ଚାଷୀ, ମଲିମୁଣ୍ଡିଆ, କାରଖାନା ଶ୍ରମିକ, ସୈନିକ, ବ୍ୟବସାୟୀ ଓ ଶିଳ୍ପପତିଙ୍କ ଭଳି ସାଧାରଣ ନାଗରିକ ତିଆରି କରନ୍ତି। ରାଜନେତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ହେଉଛି ଉଚ୍ଚକୋଟୀର ନୀତି ସୃଷ୍ଟି କରିବା ସହିତ ନିଜେ ନିଜ ଜୀବନକୁ ଅନୁକରଣ କଲାଭଳି ମଣିଷ ଭାବେ ସାବ୍ୟସ୍ତ କରିବା ଦରକାର। ଇତିହାସରୁ ଶିକ୍ଷା ନେବା ଉଚିତ। କିନ୍ତୁ ସବୁବେଳେ ଇତିହାସକୁ ସମାଲୋଚନା କରିବା ପରିବର୍ତ୍ତେ ଭବିଷ୍ୟତର ଦେଶ ଓ ଦେଶବାସୀଙ୍କ ଚରିତ୍ର ସୁଧାରିବା ହେବା କଥା ମୂଳ ଆହ୍ୱାନ।

ସଂସଦରେ ବନ୍ଦେ ମାତରମ୍ର ମାହାତ୍ମ୍ୟ ଉପରେ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିବା ବେଳେ ତାହାକୁ ରାଜନୀତିକରଣ କରାଯିବା ଆଜିର ସ୍ଥିତିରେ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। ନେହେରୁଙ୍କୁ ଭାଜପା ରାଷ୍ଟ୍ରନୀତିଜ୍ଞ ଭାବେ ମାନିବାକୁ ନାରାଜ। ଅବଶ୍ୟ ଏହା ଏକ ରାଜନୈତିକ ଦଳର ଆଦର୍ଶଗତ ଚିନ୍ତାଧାରା ହୋଇପାରେ। କିନ୍ତୁ ମୃତ୍ୟୁର ୬ ଦଶନ୍ଧି ପରେ ତାଙ୍କୁ ଏବର ରାଜନୈତିକ ଗୋଳିଆପାଣି ଭିତରକୁ ବାରମ୍ବାର ଟାଣି ଆଣିବା ଅସୁନ୍ଦର ଲାଗୁଛି। ଉଦାହରଣ ଦେଇ କୁହାଯାଇପାରେ ଏମ୍ସ, ଆଇଆଇଟି, ଆଇଆଇଏମ୍, ଓଡ଼ିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ କିମ୍ବା ହୀରାକୁଦ ନଦୀବନ୍ଧ ଭଳି ସ୍ଥାପନାକୁ ଅନେକେ ତ୍ରୁଟିପୂର୍ଣ୍ଣ ଦେଖୁଥାଇ ପାରନ୍ତି। କିନ୍ତୁ ଆଜି ସେଭଳି କେଉଁ ନୂଆ କାର୍ଯ୍ୟ ହେଉଛି ତାହା ଅର୍ଦ୍ଧଶତାବ୍ଦୀ ପରେ ସେ ସମୟର ଯୁବପିଢ଼ି ଚିନ୍ତା କରିବେ। ନେହେରୁଙ୍କ ସବୁ ନିଷ୍ପତ୍ତି ନିଖୁଣ ହୋଇ ନ ଥାଇପାରେ। କିନ୍ତୁ ସେ ଭିନ୍ନ ମତକୁ ସମ୍ମାନ ଦେଉଥିଲେ ବୋଲି ପଢ଼ିବାକୁ ମିଳେ। ହେଲେ ଏବର ସରକାର ସେହି ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତେ ବିରୋଧୀଙ୍କ ସ୍ୱରକୁ ସର୍ବଦା ଚାପିଦେବାକୁ ଚେଷ୍ଟା କରୁଛି।

ଆଜିର ଡିଜିଟାଲ ଯୁଗରେ ପ୍ରତି ମୁହୂର୍ତ୍ତର କଥା ଓ କାର୍ଯ୍ୟ ଲିପିବଦ୍ଧ ବା ସାଇତା ହୋଇ ରହିଯାଉଛି। ନେହେରୁଙ୍କ ସମୟରେ କ'ଣ ଘଟିଥିଲା ତାହା ଇତିହାସ ବହିରୁ ପଢ଼ିବାକୁ ମିଳୁଛି। ସେଥିରେ ସତ୍ୟତା ଓ ତଥ୍ୟରେ ହୁଏତ କେତେକ ସ୍ଥାନରେ ଫରକ୍ ଆସିପାରେ। ହେଲେ ଏବେ ନେତାମାନେ ଯାହା କହୁଛନ୍ତି ଓ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଭବିଷ୍ୟତ ପିଢ଼ି ପାଇଁ ଦଲିଲ ଭାବେ ପ୍ରତୀୟମାନ ହେବ। ଏବେ ସାଇତା ଯାଇପାରୁଥିବା ଛବି ଓ ସ୍ୱରର ପ୍ରମାଣକୁ ଭବିଷ୍ୟତରେ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଅତୀତର ନେତାଙ୍କ କଥା ଓ କାର୍ଯ୍ୟକୁ ନେଇ ଆଜିର ନେତୃତ୍ୱ ଯେଉଁଭଳି ଢଙ୍ଗରେ ସେମାନଙ୍କୁ ନିନ୍ଦା କରୁଛନ୍ତି, ଏବେ ସେମାନେ କରୁଥିବା କର୍ମମାନ ଓ ଉଚ୍ଚାଟ କରୁଥିବା ସ୍ୱର ମଧ୍ୟ ସମୟକ୍ରମେ ପରଖାଯିବ। ବର୍ତ୍ତମାନ ଅନେକ ଭାରତବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ଓ ଶ୍ରଦ୍ଧା କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ପରବର୍ତ୍ତୀ ପିଢ଼ି ଯଦି ଆଜିର କାର୍ଯ୍ୟ ଓ ମତକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ତେବେ ସେତେବେଳେ ଜୀବିତ ଭାରତୀୟଙ୍କୁ ବାଧିପାରେ। ସେଥିପାଇଁ ନିଜ କର୍ତ୍ତବ୍ୟକୁ ଉଚିତ ଭାବେ କରିବା ହେଉଛି ଉଚ୍ଚକୋଟୀ ନେତୃତ୍ୱର ପରିଚାୟକ।

# ଶିଶୁ ଅନୁକୂଳ ପାଠାଗାର



ଲୋକନାଥ ପଣ୍ଡା

ଜାତୀୟ ଶିକ୍ଷାନୀତି ୨୦୨୦ରେ ଏବଂ ଜାତୀୟ ପାଠ୍ୟ ଖସଡ଼ା ୨୦୨୨ରେ ପ୍ରାକ୍-ପ୍ରାଥମିକ ଶିକ୍ଷାରେ ଇମରଜେଣ୍ଟ ଲିଟରେସି ବା ଅଙ୍କୁରିତ ସାକ୍ଷରତା, ଇମରଜେଣ୍ଟ ରିଡିଂ ବା ଅଙ୍କୁରିତ ପଠନ ବା ପ୍ରାକ୍-ପଠନ, ପ୍ରାକ୍-ଲିଖନ ଆଦି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଜାତୀୟ ଶିକ୍ଷାନୀତିରେ ଶିଶୁଟି ୩+ ବେଳକୁ ପୁସ୍ତକ କିପରି ଖୋଲିବ, ପୁସ୍ତକ କିପରି ଓଲଟାଇବ, ବାଆଁରୁ ଡାହାଣକୁ ପଠନ ଆଦି ସମ୍ପର୍କରେ ଶିଶୁଟି ୩+ ବେଳକୁ ଜାଣିବ ଏବଂ ପୁସ୍ତକ ଦେଖି ପ୍ରି-ଟେଣ୍ଡ ରିଡିଂ ବା ଅନୁଭୂତି ଆଧାରିତ ପଠନ କରିବ, ପ୍ରାକ୍ ଲିଖନ କରିବ ସେ ସମ୍ପର୍କରେ ବର୍ଣ୍ଣନା ରହିଛି । ଏ ସବୁ ମୂଳରେ ରହିଛି ଶିଶୁବାଟିକାରେ କିମ୍ବା ଶିଶୁଙ୍କ ଅଙ୍ଗନୱାଡି ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟରେ କେତେଦୂର ପୁସ୍ତକ ହାତପାଆନ୍ତାରେ ମିଳୁଛି ଏବଂ ଶିକ୍ଷକ ବା ଅଙ୍ଗନୱାଡି ଦିଦି କେତେଦୂର ଶିଶୁଙ୍କୁ ପୁସ୍ତକ ସହ ପରିଚିତ କରାଉଛନ୍ତି!

ବିଦ୍ୟାଳୟର ପାଠାଗାର କିମ୍ବା ଗାଁ ପାଠାଗାର ହେଉ, ଯଦି ଏହା ସକ୍ରିୟ ଥାଏ ତେବେ ନିଶ୍ଚିତ ଭାବରେ ପିଲାଟି ଦିନରୁ ବହି ପ୍ରତି ଆକୃଷ୍ଟ କରିବା ତଥା ବହି ମାଧ୍ୟମରେ ଭାଷାର ବିକାଶ ହୋଇଥାଏ।ପୁସ୍ତକଗୁଡ଼ିକ ଯଦି ସୁନ୍ଦର ପରିପାଟୀ ହୋଇଥାଏ, ତେବେ ତାହା ପିଲାମାନଙ୍କୁ ଆକର୍ଷିତ କରିଥାଏ।ନିକଟରେ ମୁଁ ବିଷମକଟକ ବ୍ଲକ୍ର କିଛି ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖୁଥିଲି, ଯେଉଁଠି ଶିଶୁଙ୍କ ପାଇଁ ପୁସ୍ତକ ଥିଲା, ପୁସ୍ତକଗୁଡ଼ିକ ମୁଖ୍ୟତଃ ଚିତ୍ରମୟ ଏବଂ କେତୋଟି ପୁସ୍ତକରେ କିଛି କିଛି ଲେଖା ଥିଲା । ଅବସର ସମୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ଶିଶୁମାନେ ପୁସ୍ତକରୁ ଚିତ୍ର ଦେଖୁଥିଲେ ଏବଂ ଚିତ୍ର ଦେଖି ନିଜେ ଚିତ୍ରକୁ ଆଧାରକରି ବାକ୍ୟ କିଏ ଶବ୍ଦ କିଏ କହୁଥିଲେ। ବେଳେ ବେଳେ ପୁସ୍ତକକୁ ଆଧାରକରି ଚିତ୍ର ମଧ୍ୟ କରୁଥିଲେ।

ବିଷମକଟକ ବ୍ଲକ୍ର କିଛିବିରି ପ୍ରାଥମିକ ବିଦ୍ୟାଳୟକୁ ଦେଖୁଥିଲି।ସରକାରଙ୍କ ତରଫରୁ ବିଦ୍ୟାଳୟଗୁଡ଼ିକରେ କବିତା ପୋଷ୍ଟର ଆଦି ଦିଆଯାଇଛି, ଯାହାକି ଶିଶୁଙ୍କୁ ପାଠ୍ୟପୁସ୍ତକ ସହ ଚିତ୍ର ସାଙ୍ଗକୁ କାହାଣୀ ପୁସ୍ତକ ବ୍ୟବହାର ସମ୍ପର୍କରେ ଆଗ୍ରହ ସୃଷ୍ଟି ହୋଇପାରିବ।ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ କର୍ଣ୍ଣର ତିଆରି ହୋଇଛି। ସେଥିମଧ୍ୟରେ ଲାଇବ୍ରେରି କର୍ନର ରହିଛି। ବିଦ୍ୟାଳୟରେ ପୁସ୍ତକଗୁଡ଼ିକ ଏକ ଝୋଟ ବ୍ୟାଗ୍ରେ ରଖାଯାଇଥିଲା, ଶିଶୁମାନେ ଯେତେବେଳେ ଚାହିଁବେ ବା ଶିକ୍ଷାଦାନ ଚାଲି ନ ଥିବା ବେଳେ ପୁସ୍ତକ ନେଇ ପଢ଼ିପାରିବେ ବା ବ୍ୟବହାର କରିପାରିବେ। ସେଠାକାର ପିଲାଙ୍କ ସହ କଥାବାର୍ତ୍ତା ହେଉଥିଲି, ଶିଶୁମାନେ ପୁସ୍ତକ ନେଇ ପଢୁଛନ୍ତି ବୋଲି କହୁଥିଲେ, ପୁସ୍ତକଗୁଡ଼ିକର ନାମ ମଧ୍ୟ କହିପାରୁଥିଲେ।ବିଦ୍ୟାଳୟ ତରଫରୁ ପାଠାଗାରରୁ ପ୍ରତି ମାସରେ ଅଧିକ ପୁସ୍ତକ ପଢୁଥିବା ଶିଶୁଙ୍କୁ ପ୍ରାର୍ଥନା ସଭାରେ ସମ୍ମାନିତ କରାଯିବା ବିଷୟ ମଧ୍ୟ ସୂଚନା ଦେଉଥିଲେ।ବିଦ୍ୟାଳୟର ଶିଶୁମାନଙ୍କର ଶିକ୍ଷଣ ସ୍ତର ମଧ୍ୟ ଅଧିକ ଥିଲା। ବଡ଼କଥା ହେଲା ଶିଶୁମାନେ ବେଶ୍ ସକ୍ରିୟ ଓ ଖୁସି ପରିବେଶରେ ଥିଲେ।ବିଦ୍ୟାଳୟର ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସାକରି ରହିପାରୁ ନ ଥିଲି। କଥା ହେଉଛି ବିଦ୍ୟାଳୟକୁ ଯୋଗାଉଥିବା ପୁସ୍ତକଗୁଡ଼ିକ ଶିଶୁଙ୍କୁ ଅନୁକୂଳ ହେବା ଭଳି ଓ ପିଲାଙ୍କୁ ଆକର୍ଷଣ ହେବା ଭଳି ଥିଲା। ସିନି-ଟାଟା ଟ୍ରଷ୍ଟ ତରଫରୁ ବିଷମକଟକ ବ୍ଲକ୍ର ହାଟ ମୁନିଗୁଡ଼ା, ବଡ଼ଧାଣ୍ଡରା, ଚାଟିକଣା, ଜୋଡ଼, କାଙ୍କୁବାଡ଼ି ଆଦି ପ୍ରାଥମିକ ବିଦ୍ୟାଳୟରେ ଲାଇବ୍ରେରିର ପଠନ ନିମନ୍ତେ ଏକ ଶିଶୁ କୈନ୍ଦ୍ରିକ ପାଠାଗାରର ବ୍ୟବସ୍ଥା ହୋଇଛି ଏବଂ ଶିଶୁମାନେ ଏହାକୁ ଉପଯୋଗ କରୁଛନ୍ତି। ପ୍ରତି ମାସରେ ଯିଏ ପାଠାଗାରରୁ ପୁସ୍ତକ ନେଇ ଅଧିକ ବହି ପଢ଼ିଛି, ତାକୁ ସମ୍ମାନିତ କରିବା ଆଦି ବିଷୟରେ ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଉଥିଲି। କିଛି ବିଦ୍ୟାଳୟରେ ଦେଖୁଥିଲି, ଶିଶୁମାନେ ମଧ୍ୟ ଲାଇବ୍ରେରି ପୁସ୍ତକ ପରିଚାଳନା କରୁଛନ୍ତି, କିଏ ବହି ନେଉଛନ୍ତି, କିଏ କେଉଁ ବହି ରଖିଛନ୍ତି, ତାହାର ଏକ ତାଲିକା ରଖୁଛନ୍ତି। ବହି ସମ୍ପର୍କରେ ଆଲୋଚନା ମଧ୍ୟ କରୁଛନ୍ତି।

ପାଠାଗାର ହେଉଛି ଶିଶୁଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାଳୟଗୁଡ଼ିକରେ ଯଦି ଅଙ୍ଗନୱାଡି ସମୟରୁ ଶିଶୁଙ୍କୁ ବହି ପ୍ରତି ଆଗ୍ରହ ସୃଷ୍ଟି ହେବା ଭଳି କିଛି ଗତିବିଧି କରାଯାଏ, ଶିଶୁର ହାତପାଆନ୍ତାରେ ବହି ରହେ, ତେବେ ନିଶ୍ଚିତ ଭାବରେ ଶିଶୁମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ିଥାଏ ଓ ପରବର୍ତ୍ତୀ ସମୟରେ ମାଆବାପାଙ୍କୁ ଅବା ଶିକ୍ଷକଙ୍କୁ ଶିଶୁଟିର ପାଠପଢ଼ା ପ୍ରତି ବିଶେଷ ଚିନ୍ତା କରିବାକୁ ପଡ଼ି ନ ଥାଏ। ଅନେକ ସମୟରେ ଅଭିଭାବକଙ୍କ ଧାରଣା ଥାଏ ଯେ, ଲାଇବ୍ରେରି ପୁସ୍ତକ କିମ୍ବା ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ପୁସ୍ତକ ବାଟବଣା କରିଦେଇଥାଏ। ଏହିଭଳି ଭ୍ରାନ୍ତ ଧାରଣାରୁ ଅଭିଭାବକ ବାହାରକୁ ଆସିବା ଦରକାର। ଏପରିକି ଅନେକ ସମୟରେ ଶିକ୍ଷକ ମଧ୍ୟ ଲାଇବ୍ରେରି ପୁସ୍ତକ ପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି।



ବିଦ୍ୟାଳୟକୁ ସରକାରଙ୍କ ତରଫରୁ ହେଉ କିମ୍ବା ବିଭିନ୍ନ ଅନୁଷ୍ଠାନ ତରଫରୁ ଶିଶୁ ଉପଯୋଗୀ ପୁସ୍ତକ ନିରନ୍ତର ଭାବରେ ଯୋଗାଇ ଦିଆଯାଉଛି। ବିଦ୍ୟାଳୟର ପାଠାଗାରକୁ ଶିଶୁ ଉପଯୋଗୀ କରିବା ସମସ୍ତଙ୍କର ଦାୟିତ୍ୱ। କେବଳ ଶିକ୍ଷକ ନୁହନ୍ତି, ଗୋଷ୍ଠୀ ଅଭିଭାବକ ମଧ୍ୟ ବିଦ୍ୟାଳୟରେ ହେଉ ଘରେ ଛୋଟ ଛୋଟ ପାଠାଗାରଟିଏ ବିକାଶ କରିବା ଦରକାର। ଯଦି ଘରେ କିମ୍ବା ଗାଁରେ ପାଠାଗାରଟିଏ ଥାଏ, ତେବେ ଶିଶୁମାନଙ୍କର ପାଠପଢ଼ାରେ କେବଳ ନୁହେଁ, ଗ୍ରାମବାସୀଙ୍କ ଉପରେ ମଧ୍ୟ ଏହାର ପଭାବ ପଡ଼ିବ। ଗ୍ରାମବାସୀଙ୍କର ପଠନ ଦିଗ ପ୍ରତି ଆଗ୍ରହ ବଢ଼ିବ।ଅନେକ ସମୟରେ ଦେଖାଯାଏ, ଚା' ଦୋକାନୀ, ଜଳଖିଆ ଦୋକାନୀ, ପାନଦୋକାନୀ, ସେଲୁନ ଆଦିରେ ଖବରକାଗଜଟିଏ ରଖାଯାଇଥାଏ। ଏହାର ପ୍ରଭାବ ମଧ୍ୟ ସେମାନଙ୍କର ବ୍ୟବସାୟରେ ଅନେକ ମାତ୍ରାରେ ପଡ଼ିଥାଏ। ପଠନ ପ୍ରତି ଲୋକଙ୍କର ଆଗ୍ରହ ଏଥିରୁ ଅନୁମାନ କରିହୁଏ।

ଗାଁ ଗହଳିରେ ହେଉ, ସହରରେ ହେଉ ପୂର୍ବରୁ ପାଠାଗାରଟିଏ ଥିଲା। ପାଠାଗାରରେ ପୁସ୍ତକ ରହୁଥିବା ସହ ଅନେକ ପତ୍ରିକା (ବିଭିନ୍ନ ଭାଷାଭାଷୀ) ସହିତ ଖବରକାଗଜ ଆସୁଥିଲା।ବାପା, ମାଆ ଖବରକାଗଜ ପଠନକୁ ଆଧାରକରି ପିଲାଏ ମଧ୍ୟ ଖବରକାଗଜ ପଠନର ଅଭ୍ୟାସରେ ପଡ଼ିଯାଉଥିଲେ। ଅନେକ ବ୍ୟକ୍ତିବିଶେଷ ନିଜର ବ୍ୟକ୍ତିଗତ ପାଠାଗାର କରିଥିଲେ, ତାହାର ପ୍ରଭାବ ମଧ୍ୟ ନିଜ ଉପରେ ଏବଂ ଅନ୍ୟ ଉପରେ ପଡୁଥିଲା । ପୂର୍ବରୁ ସରକାରଙ୍କର ଜନ ସାକ୍ଷରତା ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଚାଲୁଥିଲା।ପଞ୍ଚାୟତ ସ୍ତରରେ ଲାଇବ୍ରେରି ଘର, ଗୋଷ୍ଠୀ ଘରରେ ଲାଇବ୍ରେରି ପୁସ୍ତକ ରଖିବା ପାଇଁ ଉତ୍ସାହିତ କରାଯାଉଥିଲା। ଗାଁରେ ଗୋଷ୍ଠୀ ଲାଇବ୍ରେରିଟିଏ ଥିଲା। କିନ୍ତୁ ବର୍ତ୍ତମାନ ତାହା ବନ୍ଦ ହୋଇଗଲାଣି କହିଲେ ଚଳେ!

ନିକଟରେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଫୋନ୍ ମାଧ୍ୟମରେ ପ୍ରାୟ ଅଧାଘଣ୍ଟାରୁ ଅଧିକ ପାଠାଗାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେ ତାଙ୍କର ଅନୁଭୂତିରୁ କହିଲେ, ସେ ଆଜି ଯାହା ହୋଇଛନ୍ତି କେବଳ ପିଲାଟି ଦିନରୁ ପାଠାଗାରର ସୁଯୋଗ ପାଇଥିବାରୁ ଏବଂ ପିଲାଟି ଦିନରୁ ପାଠାଗାରର ବ୍ୟବହାର କରିଥିବାରୁ। ସେ ନିଜର ଅନୁଭୂତିରୁ କହିଥିଲେ, ନିଜର ଲାଇବ୍ରେରିଟିଏ କରିଛନ୍ତି। ଲାଇବ୍ରେରି ଯୋଗୁ ତାଙ୍କର ଜୀବନରେ ଅନେକ ପରିବର୍ତ୍ତନ ଆସିଛି।ବ୍ୟକ୍ତି ଜଣକ ୮୬ ବୟସରେ ବେଶ୍ କର୍ମଚଞ୍ଚଳ ଅଛନ୍ତି। ବେଦ, ଉପନିଷଦ ତଥା ଅନେକ ପୁସ୍ତକ ସମ୍ପର୍କରେ ଅନର୍ଗଳ କହିପାରୁଛନ୍ତି ଏବଂ ବର୍ତ୍ତମାନ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଅଛନ୍ତି।

ବିଦ୍ୟାଳୟକୁ କେବଳ ପୁସ୍ତକ ଦେଇଦେଲେ କିମ୍ବା କିଣିଦେଲେ ହେବନାହିଁ, ଏଥିପାଇଁ ଯଦି ଶିଶୁ ଅନୁକୂଳ ପାଠାଗାରଟିଏ ବିକାଶହେବ, ଶିଶୁ ମନଲାଖି ପୁସ୍ତକ ରହିବ,ଶିଶୁମାନେ ଯଦି ପ୍ରାଥମିକସ୍ତରରେ ପୁସ୍ତକକୁ ନେଇ ଅନେକ ସୁଯୋଗ ପାଇବେ, ତେବେ ନିଶ୍ଚିତଭାବରେ ଶିକ୍ଷଣସ୍ତର, ସେମାନଙ୍କର କଳ୍ପନାର ବିକାଶ, ସୃଜନଶକ୍ତିର ବିକାଶ ଘଟିବ।ପୁସ୍ତକକୁ ନେଇ ବିଭିନ୍ନ ଗତିବିଧି ମଧ୍ୟ ହେବ। ଆମେ ଯଦି ଶିଶୁ ଉପଯୋଗୀ ଏବଂ ସେମାନଙ୍କର ଆଗ୍ରହ ହେବାଭଳି ସଚିତ୍ର ପୁସ୍ତକ ଯୋଗାଇଦେବା, ପୁସ୍ତକ ସମ୍ପର୍କରେ ନିୟମିତ ଅନ୍ତରରେ ଶିଶୁଙ୍କ ସହ ଆଲୋଚନାକରିବା, ପୁସ୍ତକକୁ ନେଇ ଶିଶୁଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିକରିବା, ତେବେ ନିଶ୍ଚିତଭାବରେ ଶିଶୁର ଶିକ୍ଷଣସ୍ତର ବଢ଼ିବା ସହ ଶିଶୁଟି ମଧ୍ୟ ବିଦ୍ୟାଳୟକୁ ଭଲପାଇବ। ବିଦ୍ୟାଳୟରେ ଯେପରି ଭଲ ବଗିଚାଟିଏ ଥିଲେ ଶିଶୁଙ୍କୁ ଆକର୍ଷିତ କରିଥାଏ, ସେହିଭଳି ଶିଶୁଙ୍କ ଅନୁକୂଳ ପାଠାଗାର ମଧ୍ୟ ଶିଶୁଙ୍କୁ ପାଠପଢ଼ିବା ପାଇଁ ଉତ୍ସାହିତକରିବାରେ ସହାୟକ ହେବ।

**ରାଣୀଗୁଡ଼ା, ରାୟଗଡ଼ା**
**ମୋ:୯୪୩୮୦୮୧୪୩୦**

# ଜୀବନ୍ତ ଗ୍ରହର ଜୀବନ ରହସ୍ୟ




ଡ. କମଳାକାନ୍ତ ଜେନା

ପୃଥିବୀକୁ ମିଶେଇ ଆଠଟା ଗ୍ରହ, ପ୍ଲୁଟୋକୁ ମିଶେଇ ୫ଟା ବାମନଗ୍ରହ, ଚନ୍ଦ୍ରକୁ ମିଶେଇ ଶହ ଶହ ଉପଗ୍ରହ, ଗ୍ରହାଣୁପୁଞ୍ଜ, ଅଗଣିତ ଛୋଟବଡ଼ ପିଣ୍ଡ ଏବଂ ବିଶାଳକାୟ ସୂର୍ଯ୍ୟକୁ ନେଇ ଆମର ସୌରଜଗତ ତିଆରି ହୋଇଛି। ସମସ୍ତେ ସୂର୍ଯ୍ୟ ଚାରିପଟେ ବୁଲନ୍ତି। ସମସ୍ତଙ୍କ ଭିତରେ ଆମ ପୃଥିବୀ କଥା ନିଆରା। କାରଣ ଏତେ ଗ୍ରହ-ଉପଗ୍ରହ ରହିଥିଲେ ବି କେବଳ ପୃଥିବୀ ଗ୍ରହରେ ଜୀବଜନ୍ତୁ ଅଛନ୍ତି। ତେଣୁ ପୃଥିବୀକୁ ଆମ ସୌରଜଗତର 'ଜୀବଗ୍ରହ' ବୋଲି କୁହାଯାଉଛି। ଆମ ସୂର୍ଯ୍ୟ ଗୋଟିଏ ନକ୍ଷତ୍ର, ଯାହାର ସୌରଜଗତ ଅଛି। ଆମେ ରାତିରେ ହଜାର ହଜାର ତାରା ଦେଖୁ। କେଇଟା ତାରାକୁ ଛାଡ଼ିଦେଲେ ବାକି ତାରା ବି ନକ୍ଷତ୍ର। ସେମାନେ ଆମ ସୌରଜଗତ ବାହାରେ ଅଛନ୍ତି। ଆମ ସୂର୍ଯ୍ୟ ପରି ଅନେକ ନକ୍ଷତ୍ରର ସୌରଜଗତ ଅଛି ଓ ଗ୍ରହ-ଉପଗ୍ରହ ଅଛନ୍ତି। ସେମାନେ ନିଜର ନକ୍ଷତ୍ର ଚାରିପଟେ ବୁଲୁଛନ୍ତି। ସେଗୁଡ଼ିକୁ 'ବାହ୍ୟଗ୍ରହ' କହୁ। ଅନେକ ବାହ୍ୟଗ୍ରହକୁ ଚିହ୍ନଟ କରାଯାଇଛି, କିନ୍ତୁ ସେଠାରେ ଜୀବଜନ୍ତୁ ଥିବାର ପ୍ରମାଣ ମିଳିନାହିଁ।

ପୃଥିବୀରେ ଜୀବନ୍ତ ପ୍ରାଣୀ ରହିପାରିବାର ଅନେକ କାରଣ ଆମକୁ ଜଣା। ବଡ଼ କାରଣ ହେଉଛି ଜଳର ଉପସ୍ଥିତି। ପୃଥିବୀ ବାହାରେ କୌଣସି 'ବାହ୍ୟଗ୍ରହ'ରେ ମଧ୍ୟ ପାଣି ଥିଲେ ସେଠାରେ ଜୀବଜନ୍ତୁ ଥିବାର ସମ୍ଭାବନାକୁ ଏଡ଼େଇ ପାରିବା ନାହିଁ। ଆଜିକୁ ୪୫୦ କୋଟି ବର୍ଷ ତଳେ ପୃଥିବୀ ସୃଷ୍ଟି ହେଲା। ସେତେବେଳେ ପୃଥିବୀ ପୃଷ୍ଠରେ କୌଣସି ଜୀବ ନଥିଲେ। ପୃଥିବୀରେ ସମୁଦ୍ର ସୃଷ୍ଟି ହେଲା। ପ୍ରାୟ ୧୦୦ କୋଟି ବର୍ଷ ବିତିଲା ପରେ ସମୁଦ୍ର ଭିତରେ ହିଁ ପ୍ରଥମ ଜୀବ ସୃଷ୍ଟି ହୋଇଥିଲା। ତେଣୁ ଜୀବନ ସହିତ ଜଳର ନିବିଡ଼ ସମ୍ପର୍କ ରହିଛି।

ପାଣିକୁ ତିନିଟା ରୂପରେ ଦେଖୁ। ଆମେ ପିଉଥିବା ପାଣି ତରଳ ଅବସ୍ଥାରେ ଥାଏ। ତରଳ ପାଣିକୁ ଫ୍ରିଜ୍ ଭିତରେ ରଖିଲେ ତାହା ବରଫରେ ପରିଣତ ହୁଏ, ଯାହାକି ପାଣିର କଠିନ ଅବସ୍ଥା। ପାଣିକୁ ଗରମ କଲେ ବାଷ୍ପ ବାହାରେ, ଯାହାକି ପାଣିର ଗ୍ୟାସୀୟ ଅବସ୍ଥା। ତେଣୁ ପାଣି ତିନିଟା ରୂପରେ ରହିପାରେ। ଯେଉଁ ଗ୍ରହରେ ପାଣି ତିନିଟା ଅବସ୍ଥାରେ ରହିପାରିବ, ସେଠାରେ ଜୀବନ ସମ୍ଭବ। ପୃଥିବୀ ଏହାର ଉଦାହରଣ। ଆହୁରି ୭ଟି ଗ୍ରହ ଓ ଅନେକ ଛୋଟବଡ଼ ପିଣ୍ଡ ସୂର୍ଯ୍ୟ ଚାରିପଟେ ବିଭିନ୍ନ ଦୂରତାରେ ବୁଲୁଛନ୍ତି। ଯେଉଁ ପିଣ୍ଡଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ରହି ବୁଲୁଛନ୍ତି, ସେଗୁଡ଼ିକ ଅତି ଉତ୍ତପ୍ତ ଅବସ୍ଥାରେ ଅଛନ୍ତି। ସେଠାରେ ନିଆଁ ବର୍ଷିଲା ପରି ଖରା ହୁଏ। ବୁଧ ଓ ଶୁକ୍ର ସେମିତିକା ଦୁଇଟା ଗ୍ରହ।



ସେଠାରେ ଜୀବଜନ୍ତୁ ବଞ୍ଚିପାରିବେ ନାହିଁ। ପିଣ୍ଡଗୁଡ଼ିକ ସୂର୍ଯ୍ୟଠାରୁ ଅତିଦୂରରେ ରହିଲେ ସେଠାରେ ଜୀବଜନ୍ତୁ ତିଷ୍ଠିପାରିବେ ନାହିଁ। ଆମ ବଞ୍ଚିବା ପାଇଁ ପୃଥିବୀ ଠିକ୍ ଜାଗାରେ ରହିଛି। ସୂର୍ଯ୍ୟଠାରୁ ଯେଉଁ ଦୂରତାରେ ପୃଥିବୀ ରହିଛି, ସେହି ଅଞ୍ଚଳକୁ ଗୋଲଡିଲକ୍ସ ଅଞ୍ଚଳ ବୋଲି କୁହାଯାଏ। ଏହି ଦୂରତାରେ ବେଶି ଗରମ ନାହିଁ କିମ୍ବା ବେଶି ଥଣ୍ଡା ନାହିଁ। ଏହି ଅଞ୍ଚଳରେ ପାଣି କଠିନ-ତରଳ-ଗ୍ୟାସୀୟ ତିନିଟା ଅବସ୍ଥାରେ ରହିପାରିବ। ତେଣୁ ଜୀବଜନ୍ତୁ ବଞ୍ଚିପାରିବେ।

ଯଦି ଆମ ସୌରଜଗତ ବାହାରେ କୌଣସି ଜୀବନ୍ତ ଗ୍ରହ ଥିବେ, ସେଗୁଡ଼ିକ ନିଜର ନକ୍ଷତ୍ରଠାରୁ ଗୋଲଡିଲକ୍ସ ଦୂରତାରେ ରହିଥିବେ। ତେଣୁ ବାହ୍ୟଗ୍ରହ ଖୋଜିବା ସମୟରେ ନିଜର ନକ୍ଷତ୍ରଠାରୁ ସେହି ଗ୍ରହଟି କେତେ ଦୂରରେ ଅଛି, ସେକଥା ପ୍ରଥମେ ଚିନ୍ତା କରୁ। କାରଣ ଗୋଲଡିଲକ୍ସ ଅଞ୍ଚଳରେ ରହିଲେ ସେଠାରେ ଜୀବନର ସମ୍ଭାବନା ରହିବ। ବ୍ରହ୍ମାଣ୍ଡରେ ଅନେକ ଛାୟାପଥ ଅଛନ୍ତି। କେବଳ ଆମ ଛାୟାପଥ ଆକାଶଗଙ୍ଗାରେ ପ୍ରାୟ ୧୬,୦୦୦ କୋଟି ବାହ୍ୟଗ୍ରହ ଥିବାର ଅନୁମାନ କରାଯାଉଛି। ୨୦୨୦ ଗବେଷଣା ଅନୁସାରେ ସେଥିମଧ୍ୟରୁ ୬,୦୦୦ କୋଟି ବାହ୍ୟଗ୍ରହ ଅଛନ୍ତି, ଯାହାର ଆକାର ପୃଥିବୀ ଭଳି। କିନ୍ତୁ ଦୁଃଖର କଥା, ନକ୍ଷତ୍ରର ଗୋଲଡିଲକ୍ସ ଅଞ୍ଚଳରେ ଅନେକ ଗ୍ରହ ମିଳିଥିଲେ ବି କୌଣସି ଗ୍ରହରେ ଜୀବଜଗତ ଥିବାର ଠୋସ୍ ପ୍ରମାଣ ଆମକୁ ମିଳିନାହିଁ। କିନ୍ତୁ ସେହି ଗ୍ରହଗୁଡ଼ିକରେ ଜୀବଜଗତ ନାହିଁ ବୋଲି ଆମେ ଦୃଢ଼ ଭାବରେ କହିପାରିବା ନାହିଁ।

ଗୋଲଡିଲକ୍ସ ଅଞ୍ଚଳରେ ଗ୍ରହଟିଏ ରହିଲେ ହଠାତ୍ ଜୀବନ ଆରମ୍ଭ ହୁଏ ନାହିଁ। ସେଥିପାଇଁ ସମୟ ଦରକାର। ଯେମିତି ଗୋଲଡିଲକ୍ସ ଅଞ୍ଚଳରେ ଅବସ୍ଥାନ କରୁଥିବା ପୃଥିବୀ ସୃଷ୍ଟି ହେବା ସମୟରେ ଜୀବଜନ୍ତୁ ନଥିଲେ କି ମଣିଷ ନ ଥିଲା। ସେତେବେଳେ ତାହା ଉତ୍ତପ୍ତ ବାଷ୍ପର ବିରାଟ ପିଣ୍ଡଟିଏ ଥିଲା। ଧୀରେ ଧୀରେ ଥଣ୍ଡା ହେଲା। ଏହାର ପୃଷ୍ଠତଳ ଟାଣ ହେଲା। ପୃଥିବୀପୃଷ୍ଠରେ ସମୁଦ୍ର ସୃଷ୍ଟି ହେଲା। ବିନା ଜୀବରେ ବିତିଗଲା ୧୦୦ କୋଟି ବର୍ଷ। ତା'ପରେ ଜଳ ଭିତରେ ଏକକୋଷୀ ଜୀବନର ଆରମ୍ଭ ହେଲା। ଏକକୋଷୀରୁ ବହୁକୋଷୀ ଜୀବନ ସମ୍ଭବ ହେଲା। ନାନା ଜାତିର ପ୍ରାଣୀ ସୃଷ୍ଟି ହେଲେ। ଯାହା ପ୍ରମାଣ ମିଳିଛି, ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ହେଲା ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ। ଅର୍ଥାତ୍ ପୃଥିବୀର ବୟସ ୧ ଦିନ ହେଲେ ମଣିଷର ଜନ୍ମ ମାତ୍ର ୨ ମିନିଟ ତଳେ ହୋଇଛି। ତେଣୁ ଆମେ ସେମିତିକା ବାହ୍ୟଗ୍ରହକୁ ଖୋଜିଚାଲିଛୁ, ଯିଏକି ଗୋଲଡିଲକ୍ସ ଅଞ୍ଚଳରେ ଅତି କମ୍ରେ ୧୦୦ କୋଟି ବର୍ଷ ରହିଥିବ। କେବେ ସେମିତିକା ଗ୍ରହର ସନ୍ଧାନ ମିଳିବ, ସେହି ଖବର ଶୁଣିବା ପାଇଁ ଆମେ ଅପେକ୍ଷା କରି ରହିବୁ। ସେଠାରେ ଥିବା ଜୀବମାନଙ୍କୁ ଦେଖିବା ପାଇଁ ଅନେଇ ବସିଛୁ।

**ପ୍ରାଧ୍ୟାପକ (ଫିଜିକ୍ସ),**
**ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ**
**ମୋ: ୯୪୩୯୫୦୧୬୫୧**

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ଟିଭି ଶୋ' ଦେଖି ଷ୍ଟ୍ରବେରି ଚାଷ ଆରମ୍ଭକରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ସେ ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବା ସହ ଲକ୍ଷାଧିକ ଟଙ୍କା ଲାଭ ପାଇଛନ୍ତି। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ୧୩ ବର୍ଷ ଧରି ୧୦ ଏକର ପୈତୃକ ଜମିରେ ବିଭିନ୍ନ ପ୍ରକାର ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲରେ ହେଉଥିବା ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟ ଜାଗାରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ସମୁଦାୟ ପଦ୍ଧତି ଶେଷକରିବା ଲାଗି ଦେଢ଼ବର୍ଷରେ ସେ ୧୨ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ସେ ଏଥିରେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିର ଗତ ୨ ମାସରେ ସେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଆସନ୍ତା ବର୍ଷ ଏହି ଚାଷରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶାବାଦୀ ଅଛନ୍ତି ଧୀରଜ।

## ୫୦ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୭୬

- ଜାତିସଂଘର ସଚିବ ପ୍ରଧାନ ପଦରେ ୫୮ ବର୍ଷ ବୟସ୍କ ଡଃ ୱାଲଡ୍ ହେଇନ୍ ୨ୟ ଥର ପାଇଁ ପୁନଃ ନିର୍ବାଚିତ।
- ମେକ୍ସିକୋର ପରମାଣୁ ପଦାର୍ଥ ବିଜ୍ଞାନୀ ଡଃ ଲୁଇସ୍ ଏଷ୍ଟ୍ରାଡାଙ୍କୁ ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର ଅର୍ପଣ।

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | 6 | | 3 |
| | | | | 9 | 2 | | | 1 |
| | 4 | | 5 | | | | | |
| 4 | 2 | | | | | | 3 | |
| | | | | | | 9 | | |
| | | | | | | 7 | | 2 |
| | 9 | 3 | 6 | | 8 | | | |
| | 8 | | 9 | 7 | | | | |
| | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 7 | 2 | 4 | 3 | 9 | 1 |
| 7 | 9 | 4 | 3 | 1 | 5 | 6 | 8 | 2 |
| 3 | 2 | 1 | 6 | 8 | 9 | 4 | 5 | 7 |
| 1 | 4 | 3 | 9 | 6 | 2 | 5 | 7 | 8 |
| 2 | 6 | 8 | 5 | 3 | 7 | 9 | 1 | 4 |
| 9 | 5 | 7 | 1 | 4 | 8 | 2 | 3 | 6 |
| 8 | 7 | 9 | 2 | 5 | 6 | 1 | 4 | 3 |
| 5 | 3 | 2 | 4 | 7 | 1 | 8 | 6 | 9 |
| 4 | 1 | 6 | 8 | 9 | 3 | 7 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାନୀୟ ଜଳର ବ୍ୟବସ୍ଥା କରୁନାହାନ୍ତି

ମହାଶୟ,

ଓଡ଼ିଶାର ସବୁ ସହରରେ ଥିବା ହୋଟେଲ ଏବଂ ଲଜ୍ଗୁଡ଼ିକରେ ୨୪ ଘଣ୍ଟା ରହିବା ପାଇଁ ରୁମ୍ ପିଛା ଟଙ୍କା ନେଉଛନ୍ତି। ନିଜର କାମ ପାଇଁ ଲୋକମାନେ ବାହାରୁ ଆସି ରହୁଛନ୍ତି। ହେଲେ ପରିତାପର ବିଷୟ, ଅଧିକାଂଶ ହୋଟେଲ କିମ୍ବା ଲଜ୍ରେ ସାମାନ୍ୟତମ ପାନୀୟ ଜଳର ବ୍ୟବସ୍ଥା ରଖୁନାହାନ୍ତି। ପାନୀୟ ଜଳର ମାନ ମଧ୍ୟ ରହୁନାହିଁ। ପଚାରିଲେ ଉତ୍ତର ମିଳେ ଫିଲ୍ଟରର ବ୍ୟବସ୍ଥା ନାହିଁ। ବାଧ୍ୟହୋଇ ହୋଟେଲ ଫ୍ରିଜ୍ରେ ଥିବା ପାଣି ବୋତଲ ୨୦ଟଙ୍କା ଦେଇ କିଣିବାକୁ ପଡୁଛି। ଏ ବାଟରେ ମଧ୍ୟ ହୋଟେଲ ଓ ଲଜ୍ ମାଲିକମାନେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଦରକାର।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ଏମ୍‌ଭି-୨୬ ଗାଁରେ ଆନ୍ଦୋଳନକାରୀ ଜାଳି ଦେଇଥିବା ଘର, ଅଟୋ।



ଆଦିବାସୀ ସମାଜ ବୈଠକରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଲୋକଙ୍କୁ ବୁଝାଉଛନ୍ତି।

# ଜିଲାପାଳଙ୍କୁ ଭେଟି ସୁରକ୍ଷା ଦାବିକଲେ ଏମ୍.ଭି.-୨୬ ଗ୍ରାମବାସୀ

**ମାଲକାନଗିରି, ୮।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଡୁଡାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା ଏବେ ଉଗ୍ର ରୂପ ଧାରଣ କରିଛି। ଏହି ଘଟଣାକୁ ନେଇ ରାଖାଲଗୁଡା ଓ ଏମ୍‌ଭି- ୨୬ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏମ୍.ଭି. ୨୬ ଗ୍ରାମରେ ଆଦିବାସୀ ସଂଘର ଆକ୍ରମଣ ଘଟଣାକୁ ନେଇ ସୋମବାର ଜିଲାର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ବେଙ୍ଗଲୀ ସମ୍ପ୍ରଦାୟର ଲୋକେ ଜିଲାପାଳଙ୍କୁ ଭେଟି ସେମାନଙ୍କୁ ସୁରକ୍ଷା ପାଇଁ ଦାବି ଜଣାଇଛନ୍ତି।

ସୂଚନାଯୋଗ୍ୟ, ରାଖାଲଗୁଡା ଗ୍ରାମର ଜଣେ ମହିଳାଙ୍କ ହତ୍ୟା ଘଟଣାକୁ ନେଇ ଗତ ୪ ଦିନ ଧରି ରାଖାଲଗୁଡା ଓ ଏମ୍.ଭି. ୨୬ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ରବିବାର ଅପରାହ୍ନରେ ମାଲକାନଗିରି ଜିଲା ତଥା ପଡୋଶୀ ରାଜ୍ୟ ଛତିଶଗଡରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ଅସ୍ତ୍ରଶସ୍ତ୍ର ଧରି ଏମ୍.ଭି- ୨୬ ଗ୍ରାମ ଉପରେ ଆକ୍ରମଣ କରିଥିଲେ। ଏହି ଗ୍ରାମର ବିଭିନ୍ନ ଲୋକଙ୍କ ଘରେ ପଶି ଘରଦ୍ୱାର ଭଙ୍ଗାରୁଜା କରିବା ସହ କେତେକ ଘର ଜାଳି ଦେଇଥିଲେ। କିଛିଘରର ସାମଗ୍ରୀ ଲୁଟ୍ କରି ନେଇ ଯାଇଥିଲେ। ଏହାକୁ ବିରୋଧ କରି ସୋମବାର ମାଲକାନଗିରି ଜିଲାର ୨୧୪ଟି ଗ୍ରାମରୁ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏମ୍.ଭି. ୩ ରାଧାଗୋବିନ୍ଦ ମନ୍ଦିରରେ ଏକାଠି ହୋଇ ବୈଠକ କରିଥିଲେ। ପରେ ସମସ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ସୁରକ୍ଷା ସମ୍ବନ୍ଧରେ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସେମାନଙ୍କୁ ଧୈର୍ଯ୍ୟ ରଖିବା ନିମନ୍ତେ ଅନୁରୋଧ କରିଥିଲେ।




ଜିଲାପାଳଙ୍କ ଅଫିସକୁ ଆସିଥିବା ବେଙ୍ଗଲୀ ସମ୍ପ୍ରଦାୟର ଲୋକେ।



ଆନ୍ଦୋଳନକାରୀ ଜାଳିଦେଇଥିବା ଘର ।



ଏମ୍‌ଭି-୨୬ ଗ୍ରାମରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି।

## ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ

**ତେନ୍ତୁଲିଖୁଣ୍ଟି, ୮।୧୨ (ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୩ ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଅରବିନ୍ଦ ପାଠ ଚକ୍ର ଟ୍ରଷ୍ଟ ସଭାପତି ତଥା ଅବସରପ୍ରାପ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ସନ୍ତୋଷ କୁମାର ଗାହାଣଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାତିଗୁଡା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୀବ କୁମାର ବୁଡ଼ା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷା ସୁଶ୍ରୀ ସ୍ୱର୍ଣ୍ଣଲତା ମହାକୁଡ଼ ସ୍ୱାଗତଭାଷଣ ସହ ଅତିଥି ପରିଚୟ ପ୍ରଦାନ ଏବଂ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତାଭାବେ ସୁଧୀରାଜ ରାଉତ ଯୋଗଦେଇ ଶ୍ରୀ ମା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଦେଇଥିବା ବିଭିନ୍ନ ବାର୍ତ୍ତାକୁ ବୁଝାଇଥିଲେ। ଶିକ୍ଷକ ଅଶୋକ ଜେନା ଏବଂ ଧିରେନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୀବ ବୁଡ଼ା ଏବଂ ତାଙ୍କ ସ୍ତ୍ରୀ ମିନା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଧାରଣାରେ ଶିକ୍ଷକ, ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଚାଲୁଛି ବିଦ୍ୟାଳୟ

**ଲକ୍ଷ୍ମୀପୁର, ୮।୧୨ (ଅନନ୍ତ ପ୍ରସାଦ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ଗୌଡଗୁଡ଼ା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ନିବେଦିତା ପାଇରାପୁଙ୍କ ଉପସ୍ଥିତିରେ ବିଦ୍ୟାଳୟ ଚାଲିଥିବା ଦେଖିବାକୁ ମିଳିଛି। ଶିକ୍ଷକମାନେ ବିଭିନ୍ନ ଦାବି ନେଇ ରାଜଧାନୀରେ ଧାରଣା ଦେଉଥିବା ବେଳେ ସ୍କୁଲ ବିନା ଶିକ୍ଷକରେ ଚାଲିଛି। ଶିକ୍ଷକମାନେ ୧୩ ଦଫା ଦାବି ସରକାରଙ୍କୁ ଅବଗତ କରିଥିଲେ। ଡିସେମ୍ବର ୮ ଯାଏ ସମୟ ସୀମା ଧାର୍ଯ୍ୟ କରିଥିଲେ। କିନ୍ତୁ ସରକାର କୌଣସି ପଦକ୍ଷେପ ନ ନେବାରୁ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଆପଣେଇଛନ୍ତି। ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ କାର୍ଯ୍ୟରେ ଯୋଗ ନ ଦେବାକୁ ସମୂହ ଶିକ୍ଷକ ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ମହିଳା ଡିଗ୍ରୀ କଲେଜରେ ମେହେନ୍ଦୀ ପ୍ରତିଯୋଗିତା

**ନବରଙ୍ଗପୁର, ୮।୧୨ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାର ଲୋକ ମହୋତ୍ସବ ମଣ୍ଡେଇ ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଉଛି। ସୋମବାର ମହିଳା ଡିଗ୍ରୀ କଲେଜ ପରିସରରେ ଏକ ମେହେନ୍ଦୀ ପ୍ରତିଯୋଗିତା କରାଯାଇଛି। ଏଥିରେ ଛାତ୍ରୀ ଓ ସ୍ଥାନୀୟ ମହିଳାଙ୍କ ସମେତ ପ୍ରାୟ ୫୦ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ। ଡକ୍ଟର ସଞ୍ଜୁକ୍ତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଜିଲା ସଂସ୍କୃତି କାର୍ଯ୍ୟାଳୟ ଓ



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**ମଣ୍ଡେଇ ମହୋତ୍ସବ ୨୦୨୫ ଉପଲକ୍ଷେ**

ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଞ୍ଜୁକ୍ତା ପଣ୍ଡା, ତାରାନ୍ନୁମ ଆରା ଓ ସୁନିତା ବିଚାରକଭାବେ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ଆମ ସଂସ୍କୃତି ଓ ପରମ୍ପରାରେ ମେହେନ୍ଦୀର ମହତ୍ତ୍ୱ ଉପରେ କହିଥିଲେ। ପ୍ରତିଯୋଗିତାରେ ସ୍ନିଗ୍ଧା ପାତ୍ରୋ ପ୍ରଥମ, ମଞ୍ଜୁଳା ଭତ୍ରା ଦ୍ୱିତୀୟ ଏବଂ ଏନ୍. ସୋନିଆ ଓ ଚର୍ଚ୍ଚିକା ରାଜପୁତ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି ୩ ଜଣ ବିଜେତାଙ୍କୁ ମୁଖ୍ୟ ମଣ୍ଡେଇ ମଞ୍ଚରେ ସମ୍ବର୍ଦ୍ଧିତ କରାଯିବ।


सीएमपीडीआई मिनी रत्न cmpdi Mini Ratna

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत

सूचना/NOTICE

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**OFFICE OF THE HEADMASTER**
**KASTURBA GANDHI BALIKA VIDYALAYA, EX-BOARD**
BLOCK-NABARANGPUR, DIST.-NABARANGPUR, PIN-764059
Letter No.-100/25 Date:08.12.2025

TENDER CALL NOTICE

Sealed tenders are invited from the registered / reputed firms who having valid GST registration for supply of Consumable items & Non-Consumable items (Grocery) to Kasturaba Gandhi Balika Vidyalaya Ex-Board, Block-Nabarangpur, Dist.- Nabarangpur (Odisha). Bids should be submitted in the envelope duly marked on the top **"Tender for supply of Mess Articles"** to the Headmistress, Kasturaba Gandhi Balika Vidyalaya, Ex-Board, Block-Nabarangpur, Dist.- Nabarangpur (Odisha) during office hours by 5.00 P.M. of Dt. 16.12.2025. The bid document shall be opened at 10.00 AM on Dt.17.12.2025. In the office of the Headmistress, Kasturaba Gandhi Balika Vidyalaya, Ex-Board, Block- Nabarangpur in the presence of the bidders or their authorized representatives. The terms and conditions for the tender can be downloaded from the official website **http.//www.osepa.odisha.gov.in** and **www.nabarangpur.odisha.gov.in**

Sd./- Headmastress
K.G.B.V. Ex-Board, Nabarangpur

**OFFICE OF THE HEADMASTER**
**KASTURBA GANDHI BALIKA VIDYALAYA, SINDHIGUDA**
BLOCK-NANDAHANDI, DIST.-NABARANGPUR
Letter No.- 67/25 Date:08.12.2025

TENDER CALL NOTICE

Sealed tenders are invited from the registered / reputed firms who having valid GST registration for supply of Consumable items & Non-Consumable items to Kasturaba Gandhi Balika Vidyalaya, Sindhiguda, Block- Nandahandi, Dist.- Nabarangpur (Odisha). Bids should be submitted in the envelope duly marked on the top "Tender for supply of Mess Articles" to the Headmistress, Kasturaba Gandhi Balika Vidyalaya, Sindhiguda, Block- Nandahandi, Dist.- Nabarangpur (Odisha) during office hours by 5.00 P.M. of Dt.16.12.2025. The bid document shall be opened at 10.00 AM on Dt. 17.12.2025. In the office of the Headmistress, Kasturaba Gandhi Balika Vidyalaya, Sindhiguda, Block- Nandahandi in the presence of the bidders or their authorized representatives. The terms and conditions for the tender can be downloaded from the official website **http.//www.osepa.odisha.gov.in** and **www.nabarangpur.odisha.gov.in.**

Sd./- Headmistress
K.G.B.V., Sindhiguda, Block-Nandahandi
Dist.-Nabarangpur

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**

**QUOTATION CALL NOTICE**

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, LOHARDAGA**

e-Procurement Notice

Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

**Note: - (1) Only e-Tender will be accepted**
**(2) Published Estimated Cost may be Increase or Decrease.**
**Further details can be seen on website** http://jharkhandtenders.gov.in

Executive Engineer
Minor Irrigation Division, Lohardaga.

PR 367989 (Lohardaga) 25-26 (D)

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

e- Procurement Notice
(2nd Call)
(SHORT TENDER)

e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 367995 (Road) 25-26 (D)

## ସଂକ୍ଷେପରେ

### ଓଏଭି ଶିକ୍ଷକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ତେନ୍ତୁଲିଖୁଣ୍ଟି, ୮।୧୨ (ଚିଦାନନ୍ଦ ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନକ୍ରମେ ସୋମବାର ଶିକ୍ଷକମାନେ ତେର ଦଫା ଦାବୀ ପୂରଣ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ଶୁଭାଶିଷ ଦାସଙ୍କ ନେତୃତ୍ୱରେ ତେନ୍ତୁଲିଖୁଣ୍ଟି ବ୍ଲକ ଲକଡିପଲ୍ଲା ଓଏଭି ଶିକ୍ଷୟତ୍ରୀ ଶିକ୍ଷକ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଏଭି ଟିଚର୍ସ ଆସୋସିଏସନ୍ ରାଜ୍ୟ ସରକାରଙ୍କୁ ୧୩ ଦଫା ନେଇ ଦାବିପତ୍ର ଦେଇ ସମାଧାନ ପାଇଁ ସର୍ତ୍ତ ରଖିବା ସହ ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ପ୍ରକାରରେ ଆନ୍ଦୋଳନ ଜାରି ରଖିଥିଲେ। ଦାବି ପୂରଣ ନ ହେବାରୁ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କଳାବ୍ୟାଜ ପିନ୍ଧି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ଅଣଦେଖାର ଶିକାର ହୋଇଥବବା ଆନ୍ଦୋଳନକାରୀମାନେ କହିଛନ୍ତି। ଦାବି ମଧ୍ୟରେ ଓଏଭି ଛାତ୍ରୀଛାତ୍ରଙ୍କୁ ଏନ୍ଏମ୍ଏମ୍ଏସ୍ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅନୁମତି, ନିଟ୍ ଏବଂ ଜେଇଇ ପରୀକ୍ଷାରେ ୧୫% ସ୍ଥାନ ସଂରକ୍ଷଣ, ଓଏଭି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ୟୁନିଫର୍ମ କ୍ୟାଡର ମାନ୍ୟତା, ଶାରୀରିକ ଶିକ୍ଷା, ସଙ୍ଗୀତ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡ୍ ପେ ପ୍ରଦାନ, ପ୍ରତ୍ୟେକ ବିଦ୍ୟାଳୟରେ ସାଇନ୍ସ କମର୍ସ ଭଳି ଆର୍ଟ୍ସ ଷ୍ଟ୍ରିମ୍ ଖୋଲିବା ସହ ଓଡ଼ିଆ, ହିନ୍ଦୀ, ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବାକୁ ଦାବି ହୋଇଛି। ଆର୍ଟ ଶିକ୍ଷକ ପାଇଁ ଟିଜିଟି ଭିଜୁଆଲ ଆର୍ଟ ମାନ୍ୟତା, ପ୍ରିନ୍ସିପାଲଙ୍କ ଗ୍ରେଡ୍ ପେ ସମସ୍ୟାର ସମାଧାନ, ଓଏଭି କର୍ମଚାରୀଙ୍କ ସନ୍ତାନ ପାଇଁ ପ୍ରବେଶ ହେତୁ ବିଶେଷ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଆଦି ଦାବି ରହିଛି।

### ଅଟୋ ଓଲଟି ଡ୍ରାଇଭର ମୃତ

ଜୟପୁର, ୮।୧୨ (ପବନ ପାଣିଗ୍ରାହୀ)

ଅଟୋ ଓଲଟି ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ନେଇ ସୋମବାର ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ନୂଆପୁଟ ଗ୍ରାମର ରବି ଖରା(୨୦)। ପୋଲିସ ସୂଚନାନୁଯାୟୀ, ରବି ଅଟୋ ଧରି ଯାଉଥିବା ସମୟରେ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଅଟୋ ତଳେ ଚାପି ହୋଇ ରବିଙ୍କ ମୃତ୍ୟୁ ହୋଇ ଯାଇଥିଲା। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ରବିଙ୍କୁ ଉଦ୍ଧାର କରି ଜୟପୁରସ୍ଥିତ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଜୟପୁର ସଦର ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାରକୁ ହସ୍ତାନ୍ତର କରିଥିବା ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ଭାରତମାଳା ରାସ୍ତାରୋକୋ

ପାପଡ଼ାହାଣ୍ଡି, ୮।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ବାଇପାସ୍ ରାସ୍ତା ନିର୍ମାଣ ଦାବିରେ ପାପଡ଼ାହାଣ୍ଡି ବ୍ଲକ୍ ଡେଙ୍ଗାଗୁଡ଼ା ନିକଟ ନିର୍ମାଣାଧୀନ ଭାରତମାଳା ରାସ୍ତାକୁ ଚାରି ଗାଁର ଲୋକେ ସୋମବାର ଅବରୋଧ କରିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାରୋକୋକୁ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା, କଂଗ୍ରେସ ଜିଲା ସଭାପତି ଡା. ଲିପିକା ମାଝୀ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, କଂଗ୍ରେସ ବରିଷ୍ଠ ନେତା ଈଶ୍ୱର ମିର୍ଗାନ, ବ୍ଲକ୍ ସଭାପତି ୱାଜିର ହୁସେନ ସମର୍ଥନକରି ଆନ୍ଦୋଳନରେ ସାମିଲ ହୋଇଥିଲେ। ପାପଡ଼ାହାଣ୍ଡି ତହସିଲଦାର ତପନ କୁମାର ନାୟକ, ଭାରତମାଳା ରାସ୍ତାର ପ୍ରୋଜେକ୍ଟ ମ୍ୟାନେଜର ଅଭିଷେକ ଶର୍ମା ପ୍ରମୁଖ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମଙ୍ଗଳବାର ଏନ୍ଏଚ୍ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଡେଙ୍ଗାଗୁଡ଼ା ଆସି ସମସ୍ତଙ୍କ ସହ ଆଲୋଚନା କରିବା ପରେ ସମାଧାନ ବାଟ ବାହାର କରାଯିବା ନେଇ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ, ଡେଙ୍ଗାଗୁଡ଼ା, ସିଉନାଗୁଡ଼ା, ଭାଲିଆଗୁଧଡ଼ା ଓ ନୂଆଗୁଡ଼ାକୁ ବାଇପାସ୍ ରାସ୍ତା ନିର୍ମାଣ ହୋଇପାରିନାହିଁ। ଲୋକଙ୍କୁ ଭାରତମାଳା ରାସ୍ତା ଦେଇ ଯିବାକୁ ପଡ଼ୁଛି। ଇତିମଧ୍ୟରେ ଭାରତମାଳା ରାସ୍ତା ନିର୍ମାଣ କାମ ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ବାଇପାସ୍ ରାସ୍ତା ନ ହେଲେ ଗ୍ରାମବାସୀଙ୍କ ଅଙ୍ଗନୱାଡି, ସ୍କୁଲ ଓ ପଞ୍ଚାୟତ, ବ୍ଲକ ଆଦିକୁ ଯିବା ଆସିବାରେ ଅସୁବିଧା ହେଉଛି। ଏ ନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଯିବା ସତ୍ତ୍ୱେ କେବଳ ପ୍ରତିଶ୍ରୁତି ଦିଆଯାଉଛି। ସମସ୍ୟାର ସମାଧାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗକରି ସୋମବାର ରାସ୍ତାରୋକୋ କରିଥିଲେ। କୋଡ଼ିଙ୍ଗା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଥିଲା। ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା।



ଗ୍ରାମବାସୀ, ଲୋକପ୍ରତିନିଧି, ସ୍ଥାନୀୟ ନେତା ଓ ଅନ୍ୟମାନେ ରାସ୍ତାରୋକୋ କରିଛନ୍ତି।

# ୨୮ ଅଭିଯୋଗର ଶୁଣାଣି



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଏକ ଅଭିଯୋଗର ଶୁଣାଣି କରୁଛନ୍ତି।

ନବରଙ୍ଗପୁର, ୮।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଏସ୍ପି ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ନବରଙ୍ଗପୁର ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଯଦୁମଣି ନାଏକ, ବିଡିଓ ଶରତ ମାଝୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୮ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୪ ବ୍ୟକ୍ତିଗତ ଓ ୧୪ ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ତତ୍କ୍ଷଣାତ୍ ୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗମାନଙ୍କୁ ୩ ଟି ହୁଇଲଚେୟାର ଏବଂ ୮ଜଣଙ୍କୁ ମଧୁବାବୁ ପେନସନ ଯୋଜନାର ନୂତନ ସହାୟତାକାର୍ଡ ପ୍ରଦାନ କରାଯାଇଥିଲା।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ ଚାଳକ ମୃତ

ନନ୍ଦାହାଣ୍ଡି, ୮।୧୨ (ପ୍ରତୀପ କୁମାର ଦାଶ)

ବାଇକ୍‌ରେ ଯାଉଥିବା ଜଣେ ଯୁବକ ରବିବାର ରାତି ପ୍ରାୟ ୧୧ଟା ୩୦ରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅଧୀନ ମରାଳି ଗ୍ରାମର ହାର ଗାଦବା(୨୪)। ସୂଚନାନୁଯାୟୀ, ରବିବାର ଦିନ ହାର ଏକ ବାଇକ୍ (ଓଡି-୨୪କେ-୫୫୩୩)ରେ କୌଣସି କାମରେ ନବରଙ୍ଗପୁରକୁ ଯାଇ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ନନ୍ଦାହାଣ୍ଡି ଛକ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଖବରପାଇ ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଟୋଲ ଫ୍ରି ନମ୍ବର ୧୧୨କୁ ଯୋଗାଯୋଗ କରି ହାରଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ହାରଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପା ନବରଙ୍ଗପୁର ଥାନାରେ ଏତଲା ଦେବା ପରେ ପୋଲିସ କେସ୍ ନଂ. ୪୮୬/୨୦୨୫ରେ ଏକ ମାମଲା ରୁଜୁ କରିଛି। ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇ ଥିବା ଡ଼ଙ୍ଗରଭେଜା ଫାଣ୍ଡି ଅଧିକାରୀ ଗୁଣନିଧି ବାଘ ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ଡାଲି ବିହନ ବଣ୍ଟନ କାର୍ଯ୍ୟକ୍ରମ

ତେନ୍ତୁଲିଖୁଣ୍ଟି, ୮।୧୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଆତ୍ମା କାର୍ଯ୍ୟାଳୟରେ ଧାନଚାଷ ପରବର୍ତ୍ତୀ ପଡିଆ ଜମିର ପରିଚାଳନା ପାଇଁ ସୋମବାର ଡାଲି ଜାତୀୟ ବିହନ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ବ୍ଲକ୍ କୃଷି ଅଧିକାରୀ ବରୁଣ ଧନଫୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ବିଷୋୟୀ, ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ଅଭିମନ୍ୟୁ ହରିଜନ ଯୋଗଦେଇଥିଲେ। ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆବଶ୍ୟକ କାଗଜପତ୍ର ତଥା କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜୀକୃତ ୪୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ବିଧାୟକ ପ୍ରତିନିଧି ଓ ବ୍ଲକ କୃଷି ଅଧିକାରୀ ବିହନ ବଣ୍ଟନ କରିଥିଲେ।

ଚଳିତ ରବିଋତୁରେ ୧୭ଶହ ହେକ୍ଟର ପାଇଁ ବୁଟ, ୨ ଶହ ହେକ୍ଟର ପାଇଁ ମୁଗ, ଶହେ ହେକ୍ଟର ପାଇଁ ମସୁର ଏବଂ ଶହେ ହେକ୍ଟର ପାଇଁ ସୋରିଷ ବିହନ ତେନ୍ତୁଲିଖୁଣ୍ଟି ବ୍ଲକ୍ ଚାଷୀଙ୍କ ପାଇଁ ଆସିଛି। ବୁଟ ବିହନ ହେକ୍ଟର ପିଛା ୪୦ କେଜି, ମୁଗ

#### ଧାନ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ଲକ୍ଷ୍ୟ

ହେକ୍ଟର ପିଛା ୨୦ କେଜି, ମସୁର ହେକ୍ଟର ପିଛା ୩୦ କେଜି ଦିଆଯିବା ବ୍ୟବସ୍ଥା ହୋଇଥିବା ବ୍ଲକ କୃଷି ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ନୂତନ ସହକାରୀ କୃଷି ଅଧିକାରୀ ପ୍ରତିଭା ତିରିଆଙ୍କୁ ସ୍ୱାଗତ କରାଯାଇଥିଲା। ସେମାନଙ୍କ ବ୍ୟତୀତ ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଧୀରେନ୍ ବେନ୍ୟା, କୃଷି ପରିଦର୍ଶକ ବନ୍ଦିତା ମହାରଣା, ମଧୁସ୍ମିତା ପତି, ଜିତେନ୍ଦ୍ର ଟାକ୍ରି ପ୍ରମୁଖ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନାର ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏଟିଏମ୍ ବାଳଗୋବିନ୍ଦ ସାହୁ, ଆଶିଷ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ୍‌ରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ କୃଷକ ସାଥୀ ମଧ୍ୟ ଯୋଗଦେଇ ଯୋଜନା ସମ୍ପର୍କରେ ବିସ୍ତୃତଭାବେ ପଚାରି ବୁଝିଥିଲେ।



ଚାଷୀମାନଙ୍କୁ ବିହନ ବଣ୍ଟାଯାଉଛି।




# ଛତିଶଗଡ଼କୁ ଧାନ ଚାଲାଣବେଳେ ଧରିଲେ ବେପାରୀ

ରାଇଘର, ୮।୧୨ ((କିରଣ ପଟ୍ଟନାୟକ)

ଛତିଶଗଡ଼କୁ ଚାଲାଣ ହେଉଥିବା ଧାନଗାଡ଼ିକୁ ନବରଙ୍ଗପୁର ଜିଲା ରାଇଘର ଅଞ୍ଚଳର କେତେଜଣ ବେପାରୀ ସୋମବାର ସନ୍ଧ୍ୟାରେ ଅଟକାଇଥିଲେ। ଉକ୍ତ ଧାନ ବୋଝେଇ ଟ୍ରକ୍‌କୁ ଯୋଗାଣଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାନୁଯାୟୀ, ରାଇଘର ଚାଷୀଙ୍କଠାରୁ ଛତିଶଗଡ଼ର ଜଣେ ବ୍ୟବସାୟୀ ସୋମବାର ସନ୍ଧ୍ୟାରେ ଧାନ ସଂଗ୍ରହ କରି ତାହାକୁ ଏକ ଟ୍ରକ୍‌ରେ ନେଉଥିଲେ। ସ୍ଥାନୀୟ କେତେଜଣ ବ୍ୟବସାୟୀ ଏ ସମ୍ପର୍କରେ ଜାଣିପାରି ଉକ୍ତ ଧାନ ବୋଝେଇ ଟ୍ରକ୍‌କୁ ଧରି ରାଇଘରସ୍ଥିତ ମଣ୍ଡି ହେଉଥିବା ସ୍ଥାନକୁ ଆଣିଥିଲେ। ସେମାନେ ଯୋଗାଣ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଯୋଗାଣ ବିଭାଗ ଅଧିକାରୀ ଦେବଧର ଧୁରୁଆ ଅନ୍ୟତ୍ର କାମରେ ବ୍ୟସ୍ତଥିବାରୁ ଏଏସ୍ଆଇ କୌଶିକ ସାହୁଙ୍କୁ ଘଟଣାସ୍ଥଳକୁ ଯିବାକୁ କହିଥିଲେ। ଏଏସ୍ଆଇ ସାହୁ ଓ ଯୋଗାଣ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଟ୍ରକ୍ (ସିଜି-୧୫ସିଏ-୫୭୦୮)ରେ ଥିବା ୬୦୦ ବସ୍ତା ଧାନ ରାଇଘରସ୍ଥିତ ମିଲକୁ ନେବାକୁ ଯୋଗାଣ ଅଧିକାରୀ କହିଥିଲେ। ମଙ୍ଗଳବାର ସକାଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଏସ୍ଆଇ ସାହୁ କହିଥିଲେ। ମଣ୍ଡି ଖୋଲିବା ବିଳମ୍ବ ହେବାରୁ ବ୍ୟବସାୟୀ ଅଳ୍ପ ଦରରେ ଧାନ କିଣି ଛତିଶଗଡ଼କୁ ଚାଲାଣ କରୁଥିବା ନେଇ ବେପାରୀମାନେ କହିଛନ୍ତି। ବାରମ୍ବାର ରାଇଘରରୁ ଛତିଶଗଡ଼କୁ ଧାନ ଚୋରାଚାଲାଣ ହେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି।

# ଦର୍ଶକଙ୍କୁ ବାନ୍ଧି ରଖିଲା ନାଟକ 'ଅନ୍ଧକାରର ସୂରୁଯ'

ନବରଙ୍ଗପୁର, ୮।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ପାଳନ ଅବସରରେ ସ୍ଥାନୀୟ ଶାସ୍ତ୍ରୀ ଭବନ ପରିସରରେ ଚାଲିଥିବା ମଞ୍ଚ ନାଟକ ମହୋତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟା ଥିଲା। ଏଠାରେ ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ପ୍ରଯୋଜିତ ତ୍ରିଶକ୍ତି ସାଂସ୍କୃତିକ ସଂଘ ନିବେଦିତ ସାମାଜିକ ନାଟକ 'ଅନ୍ଧକାରର ସୂରୁଯ' ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଅତିଥିଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ଏବଂ( ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ଼, ଡିଆଇପିଆର୍ଓ ମନୋଜ ବେହେରା, ସାମାଜିକ କର୍ମୀ ମନୋରଞ୍ଜନ ତ୍ରିପାଠୀ,



ମଞ୍ଚସ୍ଥ ନାଟକ ଅନ୍ଧକାରର ସୂରୁଯର ଏକ ଦୃଶ୍ୟ।

#### ମଞ୍ଚ ନାଟକର ଦ୍ୱିତୀୟ ସନ୍ଧ୍ୟା


ଡିସିଓ ଘାସିଆ ହରିଜନ, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପ୍ରତି ଯୁଗରେ ସିନେମା ଏବଂ ମୋବାଇଲ ଫୋନ ଯୋଗୁ କିପରି ଭାବରେ ଜଣେ ଆଦିବାସୀ ନାଟ ଗୁରୁ ତାର ନାଟକ ବଞ୍ଚାଇବା ସକାଶେ ସମାଜ ସହ ସଂଘର୍ଷ କରିଛି ସେ ଉପରେ ନାଟକଟି ପ୍ରଦର୍ଶିତ ହୋଇଥିଲା। ଆଧାରିତ ଉକ୍ତ ନାଟକର ରଚନା ଏବଂ ନିର୍ଦ୍ଦେଶନା ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ଦେଇଥିଲେ। ବରିଷ୍ଠ କଳାକାର ସଞ୍ଜୀବ କୁମାର ସିଂ, ଆଶୁତୋଷ ପାତ୍ର, ନିର୍ମଳ ସାହୁ , ଲକ୍ଷ୍ମୀ ସିଂ, ଶିବଶଙ୍କର ପାଢ଼ୀ, ବି. ଶିବଶଙ୍କର ଦୋରା, ପ୍ରତିଭା ଗୁପ୍ତା, ବେଣୁ ଗୋପାଳ, ଏନ୍. ସୁମିତ କୁମାର, ଶୟମ୍ ସାରଥୀ ସିଂ, ମନିଷା ବିଶ୍ୱାସ, ଅଂଶୁମାନ ନାୟକ, ସୁବ୍ରତ ଜେନା, ତୁଫାନ ସର୍ଦ୍ଦାର, ରିତେଶ ସାହୁ , ଗୌତମ ସାହୁ ପ୍ରମୁଖ ଅଭିନୟ କରିଥିଲେ। ଉକ୍ତ ନାଟକରେ ଯୁଗଳ କିଶୋର ତ୍ରିପାଠୀ ଏବଂ ମୁରଲୀଧର ପଟ୍ଟନାୟକ ସଙ୍ଗୀତ ଓ କୁମାର ସମର କଣ୍ଠଦାନ କରିଥିଲେ। ପ୍ରଦୀପ ନନ୍ଦ, ସତ୍ୟନାରାୟଣ ଦାସ ଏବଂ ହରିଶ ଚନ୍ଦ୍ର ବେହେରା ଉକ୍ତ ନାଟକ ପରିଚାଳନାରେ ସହଯୋଗ କରିଥିଲେ। ନୂତନ ପ୍ରତିଭା ସୃଷ୍ଟି ଉଦ୍ଦେଶ୍ୟରେ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ୧୦ ଜଣ ନୂତନ କଳାକାରଙ୍କୁ ମଞ୍ଚରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ।









# ସଚେତନତା, ସତର୍କତା ହିଁ ସାଇବର ଅପରାଧକୁ ରୋକିବ

## ସାଇବର ସୁରକ୍ଷା ଉପରେ ଜିଲାସ୍ତରୀୟ କର୍ମଶାଳା

ରାୟଗଡ଼ା,୮।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନ୍‌ଲାଇନ ସୁରକ୍ଷା ଓ ସାଇବର୍ ସୁରକ୍ଷା ଉପରେ ଏକ ଦିବସୀୟ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସ୍ୱାଗତ ଭାଷଣ ଦେଇ ସେ କହିଥିଲେ, ସତର୍କତା ଅବଲମ୍ବନ ନ କଲେ ଆଜିର ଏହି ଅନ୍‌ଲାଇନ ଯୁଗରେ ନିଜର ସମ୍ମାନ, ସମ୍ପତି ହାନି ହେବାର ବହୁତ ସମ୍ଭାବନା ରହିଛି। ତେଣୁ ସଚେତନତା, ସତର୍କତା ଦ୍ୱାରା ହିଁ ସାଇବର ଅପରାଧକୁ ରୋକାଯାଇପାରିବ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍‌ଆଇସି ଯୁଗ୍ମ ନିର୍ଦ୍ଦେଶକ ଗୁଣଶେଖର ମିଥେଟି ଯୋଗଦେଇ ସାମାଜିକ ଗଣମାଧ୍ୟମର ଉପକାରିତା ଓ ଅପକାରିତା ଉପରେ ଧ୍ୟାନ ଦେବାକୁ କହିଥିଲେ। ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନଲାଇନ ସୁରକ୍ଷା କଣ, କ'ଣ କରିବା ଉଚିତ୍, କ'ଣ ନକରିବା ଉଚିତ୍, ସାଇବର ଅପରାଧ କଣ, କେଉଁ ଆପ ଡାଉନ ଲୋଡ କରିବେ ନାହିଁ, କେଉଁ ସାଇଟ୍ ଜମା ଖୋଲିବେ ନାହିଁ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ସାଇବର ଅପରାଧର ପ୍ରକାର ଭେଦ, ସାମାଜିକ ଗଣମାଧ୍ୟମରେ ଅଧିକ ଫଟୋ, ଭିଡିଓ, ବ୍ୟକ୍ତିଗତ ତଥ୍ୟ ଦେଲେ କ'ଣ କ୍ଷତି ହେଇପାରେ ସେ ସମ୍ପର୍କରେ ବୁଝେଇଥିଲେ। ଏଥିରେ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ମାନବ ସମ୍ବଳ ମ୍ୟାନେଜର ରାଜେଶ ପାଣିଗ୍ରାହୀ ଯୋଗଦେଇ ନିଜ ଟଙ୍କା କିପରି ସୁରକ୍ଷିତ ରଖିବେ, ଆକାଉଣ୍ଟ ନମ୍ବର, ଓଟିପି, ଆଧାର ନମ୍ବର, ବ୍ୟକ୍ତିଗତ ତଥ୍ୟ, କେଉଁ ସ୍ଥାନରେ ଅଛନ୍ତି ଇତ୍ୟାଦି କାହାକୁ ନ ଦେବାକୁ ବୁଝାଇଥିଲେ। ସେହିଭଳି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବରିଷ୍ଠ ଓକିଲ ରବି ନାରାୟଣ ଶତପଥୀ ଯୋଗଦେଇ ସାଇବର ଅପରାଧର ଆଇନ, ଦଣ୍ଡ ବିଧାନ, ସାଇବର ଶିକାର ହେଲେ କ'ଣ କରିବେ ବୁଝାଇଥିଲେ। ଜିଲା ସଂଯୋଜକ ଦିବାକର ପରିଛା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ସୁରକ୍ଷା ଅଧିକାରୀ ପ୍ରତିମା ଦାସ, ସାଏଦ ସଲିମ, ଶ୍ରୀକାନ୍ତ ପଣ୍ଡା, ଆଶିଷ ନାୟକ, ଡି ସୁଧୀର, ଶିକ୍ଷକ, ନାରୀ ଅଦାଲତର ନ୍ୟାୟ ସଖୀ, ଓଏସ୍‌ସିର କର୍ମକର୍ତ୍ତା, ସ୍କୁଲ ଓ କଲେଜର ଛାତ୍ରୀ ଯୋଗ ଦେଇଥିଲେ । ଶେଷରେ ୪ଜଣ କୃତୀ କିଶୋରୀ ବାଳିକାଙ୍କୁ ଏକ ହଜାର ଟଙ୍କା ନଗଦ ପୁରସ୍କୃତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅଧିକାରୀ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି


ଅଭିଯୋଗ ଶୁଣାଣି ଶିବିରରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀ ଓ ଜନ ପ୍ରତିନିଧି।

ଚନ୍ଦ୍ରପୁର,୮।୧୨ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବିଡ଼ିଓ ସୌମ୍ୟକାନ୍ତ ବଂଗଲ, ସମ୍ମାନୀତ ଅତିଥି ଭାବେ ଜିପିଇଓ ରାଜେନ୍ଦ୍ର କୁମାର ପାଲ, ଚନ୍ଦ୍ରପୁର ସରପଞ୍ଚ, ଏବିଇଓ ଉମାକାନ୍ତ ମିସାଲ, ପିଇଓ ଆସୁତୋଷ ପାଣିଗ୍ରାହୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶିବିରରେ କେବଳ ଗୋଟିଏ ମାତ୍ର ଗୋଟିଏ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଦିରି ଗ୍ରାମ ଭୂତ୍ ସାହିର ନଳକୂପ ମରାମତି କରାଯାଉ ନଚେତ୍ ନୂତନ ନଳକୂପ ଖନନ କରାଯାଉ ବୋଲି ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ। ଅଞ୍ଚଳରେ ଧାନ କଟା ପାଇଁ କେହି ହେଲେ ଅଞ୍ଚଳବାସୀ ଆସି ନ ଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ପଞ୍ଚାୟତସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ କୌଣସି ଅଭିଯୋଗ କଲେ ମଧ୍ୟ ଫଳପ୍ରଦ ହେଉନାହିଁ ବୋଲି ବୁଦ୍ଧିଜୀବୀ କହିଛନ୍ତି।

# ଦ୍ୱିଧାରେ ବଡ଼ନାଳ ଜଳସେଚନ ପ୍ରକଳ୍ପ ଅଧିକାରୀ

## ଗୋଟେ ପଟେ ପାଣି ନ ଛାଡ଼ିବାକୁ, ଅନ୍ୟ ଗୋଷ୍ଠୀ ପାଣି ଛାଡ଼ିବାକୁ ଦାବି

ଗୁଣପୁର,୮।୧୨( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ପଦ୍ମପୁର ବଡ ନାଳ ଜଳସେଚନ ପ୍ରକଳ୍ପ ଅଧିକାରୀ ଏବେ ଦ୍ୱିଧାରେ ପଡ଼ିଛନ୍ତି। ଗୋଟେ ପଟେ କିଛି ଗ୍ରାମବାସୀ ଫସଲ ନଷ୍ଟ ହେବା ଆଶଙ୍କାରେ ପ୍ରକଳ୍ପରୁ ପାଣି ନ ଛାଡିବାକୁ ଦାବି କରୁଥିବାବେଳେ ଅନ୍ୟପକ୍ଷେ ଗୁଣପୁର ବ୍ଲକର ଘନାନ୍ତ୍ରୀ ଖଇରା ଓ ଘୁଟଣା ମୌଜାର ଧାନ ଚାଷ ଜମିରେ ପାଣି ଅଭାବ ହୋଇଥିବାରୁ ତୁରନ୍ତ ବଡନାଳ ଜଳସେଚେନ ପ୍ରକଳ୍ପରୁ ଜମିକୁ ପାଣି ଛାଡିବାକୁ ମାତାର ବନାମ ପାଣି ପଞ୍ଚାୟତର ସମସ୍ତ ଚାଷୀ ଦାବି କରଛନ୍ତି। ଏ ନେଇ ସେମାନେ ସୋମବାର ଗୁଣପୁର ଉପଜିଲାପାଳ ଓ ତହସିଲଦାରଙ୍କୁ ଭେଟି ଆଲୋଚୋନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମସ୍ୟା ନେଇ ବଡନାଳ ସହକାରୀ ଯନ୍ତ୍ରୀ ଲାଡି ମୁରଲୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସମସ୍ତ ଚାଷୀଙ୍କ ହିତ ପାଇଁ ଆମେ କାମ କରୁଛୁ। ଆମର ନଭେମ୍ବର ଯାଏ ପାଣି ଛଡ଼ାଯାଏ। କିନ୍ତୁ ଚାଷୀଙ୍କ ପାଇଁ ଏହା ଡିସେମ୍ବର ୩ ତାରିଖ ଯାଏ ପାଣି ଛଡ଼ାଗଲା। ତେବେ ଅଞ୍ଚଳର ୮୦ ଭାଗ ଜମିରେ ଧାନ ପାଚିବା ଯାଇଛି। ତେଣୁ ଧାନ କାଟିବା ସମୟରେ ଜମି କାଦୁଅ ହେଲେ ଧାନ ମେଶିନରେ କାଟିବା ଅସୁବିଧା ହେବ। ତେଣୁ ପାଣି ନ ଛାଡିବାକୁ ଗତ ୩୦ ତାରିଖରେ ୨୦ଟି ପାଣି ପଞ୍ଚାୟତର ଶତାଧିକ ଚାଷୀ କୃଷକ ନେତା ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆସି ଦାବିପତ୍ର ପ୍ରଦାନ କରିଥିଲେ। ସେହି ଦିନ ଏହି ଚାଷୀଙ୍କୁ ମଧ୍ୟ ଆସି ଆଲୋଚନା କରିବାକୁ କୁହାଯାଇଥିଲା । ତେବେ ସେହିଦିନ କେହି ଆଲୋଚନାକୁ ଆସି ନ ଥିଲେ । ତଥାପି ଆମେ ୩ ତାରିଖ ପର୍ଯ୍ୟନ୍ତ ପାଣି ଛାଡିଥିଲୁ। ସର୍ବ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ପାଣି ଛାଡ଼ିବା ବନ୍ଦ କରାଯାଇଛି ବୋଲି ରାଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

# ୧୫୬ ଅଭିଯୋଗ ଶୁଣିଲେ ଜିଲାପାଳ


ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

## ମୁନିଗୁଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣି

ମୁନିଗୁଡା,୮।୧୨ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ମୁନିଗୁଡ଼ାର ବ୍ଲକ୍‌କାର୍ଯ୍ୟାଳୟ ସଦ୍‌ଭାବନା ଗୃହ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକାଙ୍କ ଅଧ୍ୟକ୍ଷତା ଓ ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଆରକ୍ଷୀ ଅଧୀକ୍ଷକ ସ୍ୱାଥ୍ ଏସ୍ କୁମାର ୧୫୬ଟି ଅଭିଯୋଗ ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୦୭ଟି ବ୍ୟକ୍ତିଗତ ଓ ୪୮ଟି ସାମୂହିକ ଅଭିଯୋଗ ରହିଥିଲା ।

ଶିବିରରେ ଗୁଣପୁର ଉପଜିଲାପାଳ ଅଭିଷେକ ଦୁଧାଲ, ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ବି.ସରୋଜିନୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ମୁନିଗୁଡ଼ା ଉନ୍ନୟନ ଉପରେ ଦରଖାସ୍ତ ଏବଂ ସାହି ବସ୍ତି ରାସ୍ତାର ଦୁରବସ୍ଥା, ଦୀର୍ଘଦିନ ଧରି ଷ୍ଟ୍ରିଟ୍‌ଲାଇଟ ଠିକ୍ ଭାବେ ଜଳୁ ନ ଥିବା ଯୋଗୁ ହେଉଥିବା ବିଭିନ୍ନ ସମସ୍ୟା ଉପରେ ପୁନଃ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁନିଗୁଡା ବାର୍ ଆସୋସିଏଶନ, ନାଗରିକ ମଞ୍ଚ ତରଫରୁ ଅତିରିକ୍ତ ତହସିଲଦାରଙ୍କ ବଦଳି କାରଣରୁ କୋର୍ଟ କାର୍ଯ୍ୟରେ ଅସୁବିଧା, ମୁନିଗୁଡ଼ାରୁ ଆଗୁଳ ପଞ୍ଚାୟତ ଅଞ୍ଚଳକୁ ଲକ୍ଷ୍ମୀ ବସ୍ ସେବା ଯୋଗାଇଦେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହ ବିଭିନ୍ନ ପଞ୍ଚାୟତରେ ଅନେକ ଦିବ୍ୟାଙ୍ଗଙ୍କ ସମସ୍ୟା ଆସିଥିଲା। ସେହିପରି ଭତ୍ତା, ଆବାସ ଯୋଜନା ସହ ଅନେକ ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଆସିଥିବା ଜଣାପଡ଼ିଛି। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୫ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ହୁଇଲ ଚେୟାର ଏବଂ ୪ଜଣ ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡ଼ା ତହସିଲଦାର ଏମ୍. ଅନୁରାଧା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଆଇଆଇସି ସୌଦାମିନୀ ବେହେରା, ମେଡିକାଲ ଅଫିସର ଡା.ଆଶିଷ ରଞ୍ଜନ ପଣ୍ଡା, ବିଇଓ ଗଣେଶ ଶବର, ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ଜିଲା, ଉପଖଣ୍ଡ ସ୍ତରୀୟ ଓ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବଡ଼ ବାବୁ ଜିତେନ୍ଦ୍ର କୁମାର ଧର,ସହକାରୀ ଯନ୍ତ୍ରୀ ଭି.ଶ୍ରୀନିବାସ ରାଓ,ବ୍ଲକ ଯନ୍ତ୍ରୀ ଅମ୍ବିକା ଦାସ, ସନ୍ଧ୍ୟାରାଣୀ ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡିଙ୍ଗି, କଳ୍ପନା ସାହୁ, ସୁରଜ ମଲ୍ଲିକ, ଜିପିଇଓ ମନୋରଞ୍ଜନ ବେହେରା, ଯୋଗାଣ ଅଧିକାରୀ ଆଶିଷ ରଞ୍ଜନ ସାହୁ, ଜିଆର୍‌ଏସ୍ ଅଜିତ ନାଗ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ମୌଳିକ ସମସ୍ୟା ସମାଧାନ ନ ହେବାରୁ ରାସ୍ତାରୋକୋ

ଟିକିରି,୮।୧୨
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋରଖପୁର ଗ୍ରାମରେ ବିଭିନ୍ନ ମୌଳିକ ସମସ୍ୟା ଲାଗି ରହିଛି। ଏହାର ସମାଧାନ ପାଇଁ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ସୋମବାର ସକାଳେ ଗୋରଖପୁର ଗ୍ରାମର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଟିକିରିଠାରୁ କାଶୀପୁର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଟିକିରି ଥାନା ଅଧିକାରୀ ବିଶ୍ୱବଦିନୀ ବାଘ ଓ ବ୍ଲକ୍ ପ୍ରଶାସନ ଲୋକଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ରାୟଗଡା ଉପ ଜିଲାପାଳ ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେବା ପରେ ଦୀର୍ଘ ୭ ଘଣ୍ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଗୋରଖପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମରେ ପିଇବା ପାଣି, ରାସ୍ତା ସମସ୍ୟା ଲାଗି ରହିଥିବାବେଳେ ମୋବାଇଲ ଟାୱାର ନ ଥିବାରୁ ଏବଂ ସ୍ଥାନୀୟ ମେଡିକାଲରେ ଡାକ୍ତର ପଦବୀ ଖାଲି ଥିବାରୁ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ଏହିସବୁ ମୌଳିକ ସମସ୍ୟାର ସମାଧାନ ପାଇଁ ବହୁତ ଥର ବ୍ଲକ ଅଧିକାରୀଠାରୁ ଆରମ୍ଭ କରି ଜିଲା ପ୍ରଶାସନଙ୍କୁ ମଧ୍ୟ ଅବଗତ କରାଯାଇଛି। ସେହିପରି ଗତ ୬ ତାରିଖରେ ଜିଲାପାଳଙ୍କ ଉଦ୍ଦେଶ୍ୟ କାଶୀପୁର ତହସିଲ ଅଫିସରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସ ସମାଧାନ ନ ହେବାରୁ ବାଧ୍ୟ ହୋଇ ରାସ୍ତା ଅବରୋଧ କରିଥିଲୁ ବୋଲି ଗ୍ରାମବାସୀ କହିଛନ୍ତି।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

**Sd./- Collector & D.M.-cum-Chairman, RMC, Kendrapara**
OIPR-01580/11/0001/2526


# ଲୋକନୃତ୍ୟରେ ଦୁଲୁକିଲା ଚଇତି ମଞ୍ଚ

## ରାମନାଗୁଡ଼ା ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି

ଗୁଣପୁର, ୮।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମଠାରେ ଲୋକ ମହୋତ୍ସବ 'ଚଇତି-୨୦୨୫' ପାଳିତ ହୋଇଯାଇଛି। ପାଲୁପାଇର ଦେବ ମହାଦେବଙ୍କୁ ସ୍ପର୍ଶକରି ବହିଯାଉଥିବା ନଦୀରେ ପୂଜାର୍ଚ୍ଚନାକରି ରବିବାର କଳସ ଅଣାଯାଇଥିଲା। ପରେ ରାମନାଗୁଡା ଗଣପତିଗୁଡ଼ା ସ୍ଥିତ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ଶୋଭାଯାତ୍ରାରେ ୧୨ ପଞ୍ଚାୟତରୁ ଆସିଥିବା ସାଂସ୍କୃତିକ ଦଳ ସହ ବ୍ଲକ୍‌ସ୍ତରର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ବିରାଟ ପଟୁଆରରେ ପାରମ୍ପରିକ ବାଦ୍ୟଯନ୍ତ୍ର ମାଧ୍ୟମରେ ଶୋଭାଯାତ୍ରା ସହର ପରିକ୍ରମା କରି ଚଇତି ମଣ୍ଡପରେ ପହଞ୍ଚିଥିଲା। ମଣ୍ଡପରେ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ଅତିଥିମାନେ ବିଭିନ୍ନ ବିଭାଗ ଦ୍ୱାରା ଖୋଲାଯାଇଥିବା ଷ୍ଟଲ୍‌କୁ ଉଦ୍‌ଘାଟନକରିବା ସହ ବୁଲି ଦେଖିଥିଲେ। ଚଇତି ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ସମ୍ମାନିତ ଅତିଥି ରୂପେ ମୁଖ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ଆଇଆର୍‌ବି ଭାମିନି କମାଣ୍ଡାଣ୍ଟ ବ୍ରଜମୋହନ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଉପାଧ୍ୟକ୍ଷ ଜାନକୀ ନିମାଲା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଚାଷ, ସ୍ୱାସ୍ଥ୍ୟସେବା, ମହିଳା ଶିଶୁ ବିକାଶ, ଲୋକ କଳା ଆଦିରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୩ ମସିହା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବୁଥିଂ ପଞ୍ଚାୟତର ହିମାଳୟ ଶବରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଚଇତି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ପାରମ୍ପରିକ ଲୋକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ କଳାହାଣ୍ଡିରୁ ଆସିଥିବା ଘୁମୁରା ନୃତ୍ୟ ଦର୍ଶକଙ୍କ ମନକୁ ବିଭୋର କରିଥିଲା। କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ ବୁଦ୍ଧିଜୀବୀ ଏଂ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ। ବିଡିଓ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ଅର୍ଥ ଅଧିକାରୀ ନୀଳକଣ୍ଠ ଶବର, ସହକାରୀ ଯନ୍ତ୍ରୀ ଦୀପ୍ତିରାଣୀ ମୁନି, ବିପିସି ସନ୍ତୋଷ ରତ୍ନାଲୁ, ଯୋଗାଣ ନିରୀକ୍ଷକ ଶଙ୍କର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ,ସାମାଜିକ ସୁରକ୍ଷା ଅଧିକାରୀ ଥୋମାସ ତାଣ୍ଡାଶି,ଜିପିଡିଓ ପଦ୍ମନ ସାହୁ, ଚିତ୍ତରଂଜନ ଦେଓ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାମନାଗୁଡା ଥାନା ଅଧିକାରୀ ସୁନିତା ବେହେରାଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ବିଦିଶା ଶତପଥୀ, ଅଶ୍ୱିନୀ ତ୍ରିପାଠୀ ଓ ଅକ୍ଷୟ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।


ଚଇତି ମଞ୍ଚରେ ଉପସ୍ଥିତ ଅତିଥି ।


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

## ୧୯ ଲିଟର ବିଦେଶୀ ମଦ ଜବତ:୨ ଗିରଫ

କୋରାପୁଟ,(ଅମିତାଭ ବେହେରା)-କୋରାପୁଟ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରି ଜଣଙ୍କଠାରୁ ୨.୧୬୦ ଲିଟର ବିଦେଶୀ ମଦ ଓ ୧୬.୪୫୦ଲିଟରେ ବିଅର ଜବତ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ସେମିଲିଗୁଡା ଥାନା ଅଧୀନ ଦୁଧାରି ଗ୍ରାମର ନିରଞ୍ଜନ ବିଷୋୟୀ ଓ ଅଭି ମଣ୍ଡଳ ନାୟକ। ଅବକାରୀ ବିଭାଗ ପକ୍ଷରୁ ୨ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।



# ୨୫୫ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ତାଲିମ ଦେବା ଲକ୍ଷ୍ୟ

### ଜିଲାରେ ସମ୍ଭବ ପ୍ରଶିକ୍ଷଣ ଉଦ୍‌ଘାଟିତ

କୋରାପୁଟ,୮।୧୨(ଅମିତାଭ ବେହେରା)

କୋରାପୁଟ ସମଗ୍ର ଶିକ୍ଷା ପକ୍ଷରୁ ସ୍ଥାନୀୟ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମ୍ଭବ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚମେଲୀ ମଜୁମଦାର ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହାୟକ ପ୍ରଫେସର ଡ.ପୂର୍ଣ୍ଣଚନ୍ଦ୍ର ତନ୍ତି ଯୋଗଦେଇଥିଲେ। ଦିଲିପ ପଣ୍ଡା, ଗୋରାଚାନ୍ଦ ତ୍ରିପାଠୀ ଓ ରୁଦ୍ରନାରାୟଣ ମିଶ୍ର ସାଧନ କର୍ମୀ ଦାୟିତ୍ୱ ତୁଲାଇଥିଲେ। ୧୪ ବ୍ଲକରୁ ୫୨ ଉଚ୍ଚ ବିଦ୍ୟାଳୟରୁ ୫୨ ପ୍ରଧାନଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଶିବିରରେ ଜାତୀୟ ଶିକ୍ଷାନିତୀ ୨୦୨୦, ଜାତୀୟ ପାଠ୍ୟ ଖସଡ଼ା ୨୦୨୨, ଅନ୍ତର୍ନିର୍ବେଶି ଶିକ୍ଷା, ଏକ ବିଂଶ ଶତାବ୍ଦୀର କୌଶଳ, ଶିକ୍ଷକ ନେତୃତ୍ୱ, ଶିକ୍ଷା ପ୍ରଶାସନର ବିଭିନ୍ନ ନିୟମ, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ବିଦ୍ୟାଳୟ ବିକାଶ ଯୋଜନା, ଆର୍ଥିକ ପରିଚାଳନା, ଅନୁଷ୍ଠାନିକ ଶାସନ ଆଦି ଉପରେ ଆଲୋଚନା କରାଯିବ। ଜିଲାରେ ୨୫୫ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ୪ଟି ପର୍ଯ୍ୟାୟରେ ତାଲିମ ଦେବାକୁ ସରକାର ଯୋଜନା ରଖିଛନ୍ତି। ତାଲିମକୁ ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ ପରିଚାଳନା କରୁଛନ୍ତି।



ଶିବିରରେ ଉପସ୍ଥିତ ଅତିଥି ଓ ପ୍ରଧାନଶିକ୍ଷକମାନେ।

# ଆଧାର କାର୍ଡ ନ ଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ୨ ମହିଳା


କମସୁଲା ପମିଆ ଓ ରାଧାମଣି ପମିଆ।

### ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ

ନନ୍ଦପୁର,୮।୧୨(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ଦୁର୍ଗମ ନନ୍ଦକା ପଞ୍ଚାୟତ ଝାଙ୍କରଗୁଡ଼ା ଗ୍ରାମର ୨ ମାନସିକ ଅସୁସ୍ଥ ଓ ଅବିବାହିତା ମହିଳା କମସୁଲା ପମିଆ(୫୦) ଏବଂ ରାଧାମଣି ପମିଆ(୪୮) ସରକାରଙ୍କ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ୨ ମହିଳାଙ୍କ ଆଧାରକାର୍ଡ ଓ ଭୋଟର କାର୍ଡ ନ ଥିବାରୁ ସରକାରଙ୍କ ଚାଉଳ, ଅବିବାହିତ ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ରହିଛନ୍ତି। ଶିକ୍ଷା, ପୋଷଣ, ଜୀବିକା ଓ ସାମାଜିକ ସୁରକ୍ଷା ଆଦି ସମସ୍ତ ଯୋଜନାରୁ ମଧ୍ୟ ଦୂରରେ ରହିଛନ୍ତି। ନନ୍ଦକା ପଞ୍ଚାୟତ ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବ୍ଲକ ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ, ଯୋଗାଣ ବିଭାଗ ଓ ନିର୍ବାଚନ ବିଭାଗ ସମସ୍ତଙ୍କ ନଜର ଆଢୁଆଳରେ ରହି ୨ଜଣ ଜୀବନ କାଟୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ସୂଚନା ମୁତାବକ କମସୁଲା ଓ ରାଧାମଣି ମାନସିକ ଅସୁସ୍ଥ। କିନ୍ତୁ ଆଧାରକାର୍ଡ ନ ଥିବାରୁ ୨ ପରିବାରର ରାଶନ କାର୍ଡ କ୍ରମାଙ୍କ ୨୦୧୧୧୨୧୦୬୩୩ ଓ ୨୦୧୧୧୬୮୦୬୪୩ରେ ସେମାନଙ୍କୁ ସାମିଲ କରାଯାଇନାହିଁ। ଭୋଟର କାର୍ଡ ନ ଥିବାରୁ ୨ ମହିଳା ଭୋଟ ମଧ୍ୟ ଦେଇ ନାହାନ୍ତି। ମାନସିକ ଅସୁସ୍ଥତା ଯୋଗୁ ଗାଁ ଭିତରେ ଏଣେ ତେଣେ ବୁଲୁଥିବା ଓ ଯିଏ ଯାହା ଦେଲେ ଖାଇ ଜୀବନ କାଟୁଥିବାରୁ ଏହାକୁ ଦେଖି ବ୍ଲକ୍ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବର୍ତ୍ତମାନ ଦୁହିଁଙ୍କ ମାନସିକ ଅସୁସ୍ଥତାର ଚିକିତ୍ସା ଆରମ୍ଭ କରିଛି। ଆଧାରକାର୍ଡ ଥିଲେ ସରକାରଙ୍କ ବିଭିନ୍ନ ଯୋଜନାରେ ଉଭୟଙ୍କୁ ସାମିଲ କରାଯାଇ ସହାୟତା ପ୍ରଦାନ କରାଯାଇପାରିବ ବୋଲି ଉକ୍ତ ସଂସ୍ଥା ଓ ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ସରପଞ୍ଚ ରେଳି ଶୀସା ଉଭୟଙ୍କ ଆଧାର କାର୍ଡ କରିବାକୁ ଅନେକଥର ଆଧାର କେନ୍ଦ୍ର ନେଇ ଆବଶ୍ୟକ କାଗଜପତ୍ର ନ ଥିବାରୁ ଅସଫଳ ହୋଇଥିବା କହିଛନ୍ତି। ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଉପଜିଲାପାଳ କୋରାପୁଟ ପ୍ରେମଲାଲ ହିଆଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ପଞ୍ଚାୟତ ପିଇଓ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ୨ ମହିଳାଙ୍କ ଆଧାରକାର୍ଡ ତିଆରି କରିବା ସହ ଅନ୍ୟ ସରକାରୀ ଯୋଜନାରେ ସାମିଲକରି ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଆଧାରକାର୍ଡ ନ ଥିବାରୁ ନନ୍ଦପୁର ବ୍ଲକର ୨୩ ପଞ୍ଚାୟତରେ ଏଭଳି ଅନେକ ଶିଶୁ, କିଶୋରୀ କିଶୋର, ଯୁବତୀଯୁବକ, ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ଅଛନ୍ତି। ସେମାନଙ୍କୁ ଚିହ୍ନଟ କରିବାକୁ ପଞ୍ଚାୟତ, ବ୍ଲକ୍ ଓ ଜିଲା ପ୍ରଶାସନ ପକ୍ଷରୁ ଚେଷ୍ଟା କରିବାକୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଶିବିରରେ ୧୦ ଅଭିଯୋଗ ପଞ୍ଜୀକୃତ


ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସୁନାବେଡା/ସେମିଳିଗୁଡ଼ା,୮।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡ଼ା ବ୍ଲକ ଉପର କାଣ୍ଡିପଦର ପଞ୍ଚାୟତ ପଞ୍ଚାୟତଗୃହରେ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ବସନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ମୋଟ ୧୦ ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ରାସ୍ତାଘାଟ, ଗମନାଗମନ,ଡ୍ରେନ ନିର୍ମାଣ ଆଦି ବିଭିନ୍ନ ଉନ୍ନୟନ ସମସ୍ୟା ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ ସହକାରୀ ଯନ୍ତ୍ରୀ ପ୍ରାଣମୟୀ ପାଣିଗ୍ରାହୀ, ଡବ୍ଲୁଇଓ ହରପ୍ରସାଦ ଦାସ, ବିଏସ୍ଏସ୍‌ଓ ଟି. ଗୁରଭି, ଜିପିଓ ଦେବେନ୍ଦ୍ର କୁମାର ମାଝୀ, ସରପଞ୍ଚ ସାଲୋ ସାନ୍ତା ଓ ସମିତି ସଦସ୍ୟା ରାଜ୍ଜୁ ଯାନୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରିଥିଲେ। ହିତାଧିକାରୀ ଏହାର ଲାଭ ପାଇପାରିବା ନେଇ ଲୋକଙ୍କୁ କହିଥିଲେ।

# ୪୭ ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

### ଜିଲାସ୍ତରୀୟ ଜନଶୁଣାଣି

କୋଟପାଡ଼,୮।୧୨(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଭାଗୃହରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ,ଉପ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଜୟପୁର ଉପଜିଲାପାଳ ଆକବରମ ଶଯ୍ୟା ରେଡ୍ଡୀ, ଏସ୍‌ପି ରୋହିତ ବୋର୍ମା, ସିଡିଏମ୍‌ଓ ଡ. ବରାଡ଼ କାନ୍ତ ବେହେରା ଓ କୋଟପାଡ଼ ତହସିଲଦାର ଗ୍ୱିକେଲ ସେଠୀ ଉପସ୍ଥିତ ଥିଲେ। ଜିଲାପାଳ ୪୭ଟି ବିଭିନ୍ନ ଅଭିଯୋଗର ଶୁଣିଥିଲେ। ୨୯ଟି ବ୍ୟକ୍ତିଗତ ଓ ୧୭ ସାମୁହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଚଳିତବର୍ଷ ଧାନମଣ୍ଡି ଶୀଘ୍ର ଖୋଲିବା ସହ ମଣ୍ଡି ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ଟୋକେନ ଦେବା, ଚାଷୀଙ୍କୁ ଅଖା ବ୍ୟାଗ୍ ବ୍ୟବସ୍ଥା କଟନୀଛଟନୀ ବନ୍ଦ, ଏକର ପିଛା ୨୫ କୁଇଣ୍ଟାଲ ଧାନ ପ୍ରଶାସନ କିଣିବା ଓ ଦୁର୍ନୀତିଗ୍ରସ୍ତ ଏସ୍‌ଏଚ୍‌ଜି ଖରିଫ ମଣ୍ଡିରୁ ବାଦ ଦେବା ଆଦି ନେଇ ଚାଷୀ ଲିଖିତ ଅଭିଯୋଗ କରିଥିଲେ। କୁନ୍ଦୁରା ଅଞ୍ଚଳ ମସିଗାଁ ପଞ୍ଚାୟତର ଯୋଡଙ୍ଗା ଗ୍ରାମବାସୀ କୋଲାବ ନଦୀରୁ ଚୋରା ବାଲି ଚାଲାଣ ହେଉଥିବା ମହିଳାମାନେ ଅଭିଯୋଗ କରିଥିଲେ। ବ୍ଲକର ଉନ୍ନୟନ କାର୍ଯ୍ୟ ଅତିଶୀଘ୍ର ସାରିବା, ଗ୍ରାମାଞ୍ଚଳର ରାସ୍ତା ଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଜନଶୁଣାଣି ହୋଇଛି। ମିରାଗୁଡାଠାରୁ ଧାରଗୁଡ଼ି ବାଇପାସ ରାସ୍ତା ଶୀଘ୍ର ସମାପ୍ତ ନ ହେବାରୁ ଉକ୍ତ ରାସ୍ତା ଦୁଇପାର୍ଶ୍ୱ ସହ ଅନେକ ଛକରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ବାଇପାସ ରାସ୍ତା ଶୀଘ୍ର ସାରି କ୍ଷତିପୂରଣ ପ୍ରଦାନ କରିବାକୁ ଜିଲାପାଳଙ୍କୁ କୁହାଯାଇଛି। ଶୁଣାଣିରେ କୋଟପାଡ଼ର ଜନ ପ୍ରତିନିଧି ଓ ଜିଲାର ସମସ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କୋଟପାଡ଼ ବିଡିଓ ମନୋଜ କୁମାର ନାୟକ ଓ ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲା,୪ ଅଟକ

ଜୟପୁର,୮।୧୨(ପବନ ପାଣିଗ୍ରାହୀ)

ଜୟପୁର ସହର ଗଡିଆ ଧୋବାସାହି ନିକଟ ଦେବୀ ନଗର ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହି ମାମଲାରେ ଟାଉନ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ୨ଟାରେ ଓଡିଆ ମେଦ୍ରୀ ସାହିର ଟି.କାର୍ତ୍ତିକ ଓ ତାଙ୍କର କେତେଜଣ ସାଙ୍ଗ ଦେବୀ ନଗର ନିକଟରେ ବସିଥିଲେ। ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ପରେ ବଚସା ହୋଇଥିଲା। କେହି ଜଣେ ଟି. କାର୍ତ୍ତିକଙ୍କୁ ଏକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରିବାର ଲୋକେ କାର୍ତ୍ତିକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଗୁରୁତରଙ୍କ ବୟାନ ଆଧାରରେ ପୋଲିସ ୪ଜଣଙ୍କୁ ଅଟକ ରଖିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି।

### ଆନ୍ଦୋଳନରେ ଶିକ୍ଷକ, ପାଠପଢ଼ା ପ୍ରଭାବିତ

କୁନ୍ଦୁରା,୮।୧୨(ସନ୍ତୋଷ ପ୍ରହରାଜ)

କୁନ୍ଦୁରା ବ୍ଲକ୍ ଗୁଣ୍ଡାଳ ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୧୩ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଜଣାଇଥିଲେ। ସରକାର ସପ୍ତାହେ ମଧ୍ୟରେ ଦାବି ପୂରଣ ନେଇ ପଦକ୍ଷେପ ଗ୍ରହଣ ନ କଲେ ରାଜରାସ୍ତାକୁ ଓହ୍ଲାଇବା ଚେତାବନୀ ଦିଆଯାଇଥିଲା। ଶିକ୍ଷକମାନେ ଆନ୍ଦୋଳନ କରୁଥିବାରୁ ସ୍କୁଲରେ ଅଧକ୍ଷ ଅଶୋକ କୁମାର ପଣ୍ଡା କାର୍ଯ୍ୟରତ ଅଛନ୍ତି। ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଦୁଇ ମାସ ପରେ ମାଟ୍ରିକ୍ ପରୀକ୍ଷା ଥିବାରୁ ଶିକ୍ଷକମାନେ ଅନୁପସ୍ଥିତ ରହିଲେ ପାଠପଢ଼ା ଓ ପରୀକ୍ଷା ପାଇଁ ପ୍ରସ୍ତୁତିରେ ସମସ୍ୟା ହେବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏ ନେଇ ଅଧକ୍ଷ ପଣ୍ଡା କହିଛନ୍ତିସମସ୍ତ ଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେ ଜଣେ ବିଦ୍ୟାଳୟ ପରିଚାଳନା କରୁଛନ୍ତି। ଷଷ୍ଠରୁ ଦ୍ୱାଦଶ ଯାଏ ୨୮୪ ଛାତ୍ରୀଛାତ୍ର ରହିଛନ୍ତି। ଛାତ୍ରୀଛାତ୍ରଙ୍କ ନିରାପତ୍ତା ଓ ସୁରକ୍ଷା ଦୃଷ୍ଟିରୁ ଜଣେ ଶିକ୍ଷକଙ୍କ ଦ୍ୱାରା ପରିଚାଳନାରେ ସମସ୍ୟା ହେଉଛି। ଶିକ୍ଷକ ସ୍କୁଲକୁ ନ ଫେରିବା ଯାଏ ସ୍କୁଲ ପରିଚାଳନା ନେଇ ଉପରିସ୍ଥ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ଖାଲିପଡ଼ିଛି ଶ୍ରେଣୀ ଗୃହ, ପାଠ ପଢ଼ା ଠପ୍

### ବିଧାନସଭା ଆଗରେ ଓଏଭି ଶିକ୍ଷକଙ୍କ ଧାରଣା

ପଟ୍ଟାଙ୍ଗି,୮।୧୨(ଶରତ କୁମାର ଧଳ)

ଛାତ୍ରୀଛାତ୍ର ଓ ନିଜର ଦାବିକୁ ନେଇ ରାଜ୍ୟର ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିବାରୁ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ମହାକୁମାସ୍ଥିତ ଆଦର୍ଶ ବିଦ୍ୟାଳୟ(ଓଏଭି) ଶ୍ରେଣୀ ଗୃହ ଖାଲି ପଡ଼ିବା ସହ ପାଠପଢ଼ା ଠପ୍ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟ ମହାସଂଘ ପକ୍ଷରୁ ଦିଆଯାଇଥିବା ୧୩ ଦଫା ଦାବି ପୂରଣ ପାଇଁ ଜିଲାର ୧୫ ବିଦ୍ୟାଳୟରୁ ୨୦୪ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ଆଗକୁ ମାଟ୍ରିକ୍ ପରୀକ୍ଷା ଥିବାରୁ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ରହିବା ନେଇ ଛାତ୍ରୀଛାତ୍ର ଚିନ୍ତାରେ ରହିଛନ୍ତି। ବ୍ଲକ୍‌ରେ ଥିବା ୨ ବିଦ୍ୟାଳୟ ମଧ୍ୟରୁ ବ୍ଲକ୍ ସଦର ମହକୁମାରେ ଥିବା ବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଗାୟତ୍ରୀ ମଲ୍ଲିକ ଓ କନ୍‌ଟ୍ରାକ୍ଟୁଆଲ୍ ୨ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ହୋମୱାର୍କ ଦେଇ ଅପେକ୍ଷା କରି ରହୁଛନ୍ତି। ୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ୟତୀତ ବିଦ୍ୟାଳୟରେ ଅନ୍ୟ କେହି ଶିକ୍ଷକ ନାହାଁନ୍ତି। କୋଟିଆ ପଞ୍ଚାୟତରେ ଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟର ମଧ ଅନୁରୂପ ସ୍ଥିତି। ନଭେମ୍ବର ୨୪ରୁ ସମସ୍ତ ଶିକ୍ଷକ ଦାବିପୂରଣ ନେଇ କଳା ବ୍ୟାଚ୍ ପରିଧାନ କରି ପାଠ ପଢ଼ାଉଥିଲେ। ତେବେ ଶିକ୍ଷକଙ୍କ ଏହି ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା ଜାରି ରହିଲେ ଆଗକୁ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ରହିଛି।


କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ସୋମବାର ୭ ଗାଁର ଗ୍ରାମବାସୀ ଓଡ଼ିଶା ଯୋଜନା ଗ୍ରହଣ ନ କରିବା ନେଇ ଏକତ୍ର ହୋଇ ବୈଠକ କରିଛନ୍ତି। (ଫଟୋ-ଶରତ କୁମାର ଧଳ)

# ଶୁଣାଣିରେ ରାସ୍ତା, ପାଣି, ଶିକ୍ଷା ଭିତ୍ତିଭୂମି ମୁଖ୍ୟ ସମସ୍ୟା

ନନ୍ଦପୁର/ପାଡୁଆ, ୮।୧୨ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଖିନବର ପଞ୍ଚାୟତରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତବାସୀ ଅଧିକାରୀଙ୍କୁ ଆରଡି ରାସ୍ତାରୁ ପୁଲିକୋଣ୍ଡାକୁ ରାସ୍ତା ନିର୍ମାଣ, ତୋଟାଗୁଡା ଗାଁ, ପଣୁଆ ବଡଦେବତାକୁ ରାସ୍ତା ଓ କଲଭର୍ଟ ନିର୍ମାଣ, କରଞ୍ଜିଗୁଡ଼ାଠାରୁ ବନ୍ଧଗୁଡ଼ା ଘାଟ କଟିଂ ରାସ୍ତା, ଡକରିପଦରରୁ ଜୁଲିପାର ଘାଟ କଟିଂ ରାସ୍ତା ନିର୍ମାଣ କରିବାକୁ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ତୋଟାଗୁଡା ବିଦ୍ୟାଳୟ ଓ ନୂଆଗାଁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କୋନା, ଘାଟିଗୁଡା ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ତୋଟାଗୁଡ଼ା ନୂଆ ସାହି ଓ କୋନାରେ ନୂତନ ନଳକୂପ ଖନନ, ଘାଟିଗୁଡା ଗ୍ରାମର ଶିଶୁ ମହିଳା ଅଙ୍ଗନୱାଡି ସେବା ପାଇଁ ୪ କି.ମି. ଦୂର ଯିବାକୁ ପଡୁଥିବାରୁ ଘାଟିଗୁଡ଼ାରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ସ୍ଥାପନ କରିବା ଆଦି ୧୩ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଶିବିରରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ସିଡିପିଓ ମିନତି ବାଳା ପଟ୍ଟନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସହକାରୀ ଶିକ୍ଷାଧିକାରୀ ଗୁରୁନାଥ ମାଝୀ, ସରପଞ୍ଚ ଘେନୁ ଖିଲ ସମିତିସଭ୍ୟ ଘାସି ପାଙ୍ଗୀ ପ୍ରମୁଖଙ୍କ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ପଞ୍ଜୀକୃତ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

# ରାସ୍ତା ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଫୁଲବେଡ଼ା ପଞ୍ଚାୟତବାସୀ

ଦଶମନ୍ତପୁର, ୮।୧୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ପାଇକ ଫୁଲବେଡା ପଞ୍ଚାୟତ ଅଧୀନ ୨୪ ଖଣ୍ଡ ଗାଁର ଉନ୍ନତି ପାଇଁ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟାରେ ଥିବା ଏହି ପଞ୍ଚାୟତକୁ ନେଇ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ପାଞ୍ଚୟତବାସୀ ଏକତ୍ର ହୋଇ ଗାଁ ସମସ୍ୟା ଓ ଭାରତମାଳା ରାସ୍ତାକୁ ସଂଯୋଗ କରିବା ନେଇ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ମାଧ୍ୟମରେ ପଞ୍ଚାୟତର ଜଗବନ୍ଧୁ ବାଘ, ରତନ କନ୍ଧପାନ, ଗଙ୍ଗା ଖସଲା, ସୁବାଷ ସାଗର, ଦୀନବନ୍ଧୁ ବାଘ ଓ ରମେଶ ଖରା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନଦିଗାଁ, ଏ.ମାଲକାନଗିରି ଓ ଫୁଲାବେଡା ପଞ୍ଚାୟତରେ ଭାରତମାଳା ରାସ୍ତା ସହ ଯୋଡି ହେଲେ ପଞ୍ଚାୟତବାସୀଙ୍କୁ ବିଶାଖାପାଟଣା ଓ ଛତିଶଗଡ଼କୁ ଯୋଗାଯୋଗ ସମ୍ଭବ ହେବା ସହ ବ୍ଲକ ଉନ୍ନତି ହୋଇପାରିବ ବୋଲି ମୌଖିକ ଭାବେ ମୁଖ୍ୟମନ୍ତ୍ରୀଙ୍କୁ କୁହାଯାଇଛି।


ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସିଥିବା କୋରାପୁଟ ବିଧାୟକ ରଘୁରାମ ମାଛ ଓ ଫୁଲବେଡ଼ା ପଞ୍ଚାୟତବାସୀ।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

OIPR-01580/11/0001/2526
Sd./- Collector & D.M.-cum-Chairman, RMC, Kendrapara

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ପ୍ରାଞ୍ଜଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୨ ଦେଶରୁ ଭାଗନେବେ ୫୭୮ ଖେଳାଳି

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ଦେଶରୁ ୫୭୮ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ମୋଟ ୧୩ ଖେଳାଳି ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଭାରତ ବ୍ୟତୀତ ମାଲେସିଆ, ଇଣ୍ଡୋନେସିଆ, ଚାଇନିଜ୍ ତାଇପେ, ଶ୍ରୀଲଙ୍କା, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ଜାପାନ, ହଂକଂ, ଇଜିପ୍ଟ, ଫିନ୍‌ଲାଣ୍ଡ, ସ୍ପେନ୍, ଇସ୍ରାଏଲ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ବୁଲଗେରିଆ, ଉଗାଣ୍ଡା, ଭେନେଜୁଏଲା, ସୌଦୀ ଆରବ, ରୁଷିଆ ଓ ୟୁକ୍ରେନରୁ ଖେଳାଳି ଭାଗନେବେ।

ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଆୟୁଷ ଦାଶ ଓ ଆର୍ଯ୍ୟ ମାଝି ପୁରୁଷ ସିଙ୍ଗଲ୍ସ, ହର୍ଷିତା ରାଉତ ଓ ତନଭି ପତ୍ରି ମହିଳା ସିଙ୍ଗଲ୍ସ, ଅବିନାଶ ମହାନ୍ତି, ଆୟୁଷ ପଟ୍ଟନାୟକ,

### ଆଜିଠୁ ଓଡ଼ିଶା ମାଷ୍ଟର୍ସ ସୁପର୧୦୦ ବ୍ୟାଡ୍‌ମିଣ୍ଟନ

କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରଣା, ମହିଳା ଡବଲ୍ସରେ ଋତପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ, ପୂର୍ବା ପ୍ରତ୍ୟାଶା ପଣ୍ଡା ଓ ବିଶାଖା ଟପ୍ପୋ ଏବଂ ମିକ୍ସଡ ଡବଲ୍ସରେ ଆୟୁଷ ଦାଶ, ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ ଓ ତନ୍ମୟ କୁମାର ରାଉତ ଅଂଶଗ୍ରହଣ କରିବେ। ବିଶ୍ୱର ଟପ୍ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଭାରତର ଏଚ୍.ଏସ. ପ୍ରଣୟ (ବିଶ୍ୱ ର୍ୟାଙ୍କ୍-୩୪), ଥରୁନ ମାନ୍ନେପଲ୍ଲୀ (୪୧), ଫିନ୍‌ଲାଣ୍ଡର ଜୋଆକିମ ଓଲ୍ଡର୍ଫ (୪୩), ମହିଳା ଡବଲ୍ସରେ ବୁଲଗେରିଆର ଗାବ୍ରିଏଲା ସ୍ତୋଏଭା-ଷ୍ଟିଫାନି ସ୍ତୋଏଭା (୧୩), ମିକ୍ସଡ ଡବଲ୍ସରେ ରୋହନ କପୁର-ରୁଥଭିକା ଶିବାନୀ (୩୩), ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡା (୨୮) ଏବଂ ମହିଳା ଡବଲ୍ସରେ ଭାରତର ତ୍ରିଶା ଜୋଲି-ଗାୟତ୍ରୀ ଗୋପିଚାନ୍ଦ (୧୪) ଅନ୍ୟତମ। ଥରୁନ ମାନ୍ନେପଲ୍ଲୀ ୨୦୨୪ ଓଡ଼ିଶା ମାଷ୍ଟର୍ସରେ ରନରଅପ୍ ହୋଇଥିଲେ। ସେହିପରି ବିଶ୍ୱର ନାମୀ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ମହିଳା ଡବଲ୍ସରେ ବିଶ୍ୱର ଟପ୍-୨୦ରେ ଥିବା ବୁଲଗେରିଆର ସ୍ତୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆପ୍ରିୟାନି ରାହାୟୁ-ସିତି ଫଦିଆ, ପୂର୍ବତନ ବିଶ୍ୱ ଜୁନିୟର ନଂ୧ ଥାଇଲାଣ୍ଡର ଲାଲିନରାତ ଚାଇୱାନ, ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନଂ୧ ଇଣ୍ଡୋନେସିଆର ମହମ୍ମଦ ରିଆନ ଆର୍ଡିଆଣ୍ଟୋ ପ୍ରମୁଖ ଆକ୍ସନରେ ଦେଖିବାକୁ ମିଳିବେ।

# ମହିଳାଙ୍କୁ ୪ବର୍ଷ ଜେଲ

### ଫୁଟ୍‌ବଲ ଖେଳାଳିଙ୍କୁ ବ୍ଲାକ୍‌ମେଲ

**ସିଓଲ, ୮।୧୨ (ଏପି)**

ଫୁଟବଲ ଷ୍ଟାର ସନ୍ ହିଅଙ୍ଗ ମିନ୍‌ଙ୍କୁ ବ୍ଲାକ୍‌ମେଲ କରିଥିବା ଅଭିଯୋଗରେ ଦକ୍ଷିଣ କୋରିଆର ଏକ କୋର୍ଟ ଜଣେ ମହିଳାଙ୍କୁ ୪ବର୍ଷ ଜେଲ ଦଣ୍ଡ କରିଛି। ମହିଳା ଜଣଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ନାମ ୟାଙ୍ଗ୍ ବୋଲି ଜଣାପଡ଼ିଛି। ସେ ୟଙ୍ଗ ନାମକ ଜଣେ ପୁରୁଷ ବ୍ୟକ୍ତିଙ୍କ ସହ ମିଶି ଏକ ଷଡ଼ଯନ୍ତ୍ର କରିଥିଲେ। ୟାଙ୍ଗ ୨୦୨୪ରେ ସେ ସନ୍‌ଙ୍କ ନିକଟକୁ ଏକ ଶିଶୁର ଏକ ଅଲଟ୍ରା ସାଉଣ୍ଡ ଫଟୋ ପଠାଇ ଚୁପ୍ ରହିବା ଲାଗି ତାଙ୍କଠାରୁ ୩୦୦ ନିୟୁତ ଓନ୍ (୨୦୪,୦୦୦ ଡଲାର) ଟଙ୍କା ଦାବି କରିଥିଲେ। ସୋମବାର ସିଓଲ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ କୋର୍ଟ କହିଛନ୍ତି, ୟାଙ୍ଗ୍ ସନ୍‌ଙ୍କୁ ମିଛ କହିଛନ୍ତି। ତାଙ୍କ ପେଟରେ କାହାର ସନ୍ତାନ ଥିଲା ତାହାର ପ୍ରାମାଣିକ ତଥ୍ୟ ସେ ଦେଇପାରି ନ ଥିଲେ। କୋର୍ଟ କହିଛନ୍ତି ୟାଙ୍ଗ୍ ବ୍ଲାକ୍‌ମେଲ କରି ଅର୍ଥ ଆଦାୟ ଉଦ୍ୟମକୁ ଅସ୍ୱୀକାର କରିଛନ୍ତି। ସ୍ୱୀକାର କରିଥିବା ୟଙ୍ଗଙ୍କୁ ୨ ବର୍ଷ ଜେଲ ଦଣ୍ଡ ହୋଇଛି। ୩୩ ବର୍ଷୀୟ ସନ୍‌ଙ୍କୁ ଏସିଆର ଅନ୍ୟତମ ମହାନ୍ ଖେଳାଳି ବିବେଚନା କରାଯାଇଥାଏ। ପ୍ରିମିୟର ଲିଗ୍‌ରେ ଟୋଟେନହାମ୍ ହଟ୍ସପୁର ଦଳ ପାଇଁ ଏକ ଦଶନ୍ଧି ଧରି ଖେଳିବା ପରେ ଦକ୍ଷିଣ କୋରିଆର ଏହି ଫୁଟ୍‌ବଲ ଷ୍ଟାର ଗତ ଅଗଷ୍ଟରେ ଏଲ୍‌ଏଏଫ୍‌ସିରେ ଯୋଗ ଦେଇଛନ୍ତି। ଦକ୍ଷିଣ କୋରିଆ ନ୍ୟୁଜ ଏଜେନ୍ସି ୟନହାପ୍ ଗତ ମେ' ମାସରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଗତ ବର୍ଷ ଜୁନ୍‌ରେ ସନ୍‌ଙ୍କୁ ବ୍ଲାକମେଲ କରିଥିବା ଅଭିଯୋଗରେ ଜଣେ ୨୦ ବର୍ଷୀୟା ମହିଳା ଓ ଜଣେ ୪୦ ବର୍ଷୀୟ ପୁରୁଷ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭୁବନେଶ୍ୱର ଫୁଟବଲ ଲିଗ୍ ଚାମ୍ପିୟନ କିଶୋର କ୍ଲବ ଦଳ।

# ଭାରତୀୟ ଦଳକୁ ଜରିମାନା

**ଦୁବାଇ, ୮।୧୨ (ପି.ଟି.)**

ରାୟପୁରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର-ରେଟ୍ ପାଇଁ ଭାରତକୁ ସୋମବାର ସେମାନଙ୍କ ମ୍ୟାଚ୍ ଫି'ର ୧୦ପ୍ରତିଶତ ଜରିମାନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଭାରତ ଏହି ମ୍ୟାଚରେ ପରାଜିତ ହେବାଦ୍ୱାରା ଦକ୍ଷିଣ ଆଫ୍ରିକା ସିରିଜ ୧-୧ ସ୍ତରକୁ ନେଇ ଆସିବାରେ ସମର୍ଥ ହୋଇଥିଲା। କେ.ଏଲ୍. ରାହୁଲଙ୍କ ଦଳ ଅନୁମତି ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରିଚି ରିଚାର୍ଡସନ ଏହି ଦଣ୍ଡବିଧାନ କରିଛନ୍ତି। ରାହୁଲ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅନ୍‌ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ରୋହନ ପଣ୍ଡିତ, ତୃତୀୟ ଅମ୍ପାୟର ସାମ୍ ନଗ୍‌ଜାସ୍କି ଏବଂ ୪ର୍ଥ ଅମ୍ପାୟର ଓ ଜୟରମଣ ମଦନଗୋପାଳଙ୍କ ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା।

# ଓଡ଼ିଶା ଏଚ୍‌ପିସି ଚାମ୍ପିୟନ





ଚାମ୍ପିୟନ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଦଳ।

### ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସୋମବାର ଦେଶବ୍ୟାପୀ ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଭୁବନେଶ୍ୱର ସିଟି ଲିଗ୍-୨୦୨୫ରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିୟନ ହୋଇଛି। କିଟ୍ ଓ କିସ୍ ରନରଅପ୍ ଏବଂ କଟକ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ, ଉପ ସଚିବ ସୌମ୍ୟ ସାର୍ଥକ ମିଶ୍ର ଓ ଓଡ଼ିଶା ହକି ସାଧାରଣ ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଭୁବନେଶ୍ୱର ଫୁଟବଲ ଲିଗ୍ ;କିଶୋର କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗତିକୃଷ୍ଣ ସ୍ମାରକୀ ଭୁବନେଶ୍ୱର ଫୁଟବଲ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ଆର୍ଡୋର କ୍ଲବକୁ ୩-୦ ଗୋଲରେ ହରାଇ କିଶୋର କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଆଶିଷ ବେହେରା, ରାଜେଶ ନାୟକ ଓ ବାହୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଶିଷ ବେହେରାଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରିଥିଲେ ଗତିକୃଷ୍ଣଙ୍କ ପୁଅ ଶିବ ପ୍ରସାଦ ପଣ୍ଡା। ଗତିକୃଷ୍ଣଙ୍କ ଅନ୍ୟତମ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା, ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରମୁଖ ରେଫରିମାନଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କିଶୋର କ୍ଲବକୁ ଏବଂ ସମ୍ମାନିତ ଅତିଥି ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଆର୍ଡୋର କ୍ଲବକୁ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି: ୱେଲ୍ସକୁ ହରାଇଲା ଭାରତ

**ସାଣ୍ଟିଆଗୋ (ଚିଲି), ୮।୧୨ (ପି.ଟି.)**

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି। ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ଶ୍ରେଷ୍ଠ ବାହାରେ ୯ମ ସ୍ଥାନ ଅଧିକାର କରିଛି।

# 'ସାଇ'ରେ ୧୧୯୧ ପଦବୀ ଖାଲି

**ନୂଆଦିଲ୍ଲୀ, ୮।୧୨ (ପି.ଟି.)**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ୧,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଲୋକ ସଭାରେ କେରଳର ଆଟିଙ୍ଗଲ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ୍ ଏମ୍‌ପିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏ ବିଷୟରେ ସୂଚନା ଦେଇଛନ୍ତି। ସାଇରେ ଉଭୟ ପାଣ୍ଠି ଓ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଥିବାରୁ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିବା ପରେ ଏ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ମାଣ୍ଡବ୍ୟ କହିଥିଲେ, ସରକାର ଏହି ପ୍ରସଙ୍ଗକୁ ନେଇ ପର୍ଯ୍ୟବେକ୍ଷଣ କରୁଛନ୍ତି। ସାଇରେ ମୋଟ ୧,୧୯୧ ପଦବୀ ଖାଲିପଡ଼ିଛି। କେତେକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଷ୍ଟାଣ୍ଡିଂ କମିଟି ଅଗଷ୍ଟରେ କ୍ରୀଡ଼ା ଉପରେ ଏହାର ରିପୋର୍ଟ ପ୍ରଦାନ କରିଥିଲା। କମିଟି ଜାଣିବାକୁ ପାଇଥିଲା ଯେ ବର୍ତ୍ତମାନ ସାଇରେ ମଞ୍ଜୁରିପ୍ରାପ୍ତ ୪୫ ପ୍ରତିଶତ ପଦବୀ ଖାଲିପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ କାମଚଳାଇବା ପାଇଁ ଅସ୍ଥାୟୀ ଭାବେ ଚୁକ୍ତିଭିତ୍ତିରେ କେତେକ ନିଯୁକ୍ତି ଦିଆଯାଇଥିବା କଥା ମଧ୍ୟ କମିଟି ପ୍ରକାଶ କରିଛି। ଏହି କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କ ମଧ୍ୟରେ କ୍ରିକେଟର ତଥା ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ହରଭଜନ ସିଂ ଏବଂ ଭାଜପାର ଦୁଇ ଏମ୍‌ପି ସମ୍ବିତ ପାତ୍ର ଓ ବାଂସୁରୀ ସ୍ୱରାଜ ହେଉଛନ୍ତି ଅନ୍ୟତମ।


# Classified Everyday

0674-2580101, 9692975378



**REAL ESTATE SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735





All types of physiotherapy with massage, Contact number 9556924059/ 7656969134. D-2766

The massage felt totally professional! & comfortable at all times-7978109255. D-221

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dated 03.12.2025, I, TIKI NAYAK, Address: At- Fakirpur, P.O.- Sahapur, P.S.- Pirahat, Bhadrak, Odisha, 756131 declare that I have changed the name of my daughter from Lila Nayak to Siprarani Nayak. Henceforth, she shall be known as Siprarani Nayak for all purposes.

Tiki Nayak
D-2780

By virtue of an Affidavit sworn before the Executive Magistrate, Bhubaneswar, dtd. 08.12.2025, I, SUSHREE SANGITA PATRA, W/o.- Satyajit Patra, permanent resident of At- Naharkanta, P.O.- Naharkanta, P.S.- Pahal, Dist.- Khordha, Odisha, PIN- 752101, declare that my name has been changed from SUSHREE SANGITA ROUTRAY to SUSHREE SANGITA PATRA. I shall be known as SUSHREE SANGITA PATRA for all future purposes.

Sushree Sangita Patra
D-2783

I, Debashree Debadarshini, daughter of Binod Chandra Pradhan, resident of B105, Centre Point, Sailashree Vihar, Phase 7, Chandrasekharpur, Bhubaneswar, Odisha, 751021 do hereby declare that in my official documents my husband's name has been wrongly mentioned as Chandrakant Sahoo, instead of his correct name Chandrakanta Sahoo. D-2781

By virtue of an affidavit sworn before the Executive Magistrate, Titilagarh, dated 17.11.2025, I, Kishor Chandra Dash, address: At- Sargiguda, P.O./P.S.- Titilagarh, Dist.- Bolangir, Odisha, PIN- 767033 declare that I have changed my Son's name from Arya Kumar Dash to Arya Kumar Gyanendra Dash. Henceforth, he shall be known as Arya Kumar Gyanendra Dash for all propose.

Kishor Chandra Dash
D-2784

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kotagarh, dtd. 6.12.2025, I, Shankar Baliarsingh, Village- Srirampur, Post- Srirampur, P.S.- Kotagarh, Dist.- Kandhamal declare that now I have changed my minor son's name from Alibha Kumar Baliarsingh to Abhijit Baliarsingh. Hence forth my minor son will be known as Abhijit Baliarsingh for all purposes. D-2782

DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କେଦାରନାଥ ସ୍ୱାଇଁ**
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫

ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।

D-2785

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶରତ କୁମାର ଦାଶ (ଟୁକୁ)**
ପୂଜାରୀପୁଟ, କୋରାପୁଟ
ଆବିର୍ଭାବ ୦୯.୦୮.୧୯୫୨
ତିରୋଧାନ ୨୮.୧୧.୨୦୨୫
(ମାର୍ଗଶୀର ଶୁକ୍ଳପକ୍ଷ ଅଷ୍ଟମୀ)

ବାବା ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସ୍ୱାଭିମାନ ଆମମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ। ଆମମାନଙ୍କ ପ୍ରତି ଆପଣଙ୍କର ଆଶୀର୍ବାଦ ସର୍ବଦା ରହିଥାଉ।

ଶୋକସନ୍ତପ୍ତ - ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ

D-2786


## LEGAL NOTICE

ଅର୍ଡର ୫ ରୁଲ୍ ୨୦(ଏ) ମତେ ନୋଟିସ୍
ପୁରୀ ମୁକାମ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପୁରୀ
ସି.ଏସ୍. ନଂ୧୬୧/୨୦୧୮ ମସ

ବିଜୟ କୁମାର ତ୍ରିପାଠୀ , ବ୫୦ର୍ଷ, ପିତା- ୰ ରାମ ଚନ୍ଦ୍ର ତ୍ରିପାଠୀ, ସାକିନ: ବନମାଳୀପୁର, ସାମିଲ ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

..........ବାଦୀ

ବନାମ

୧. ମନିନ୍ଦ୍ର ପାଥିଶର୍ମା, ବ୭୦ର୍ଷ, ପିତା- ୰ ମଧୁସୂଦନ ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ। (ମୃତ)

୨. ମାନସୀ ପାଥିଶର୍ମା, ବ୪୪ର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

୩. ଜ୍ୟୋତିର୍ମୟୀ ପାଥିଶର୍ମା, ବ୩୮ର୍ଷ, ସ୍ୱାମୀ- ଦିଲ୍ଲିପ କୁମାର ରଥ, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ/ପୋଷ୍ଟ- ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଜିଲ୍ଲା- କେନ୍ଦ୍ରାପଡା।

୪. ମୀନାକ୍ଷୀ ପାଥିଶର୍ମା, ବ୩୬ର୍ଷ, ମାର୍ଫତ- ଚନ୍ଦ୍ରଶେଖର ପାଟ୍ଟଯୋଶୀ, ସାକିନ/ପୋଷ୍ଟ- କୁମ୍ଭାରପଡା, କୁଶା ସାହି, ଥାନା- କୁମ୍ଭାରପଡା, ଜିଲ୍ଲା- ପୁରୀ।

୫. ଚିନ୍ମୟୀ ପାଥିଶର୍ମା, ବ୩୦ର୍ଷ, ସ୍ୱାମୀ- ସମ୍ବିତ୍ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ମାର୍ଫତ- ସୀତାକାନ୍ତ ମହାପାତ୍ର, ସାକିନ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

...........ପ୍ରତିବାଦୀମାନେ।

ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନଂ୨ ଓ ୩ମସର ଥାଇ ତୁମ୍ଭକୁ ତୁମ୍ଭର ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ୍ୟ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଅଛି ଯେ ତା.୦୫.୦୧.୨୦୨୬ରିଖ ଦିବା ୧୦.୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ସମ୍ପତ୍ତିର ବିବରଣୀ

ଜିଲ୍ଲା- ପୁରୀ, ମୌଜା- ଜଗନ୍ନାଥବଲ୍ଲଭ, ଖାତା ନଂ୧୬୮ମସର, ପ୍ଲଟ ନଂ୧୦୪୩ମସର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୨୫ଟ×(ଉତ୍ତର-ଦକ୍ଷିଣ)= ଫୁ୬ଟ

ଖାତା ନଂ୩୦୨ମସର, ପ୍ଲଟ ନଂ୧୦୪୨ମସର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୩୩ଟ × (ଉତ୍ତର-ଦକ୍ଷିଣ) ପ୍ରସ୍ଥ ଦକ୍ଷିଣ ତରଫ ଫୁ୬ଟ ଓ ଉତ୍ତର ତରଫ ପ୍ରସ୍ଥ ଫୁ୫ଟ।

ସ୍ୱା-ସିଭିଲ୍ ଜଜ୍, କନିଷ୍ଠ ବିଭାଗ, ପୁରୀ
D-2787

# ଦୁରାରୋଗ୍ୟ ନୁହେଁ ଏଣ୍ଡୋମେଟ୍ରିଓସିସ୍

**ଏଣ୍ଡୋମେଟ୍ରିଓସିସ୍ ମହିଳାଙ୍କଠାରେ ଦେଖାଦେଉଥିବା ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ପ୍ରାରମ୍ଭିକ ପର୍ଯ୍ୟାୟରେ ସହଜରେ ଚିହ୍ନଟ ହୋଇପାରି ନ ଥାଏ। ତେଣୁ ଅନେକେ ଏହାକୁ ସାଧାରଣ ଯନ୍ତ୍ରଣା ମନେକରି ଅବହେଳା କରିବସନ୍ତି, ଯାହାକି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ରୂପ ବି ନେଇପାରେ। ହେଲେ ପରିସ୍ଥିତି ଅସହ୍ୟ ହେବା ଯାଏ ଅପେକ୍ଷା ନ କରି ଏହାର କୌଣସି ଲକ୍ଷଣ ଦେଖାଦେବାମାତ୍ରେ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଜଣେ ମହିଳା ସୁସ୍ଥ ରହିପାରିବେ ସେଥିରେ ସନ୍ଦେହ ନାହିଁ...**



ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରାୟ ୨.୫ରୁ ୪.୩ କୋଟି ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ତେବେ ଅତ୍ୟନ୍ତ ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ଅନେକେ ଯଥା ସମୟରେ ଚିକିତ୍ସା କରାଇ ନ ପାରିବାରୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ଏଣ୍ଡୋମେଟ୍ରିଓସିସ୍ କ'ଣ:** ଗର୍ଭାଶୟର ଭିତର ପରସ୍ତ ବା ଏଣ୍ଡୋମେଟ୍ରିଅମ୍‌ର କିଛି ଟିସୁ ଯଦି ଗର୍ଭାଶୟର ବାହାରେ, ଫ୍ୟାଲୋପିଆନ୍ ଟ୍ୟୁବ୍, ଓଭାରି କିମ୍ବା ଖାଦ୍ୟନଳୀରେ ବଢ଼ିଯାଏ ତେବେ ଏହାକୁ ଏଣ୍ଡୋମେଟ୍ରିଓସିସ୍ କୁହାଯାଏ। ହର୍‌ମୋନାଲ ପରିବର୍ତ୍ତନ ବା ଅଧିକ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଦ୍ୱାରା ଏହା ଧୀରେ ଧୀରେ ବୃଦ୍ଧିପାଇଥାଏ। ଏହାଦ୍ୱାରା ପାଖରେ ଥିବା ଅନ୍ୟ ଟିସୁଗୁଡ଼ିକରେ ଫୁଲିବା, ଜଳିବା, ଘା' ବା ସ୍କାର୍ ଟିସୁ ହେବା ସହ ଏଥିଯୋଗୁ ବିଭିନ୍ନ ଅର୍ଗାନ୍ ଯୋଡ଼ିହୋଇଯିବା ଭଳି ସମସ୍ୟା ଉପୁଜିଥାଏ। ତେବେ ଏହା କ୍ଷଣସ୍ଥାୟୀ ସମସ୍ୟା ନୁହେଁ ଯାହା ଆରମ୍ଭ ହେବା ମାତ୍ରେ ଜଣାପଡ଼ିଯାଏ ଏବଂ ତୁରନ୍ତ ଔଷଧ ସେବନ ଦ୍ୱାରା କମ୍ ହୋଇଯାଇଥାଏ। ଏହା ଏକ କ୍ରନିକ୍ ବା ଅଧିକ ଦିନ ଧରି ଲାଗି ରହୁଥିବା ସମସ୍ୟା ଯାହା ଜଣାପଡ଼ିବା ଲାଗି ପ୍ରାୟ ୬-୭ ବର୍ଷ ସମୟ ଲାଗିଥାଏ।



**ଲକ୍ଷଣ:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ମୁଖ୍ୟତଃ କେତେକ ଲକ୍ଷଣରୁ ଜଣାପଡ଼ିଥାଏ। ଯାହା ମଧ୍ୟରୁ ମାସିକ ଋତୁସ୍ରାବ ବା ପିରିୟଡ୍ ସମୟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ ହେବା, ପେଲ୍‌ଭିକ୍ ପେନ୍, ଅଧିକ ରକ୍ତସ୍ରାବ ହେବା ଆଦି ସବୁଠୁ ପ୍ରମୁଖ କାରଣ, ଯାହାକୁ ସାଧାରଣ ଯନ୍ତ୍ରଣା ଭାବି ଅବହେଳାକରି ବସନ୍ତି। ହେଲେ ବୟସ ବଢ଼ିବା ସହ ଧୀରେ ଧୀରେ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ବ୍ୟତୀତ ଅନେକଙ୍କଠାରେ କନ୍‌ଷ୍ଟିପେଶନ ବା ମଳତ୍ୟାଗ ସମୟରେ କଷ୍ଟହେବା, ପରିସ୍ରା କରିବା ବେଳେ ଯନ୍ତ୍ରଣା ଅନୁଭବ କରିବା, ପେଟ ଫୁଲିବା ବା ବ୍ଲୋଟିଂ ହେବା ଭଳି ସମସ୍ୟା ଦେଖାଯାଏ। ବିବାହିତ ମହିଳାଙ୍କଠାରେ ସହବାସ ସମୟରେ ମଧ୍ୟ ଅତ୍ୟନ୍ତ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏଥିପାଇଁ କେତେଜଣ ମହିଳାଙ୍କ ଠାରେ ଗର୍ଭଧାରଣ କରିବାରେ ବି ଜଟିଳତା ବା ଇନ୍‌ଫର୍ଟିଲିଟି ସମସ୍ୟା ଦେଖାଦେଇଥାଏ। ଯେଉଁ ଯୁବତୀ ବା ମହିଳାଙ୍କ ପରିବାରରେ ପୂର୍ବରୁ ମା' କିମ୍ବା ଭଉଣୀଙ୍କଠାରେ ଏହି ରୋଗ ପୂର୍ବରୁ ଥାଏ ତେବେ ସେମାନଙ୍କ କ୍ଷେତ୍ରରେ ଏହା ହେବା ଆଶଙ୍କା ଅଧିକ।



**ଚିକିତ୍ସା:**
– ଯଦିଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇ ନ ଥାଏ, ହେଲେ ଚିକିତ୍ସା, ସର୍ଜରି ଓ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ବହୁମାତ୍ରାରେ ସମସ୍ୟା କମ୍ କରାଯାଇପାରେ। ଏହାର ଚିକିତ୍ସା ଲାଗି ମୁଖ୍ୟତଃ ପେନ୍ କିଲର ବା ଓଭର ଦ କାଉଣ୍ଟର ମେଡିସିନ ଦିଆଯାଇ ରୋଗୀର କଷ୍ଟ କମ୍ କରାଯାଇଥାଏ।
– ବିଭିନ୍ନ ହର୍‌ମୋନ୍ ଥେରାପି, ଇଞ୍ଜେକ୍ସନ୍ ଆଦି ଦିଆଯାଇ ରୋଗୀର ଇଷ୍ଟ୍ରୋଜେନ୍ ହର୍‌ମୋନ ସ୍ତରକୁ ନିୟନ୍ତ୍ରଣରେ ରଖାଯାଇଥାଏ, ଫଳରେ ଏଣ୍ଡୋମେଟ୍ରିଓସିସ୍‌ର ଆକାର ବୃଦ୍ଧି ପାଇ ନ ଥାଏ ଏବଂ କଷ୍ଟ କମ୍ ହୋଇଥାଏ।

**କେବେ ଆବଶ୍ୟକ ସର୍ଜରି:** ଏହି ରୋଗରେ ସମସ୍ତଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇ ନ ଥାଏ। ଆରମ୍ଭରୁ ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ଆରୋଗ୍ୟ ହେବା ସମ୍ଭାବନା ଅଧିକ ଥାଏ। ହେଲେ ଯଦି ସମସ୍ୟା ଅଧିକ ଜଟିଳ ହୋଇଯାଇଥାଏ ଏବଂ ଔଷଧ ସେବନ କିମ୍ବା ଅନ୍ୟ ଚିକିତ୍ସା ଉପାୟରେ ରୋଗ ଠିକ୍ ହୋଇ ନ ପାରେ, ତେବେ ସେହି ମହିଳାଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇଥାଏ। ଲାପାରୋସ୍କୋପି ସର୍ଜରି ଦ୍ୱାରା ଏଣ୍ଡୋମେଟ୍ରିଓସିସ୍ ଟିସୁକୁ କାଢ଼ି ଦିଆଯାଇଥାଏ।

**ଫର୍ଟିଲିଟି ଚିକିତ୍ସା:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟାରେ ପୀଡ଼ିତ କେତେଜଣ ମହିଳାଙ୍କ ଠାରେ ପ୍ରଜନନ କ୍ଷମତା ବାଧାପ୍ରାପ୍ତ ହୋଇଥାଏ ଏବଂ ଗର୍ଭଧାରଣ କରିବାରେ ବି ଜଟିଳତା ଦେଖାଦେଇଥାଏ। ଏମିତିକି କେତେକଙ୍କ କ୍ଷେତ୍ରରେ ଏହା ଇନ୍‌ଫର୍ଟିଲିଟି ବା ବନ୍ଧ୍ୟାଦୋଷର କାରଣ ସାଜିଥାଏ। ଏହାର ଚିକିତ୍ସା ପାଇଁ ଆଇଭିଏଫ୍ (ଇନ୍‌ଭିଟ୍ରୋଫର୍ଟିଲାଇଜେଶନ) ଚିକିତ୍ସା ଅନେକଙ୍କ ପାଇଁ ଏକ ବରଦାନ ସଦୃଶ କାମ କରିଥାଏ।

ଏଣ୍ଡୋମେଟ୍ରିଓସିସ୍‌ର କୌଣସି ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ କିମ୍ବା ଏଣ୍ଡୋମେଟ୍ରିଓସିସ୍ ରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଅଲ୍‌ଟ୍ରାସାଉଣ୍ଡ କିମ୍ବା ଏମ୍‌ଆର୍‌ଆଇ ଦ୍ୱାରା ରୋଗ ଚିହ୍ନଟକରି ଚିକିତ୍ସା କରାଇନେବା ସହ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଯୋଗ, ବ୍ୟାୟାମ କରିବା ଦ୍ୱାରା ଏହି ରୋଗରୁ ଉପଶମ ପାଇପାରିବେ ଓ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇପାରିବେ।

*–**ଡା. ଭାରତ ଭୂଷଣ**, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ମଣିପାଲ ହସ୍ପିଟାଲ, ଭୁବନେଶ୍ୱର, ମୋ- ୮୨୮୦୧୧୭୮୮୯*



## ଖାଦ୍ୟରୁଚି
## ଟର୍ମରିକ୍ ଟି



**ଆବଶ୍ୟକ ସାମଗ୍ରୀ:** ୩ କପ୍ ପାଣି, ଅଧା ଚାମଚ ଅଦା ଛେଚା, ୧.୧୫ ଇଞ୍ଚ କଞ୍ଚା ହଳଦୀ, ଚିମୁଟାଏ ଲେଖାଏ ଡାଲଚିନି ଏବଂ ଗୋଲମରିଚ ,୮-୧୦ଟି ଗୋଲାପ ପାଖୁଡ଼ା, ୨-୩ ବୁନ୍ଦା ଲେମ୍ବୁରସ, ମହୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ଏକ ସସ୍‌ପ୍ୟାନ୍ ବସାଇ ୩ କପ୍ ପାଣି ଗରମ କରନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଛେଚା ଅଦା ଏବଂ ହଳଦୀ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ ଗୋଲାପ ପାଖୁଡ଼ା, ଡାଲଚିନି ଏବଂ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଚୁଲା ବନ୍ଦକରି ଚା'କୁ କପ୍‌ରେ ଛାଣିଦିଅନ୍ତୁ। ସେଥିରେ ଲେମ୍ବୁରସ ଏବଂ ସ୍ୱାଦାନୁସାରେ ମହୁ ପକାଇ ପିଅନ୍ତୁ। ଏହା ନା କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ବରଂ ଏହାକୁ ପିଇଲେ ଶରୀରର ଇମ୍ୟୁନିଟି ପାୱାର ମଧ୍ୟ ବଢ଼ିଥାଏ।

# ରାତ୍ରିଭୋଜନ ବିଳମ୍ବରେ କରୁଥିଲେ

**ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସହ ପରିବାର ସଦସ୍ୟ ଓ ପିଲାଙ୍କ ଖାଇବା ପରେ ଅଧିକାଂଶ ମହିଳା ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ନିଜ ଖାଦ୍ୟ ପ୍ରତି ଅବହେଳା କରିବସିବା ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ଦିଗରେ ସେମାନେ ଯତ୍ନଶୀଳ ନ ଥାନ୍ତି। ଯଦି ଆପଣଙ୍କର ବି ରାତ୍ରିଭୋଜନ ବିଳମ୍ବରେ କରିବାର ଅଭ୍ୟାସ ରହିଛି ତେବେ କେତୋଟି କଥା ନିହାତି ଜାଣିରଖନ୍ତୁ...**



**ମେଦବହୁଳତା:** ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମାହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ଦେଖାଦିଏ ପାଚନ ସମସ୍ୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇପଡ଼ନ୍ତି। ଫଳରେ ବଦହଜମି, ଏସିଡିଟି ହେବା ସହ ଛାତି ଜଳିବା, ଆମ୍ଳିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ପ୍ରତ୍ୟେକ ମହିଳା ରାତିରେ ବିଳମ୍ବ ନ କରି ପ୍ରତିଦିନ ଖାଇବାର ଏକ ଠିକ୍ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହାଦ୍ୱାରା ଖାଇବା ପରେ ଅଳ୍ପ ସମୟ ଚାଲବୁଲ କିମ୍ବା ଘରର କାମ କରିବା ପାଇଁ ସମୟ ମିଳିବ, ଯାହାକି ଖାଦ୍ୟ ଭଲ ଭାବେ ହଜମ ହେବାରେ ସାହାଯ୍ୟ କରିବ।

**ଦେଖାଦିଏ ନିଦ୍ରାହୀନତା:** ଅନେକ ମହିଳା ରାତିରେ ନିଦ ହେଉ ନ ଥିବା ନେଇ ଅଭିଯୋଗ କରିଥାଆନ୍ତି। ହେଲେ ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ବିଳମ୍ବିତ ରାତିରେ ଖାଇବା ଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହେବା ସହ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟାଠୁ ଦୂରେଇରହିବା ଲାଗି ପ୍ରତିଦିନ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।



## ସୌନ୍ଦର୍ଯ୍ୟ

# ସ୍କିନ୍ ଗ୍ଲୋ ବଢ଼ାଏ କିୱି

**ତ୍ୱଚାରେ ଦାଗ, ଟ୍ୟାନିଂ, ସ୍କିନ୍‌ଟୋନ୍ ଡଲ୍ ଲାଗିବା ଭଳି ସମସ୍ୟା ଦେଖାଦେଲେ ମହିଳାମାନଙ୍କ ଚିନ୍ତା ବଢ଼ିଯାଏ। ଏହା ଦୂରକରିବା ଲାଗି ଭିଟାମିନ୍ ସି, ଇ ଓ ଆଣ୍ଟିଅକ୍ସିଡାଣ୍ଟଯୁକ୍ତ କିୱି ବେଶ୍ ଉପକାରୀ। ଜାଣନ୍ତୁ କିପରି ଏହାକୁ ବ୍ୟବହାର କରି ନିଜ ସ୍କିନ୍‌କୁ ସ୍ପଟ୍‌ଲେସ୍ ଏବଂ ଗ୍ଲୋଇଂ କରିପାରିବେ...**



**ଦହି, କିୱି ପ୍ୟାକ୍:** କିୱିକୁ କାଟି ଏହାର ପଲ୍ପ ବାହାର କରନ୍ତୁ। ୨ଚାମଚ ଏହି ପଲ୍ପ ସହ ୨ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରଥମେ ମୁହଁକୁ ମାଇଲ୍ଡ ଫେସ୍‌ୱାସ୍ ଲଗାଇ ଧୋଇଦିଅନ୍ତୁ। ଧୀରେ ଧୀରେ ମୁହଁ ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। ମନେରଖନ୍ତୁ ତ୍ୱଚାକୁ ଆଦୌ ରଗଡ଼ନ୍ତୁ ନାହିଁ। ପ୍ୟାକ୍ ଛଡ଼ାଇବା ପରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଚମକ ବଢୁଥିବା ନିଜେ ଜାଣିପାରିବେ।

**କିୱି, ଅଣ୍ଡା ପ୍ୟାକ୍:** ଏକ ବଡ଼ ଚାମଚ କିୱି ପଲ୍ପ ନିଅନ୍ତୁ। ସେଥିରେ ୧ ଚାମଚ ଅଣ୍ଡାର ଧଳା ଅଂଶ, ଅଧା ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁକୁ ପାଣିରେ ଧୋଇ ଧୀରେ ଧୀରେ ପୋଛି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୫-୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ଧୀରେ ଧୀରେ ସ୍କିନ୍‌ଟୋନ୍ ବଢ଼ିବା ସହ ଗ୍ଲୋ ମଧ୍ୟ ଆସିବ।

**ଆଲ୍‌ମଣ୍ଡ-କିୱି ପ୍ୟାକ୍:** ୪-୫ଟି ଆଲମଣ୍ଡକୁ ୫-୬ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହା ଭିଜିଗଲା ପରେ ଚୋପା ଛଡ଼ାଇ ବାଟିଦିଅନ୍ତୁ। ସେଥିରେ ୧ ଚାମଚ ବେସନ, ୧ ଚାମଚ କିୱି ପଲ୍ପ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ ତ୍ୱଚାରୁ ସମସ୍ତ ଦାଗ ଚାଲିଯିବ ଏବଂ ତ୍ୱଚା ଅଧିକ ସୁନ୍ଦର ଓ ଗ୍ଲୋଇଂ ଦେଖାଯିବ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ Bhubaneswar, Tuesday, December 9/ 2025

# ବାରବାଟୀ ପ୍ରସ୍ତୁତ

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ପ୍ରସ୍ତୁତ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦। ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚର ସାକ୍ଷୀ ରହିବ ଏହି ଐତିହାସିକ ଷ୍ଟାଡିୟମ...**

## ପରୀକ୍ଷାର କିଛି ଦିନ ପୂର୍ବରୁ ପଢ଼ା ଆରମ୍ଭ କରାଯାଏ ନାହିଁ



ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।

କଟକ,୮।୧୨(ଅନାଦି କର)

ପରୀକ୍ଷାରେ ଭଲ କରିବା ପାଇଁ ଯେମିତି ବର୍ଷ ତମାମ ପଢ଼ାଯାଏ, ଆମେ ସେହିଭଳି ବର୍ଷ ସାରା ପ୍ରସ୍ତୁତି କରିଛୁ। ପରୀକ୍ଷା ପୂର୍ବରୁ ଯେମିତି ୪ ଦିନ ପଢ଼ିଲେ କିଛି ହେବ ନାହିଁ। ସେଭଳି ଆମେ ବିଶ୍ୱକପ୍ ଲାଗି ପ୍ରସ୍ତୁତ କରୁ ନାହୁଁ। ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ଆମେ ପ୍ରସ୍ତୁତି କରୁଛୁ। ସେବେଠାରୁ ଆମେ ନୂଆ ନୂଆ ଖେଳାଳିଙ୍କୁ ଟ୍ରାଏ କରୁଛୁ ଏବଂ ସବୁକିଛି ଆମ ସପକ୍ଷରେ ଯାଇଛି। ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି।

ମୋ ମତରେ ଆମେ ଖେଳିଥିବା ଗତ ୫ରୁ ୬ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛୁ। ଆମେ ପ୍ରାୟ ସମାନ କମ୍ବିନେଶନ ସହ ପ୍ରତ୍ୟେକ ମ୍ୟାଚ୍ ଖେଳି ଜିତିଛୁ। ଆମେ ନିର୍ଦ୍ଦିଷ୍ଟ ଭାବେ ଏହି ସିରିଜ୍ ଲାଗି ଅଧିକ କିଛି ପରିବର୍ତ୍ତନ କରି ନାହୁଁ। ସବୁ କିଛି ଠିକ ଚାଲିଛି। ଏଣୁ ଆମେ ସେହିଭଳି ଖେଳିବାକୁ ଚାହୁଁ। ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡଙ୍କ ଉପସ୍ଥିତି ସହାୟତା ହେବ। କାରଣ ସେ ନୂଆ ବଲରେ ଏବଂ ଡେଥ ଓଭରରେ ମଧ ବୋଲିଂ କରନ୍ତି। ତାଙ୍କ ଉପସ୍ଥିତି ଦଳକୁ ସନ୍ତୁଳନ ପ୍ରଦାନ କରିବା ସହ ଆମ ପାଇଁ ଅନେକ କିମ୍ବିନେଶନ ବ୍ୟବହାର କରିବା ଲାଗି ବାଟ ଖୋଲିଦିଏ। ମୋ ମତରେ ତାଙ୍କ ଅଭିଜ୍ଞତା ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଆଇସିସି ଇଭେଣ୍ଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରନ୍ତି ବୋଲି ଟିମ୍ କମ୍ବିନେଶନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସୂର୍ଯ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କଠାରୁ ଆଗୁଆ ଆସିଥିବା ହାର୍ଦ୍ଦିକ ରବିବାର ସନ୍ଧ୍ୟାରେ ବାରବାଟୀରେ ପ୍ରାକ୍ଟିସ କରିଥିଲେ। ଏଣୁ ସୋମବାର ଦଳର ଅପ୍ସନାଲ ପ୍ରାକ୍ଟିସରେ ଭାଗ ନେଇ ନ ଥିଲେ। ଏତଦ୍ ବ୍ୟତୀତ ଦଳରୁ ବାଦ୍ ପଡ଼ିଥିବା ରିଙ୍କୁ ସିଂଙ୍କୁ ଶିବମ ଦୁବେଙ୍କ ସହ ତୁଳନା କରାଯିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଦୁବେ ଜଣେ ଅଲରାଉଣ୍ଡର। ଏଣୁ ତାଙ୍କୁ ଓ ହାର୍ଦ୍ଦିକଙ୍କୁ ଅନ୍ୟ ଖେଳାଳିଙ୍କ ସହ ତୁଳନା କରାଯିବା ଉଚିତ ନୁହେଁ। ସବୁଠୁ ବଡ଼ କଥା ହେଲା ଯେ, ଆମ ଦଳର ୩ରୁ ୭-ନଂ ପର୍ଯ୍ୟନ୍ତ ବ୍ୟାଟର ଯେକୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ଦକ୍ଷ। ବ୍ୟାଟିଂ ଲାଇନ୍‌ରେ ଓପନରଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟରଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ପୋଜିଶନ ନାହିଁ। ମ୍ୟାଚ୍‌ର ପରିସ୍ଥିତିକୁ ଦେଖି ସେମାନଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରାଯିବ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ଦୁବେ ନଂ-୩ ପୋଜିଶନକୁ ପ୍ରମୋଟ କରାଯାଇଥିଲା।


ବାରବାଟୀରେ ସୋମବାର ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।


ଶୁବମନ ଗିଲ୍, ଅକ୍ଷର ପଟେଲ, ଅଭିଷେକ ଶର୍ମା, ଶିବମ୍ ଦୁବେ ଓ ୱାଶିଂଟନ ସୁନ୍ଦରଙ୍କ ଅଭ୍ୟାସ।

# ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଗ୍ୟାଲେରିରେ ଭିଡ଼

କଟକ,୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀରେ ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ୍ ଖେଳା ଯିବାକୁ ଥିବାବେଳେ ଏହାକୁ ନେଇ ଓଡ଼ିଶାର ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା.୫୦ରେ ଭାରତୀୟ ଦଳ ନେଟ୍ ପ୍ରାକ୍ଟିସ ଲାଗି ପହଞ୍ଚିଥିଲା। ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ପ୍ରାୟ ୪ରୁ ୫୦୦୦ ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦଳ ବାରବାଟୀରେ ପହଞ୍ଚି ଫ୍ଲଡ୍ ଲାଇଟ୍ସରେ ନେଟ୍ସ ପ୍ରାକ୍ଟିସ କରିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନେଟ୍ସ ଦେଖିବା ପାଇଁ ଦର୍ଶକଙ୍କ ନିମନ୍ତେ ପ୍ରଥମେ ୬ ଓ ୭ ନଂ ଗ୍ୟାଲେରିକୁ ଖୋଲା ଯାଇଥିଲା। ପରେ ଦର୍ଶକଙ୍କ ସଂଖ୍ୟା ବଢ଼ିବାରୁ ୧ ଓ ୨ ନଂ ଗ୍ୟାଲେରିକୁ ମଧ ଖୋଲିବାକୁ ପଡିଥିଲା। ଶୀତୁଆ ସନ୍ଧ୍ୟାରେ ଗ୍ୟାଲେରିଗୁଡିକ ଲୋକାରଣ୍ୟ ହୋଇ ଉଠିଥିଲା। ଖେଳାଳିମାନେ ପଡ଼ିଆରେ ପ୍ରବେଶ କରୁଥିବା ବେଳେ ଦର୍ଶକମାନେ କୋଳାହଳ ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଅଧିକ ସଂଖ୍ୟକ ଦର୍ଶକଙ୍କୁ ଦେଖି ଖେଳାଳିମାନେ ମଧ ଉତ୍ସାହିତ ହୋଇଥିଲେ। ଅଭ୍ୟାସ ପରେ ଖେଳାଳିମାନେ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଅଭ୍ୟାସ ବେଳେ ଗ୍ରାଉଣ୍ଡରେ ନିଯୁକ୍ତ ଥିବା ଜଣେ କର୍ମଚାରୀ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଷ୍ଟ୍ରେଚର ଯୋଗେ ଗ୍ରାଉଣ୍ଡରୁ ବାହାରକୁ ନିଆଯାଇଥିଲା।

### କଏନ, ଚାର୍ଜର, ପାଣି ବୋତଲ ମନା

ମଙ୍ଗଳବାର ସନ୍ଧ୍ୟା ୭ଟାରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ପ୍ରାୟ ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକଙ୍କୁ ଷ୍ଟାଡିୟମ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ମ୍ୟାଚପାଇଁ ଦର୍ଶକଙ୍କଲାଗି ବାରଣ କରାଯାଇଥିବା ସାମଗ୍ରୀ ମଧ୍ୟରେ କଏନ, ମୋବାଇଲ ଚାର୍ଜର, ପାଣି ବୋତଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାମିଲ ରହିଛି। ସାଧାରଣ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ପ୍ରତ୍ୟେକ ଗ୍ୟାଲେରିରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି।

### ଉପସ୍ଥିତ ରହିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ସେହିପରି ମ୍ୟାଚ୍‌ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିସହିତ ବାରବାଟୀରେ ପ୍ରଥମକରି ମ୍ୟାଚ୍ ପୂର୍ବରୁ ଓ ମଧ୍ୟାନ୍ତରରେ ଡିଏମ୍‌ଏକ୍ସ ଶୋ (ଲାଇଟ୍ ଶୋ) କରାଯିବ। ସେହିପରି ଯେଉଁ ଦର୍ଶକ ଷ୍ଟାଡିୟମ ପରିସରକୁ ଆସି ମ୍ୟାଚ୍ ଦେଖିବାରୁ ବଞ୍ଚିତ ରହିବେ, ସେମାନଙ୍କ ପାଇଁ ଖାସ୍ କରି ଉପର ଓ ତଳ ବାଲିଯାତ୍ରା ପଡ଼ିଆ ସହ ଇନଡୋର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଏଠାରେ ଦର୍ଶକଙ୍କ ପାଇଁ ଏଲ୍‌ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି।

# ଆମେ ଏଣ୍ଟରଟେନିଂ କ୍ରିକେଟ ଖେଳିବୁ: ମାରକ୍ରମ

କଟକ,୮।୧୨(ଅନାଦି କର)

ଗତ ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ପରାଜିତ ହୋଇ ରନର ଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ଏଡେନ ମାରକ୍ରାମଙ୍କ ନେତୃତ୍ୱରେ ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳି ଆସୁଛି। ଏହା ଦର୍ଶକଙ୍କୁ ଏଣ୍ଟରଟେନ କରୁଥିବା ବେଳେ ଏହି ଆପ୍ରୋଚ ଦକ୍ଷିଣ ଆଫ୍ରିକା ଲାଗି ଫଳପ୍ରଦ ସାବ୍ୟସ୍ତ ହୋଇ ନାହିଁ। ଏହି ଦଳ ଟି୨୦ ବିଶ୍ୱକପ୍ ପରଠାରୁ ବିଭିନ୍ନ ଦ୍ୱିପାକ୍ଷୀକ ଟି୨୦ ସିରିଜ୍‌ରେ ପରାଜିତ ହୋଇଛି। ଏହାସତ୍ତ୍ୱେ ବାରବାଟୀରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ସିରିଜ୍ ଲାଗି ଭ୍ରମଣକାରୀ ଦଳ ତା'ର ଆଟାକିଂ ଆପ୍ରୋଚରେ କୌଣସି ପରିବର୍ତ୍ତନ କରିବ ନାହିଁ। ଏ ନେଇ ଦକ୍ଷିଣ ଆଫ୍ରିକା ଦଳର ପ୍ରାକ୍ଟିସ ପୂର୍ବରୁ ଅଧିନାୟକ ଏଡେନ ମାରକ୍ରମ ସ୍ପଷ୍ଟ କରିଛନ୍ତି।

ଆମେ ଯୋଜନାରେ କୌଣସି ପରିବର୍ତ୍ତନ କରିନାହୁଁ। ଏହା ଟି୨୦ କ୍ରିକେଟ, ଯାହାକି ଏଣ୍ଟରଟେନିଂ ଫର୍ମାଟ। ଆମେ ସେହି ବ୍ରାଣ୍ଡର ଖେଳ ପ୍ରଦର୍ଶନ କରିବାକୁ ଚାହୁଁ। ଆମେ ଚାହୁଁ, ଆମ ଖେଳାଳି ଭୟମୁକ୍ତ ହୋଇ ନିଜ ଖେଳକୁ ଏଞ୍ଜୟ କରନ୍ତୁ ବୋଲି ମାରକ୍ରମ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏତଦ୍ ବ୍ୟତୀତ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆନରିଚ ନର୍କିଆଙ୍କ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ୧୪୦ରୁ ଊର୍ଦ୍ଧ୍ୱ ଗତିରେ ବୋଲିଂ କରିପାରୁଥିବା ନର୍କିଆଙ୍କ ଭଳି ବୋଲର ଫେରିବା ଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇଛି। ତାଙ୍କ ଇଞ୍ଜୁରି ଯୋଗୁ ଆମ ପାଖରେ ଫାଷ୍ଟ ବୋଲିଂ ବିକଳ୍ପ ବୃଦ୍ଧି ପାଇଛି। ଅନ୍ତିମ ଥର ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିବା ନର୍କିଆ ଦଳକୁ ଫେରୁଥିବାରୁ ନିଶ୍ଚିତ ଭାବେ ଉତ୍ସାହିତ ଥିବେ ଏବଂ ମୁଁ ନିଶ୍ଚିତ ଯେ, ସେ ନିଜର ଶତ ପ୍ରତିଶତ ଦେବେ।


ଏଡେନ ମାରକ୍ରମଙ୍କ ବୋଲିଂ ଅଭ୍ୟାସ।

### ଅଭିଷେକଙ୍କ ଉଇକେଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ମୁଁ ଅଭିଷେକଙ୍କ ସହ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ଖେଳିଛି। ସେ ଖୁବ ଭଲ ଓ ଭୟମୁକ୍ତ ଖେଳାଳି। ସେ ପ୍ରଥମ ବଲରୁ ପ୍ରତିପକ୍ଷ ଦଳ ଉପରେ ଚାପ ପକାନ୍ତି। ଏଣୁ ତାଙ୍କ ଉଇକେଟ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଏବେ ଆଗକୁ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ଆରମ୍ଭରୁ ବଡ଼ ବଡ଼ ଶଟ୍ ଖେଳିବାକୁ ଚାହାଁନ୍ତି। କାରଣ ଏହା ଏଣ୍ଟରଟେନମେଣ୍ଟ ଯୋଗାଏ ଏବଂ ଏହା ଦ୍ୱାରା ସେମାନଙ୍କ ଲାଗି ବିଭିନ୍ନ ଲିଗ୍‌ରେ ଖେଳିବାର ବାଟ ଫିଟିଯାଏ। ବର୍ତ୍ତମାନ ଟି୨୦ କ୍ରିକେଟ ସେହି ଦିଗରେ ଆଗକୁ ଯାଉଛି ବୋଲି ଅଭିଷେକଙ୍କ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ମାରକ୍ରାମ କହିଛନ୍ତି। ୨୫ ବର୍ଷୀୟ ଅଭିଷେକ ଗତ ଏକ ବର୍ଷ ମଧ୍ୟରେ ନିଜକୁ ଜଣେ ବିସ୍ଫୋରକ ଓପନର ଭାବେ ପ୍ରତିଷ୍ଠିତ କରାଇଛନ୍ତି। ସେ ଗତ ଟି୨୦ ଏସିଆ କପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ସର୍ବାଧିକ ରନ ସ୍କୋର କରିଥିଲେ। ଏପରିକି ଜାତୀୟ ଦଳଠାରୁ ଦୂରରେ ଥିଲା ବେଳେ ପଞ୍ଜାବ ପାଇଁ ସୟଦ ମୁସ୍ତାକ ଅଲୀ ଘରୋଇ ଟି୨୦ ପ୍ରତିଯୋଗିତାରେ ସେ ୬ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ଆଭରେଜ ୨୪୯.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୩୦୪ ରନ କରିଛନ୍ତି।


ନେଟ୍ସରେ ନିଜ ପାଳିକୁ ଅପେକ୍ଷା କରିଛନ୍ତି ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର।



ଭାରତ ଓ ଦକ୍ଷିଣ ଆଫ୍ରିକା ନେଟ୍ ପ୍ରାକ୍ଟିସ ଦେଖିବାକୁ ସୋମବାର ଗ୍ୟାଲେରିରେ ଦର୍ଶକଙ୍କ ଭିଡ଼। (ଫଟୋ ରାଜକିଶୋର ମହାନ୍ତି)

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ